

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୮ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 APRIL 2021
Vol.No. 32 ■ No. 91 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୦୭/୦୪ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପିପିଲି ବିଧାନସଭା ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ପିପିଲିରେ ପ୍ରଚାର କରିବେ । ଆସନ୍ତା ୧୩ ତାରିଖରେ ଧର୍ମେନ୍ଦ୍ର ପ୍ରଚାର ଆରମ୍ଭ କରିବେ । ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କର ସାଧାରଣ ସଭାରେ ଉଦବୋଧନ ଦେବା ସହ ଶୋଭାଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ବିଜେପିର ଆଉ କିଛି କେନ୍ଦ୍ରୀୟ ନେତା ପିପିଲି ଆସି ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ୮ତାରିଖରୁ ପିପିଲି-ଡେଲାଙ୍ଗ ଅଂଚଳରେ ଜୋନାଲ ରାଲି କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ : ମହିଳା ଗିରଫ

ବାଲେଶ୍ୱର,୦୭/୦୪ (ନି.ପ୍ର): ଆଦର୍ଶ ସହଦେବଖୁଣ୍ଟା ଥାନା ପକ୍ଷରୁ ଚଢ଼ଉ ହୋଇ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ସହ ଅରଡବଜାର ଅଂଚଳର ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ମହିଳା ଜଣକ ହେଲେ ସହଦେବଖୁଂଟା ଥାନାର ଅରଡବଜାର ଅଂଚଳର ସୁଶାନ୍ତ ସେଠୀଙ୍କ ପତ୍ନୀ ମଞ୍ଜୁ ଦାସ ଓରଫ ମାମା। ଅଭିଯୁକ୍ତ ମହିଳା ନିୟମିତ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ବିଶ୍ୱସ୍ତ ସୁତ୍ରରୁ ଖବର ମିଳିବା ପରେ ଅଚାନକ ତା ଘର ଉପରେ ଚଢଉ କରାଯାଇଥିଲା । ଏହି ଚଢଉରେ ସେ ଘରେ ରଖିଥିବା ୧୨ ଗ୍ରାମ ଓଜନର ବ୍ରାଉନ ସୁଗାର ସମେତ ପୂର୍ବରୁ ବିକ୍ରି କରି ରଖିଥିବା ୨୨ ଶହ ଟଙ୍କା ଜବତ ସହ ମଞ୍ଜୁ ଦାସଙ୍କୁ ଗିରଫ କରିଥିଲା । ଜବତ୍ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଏକ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ସହଦେବଖୁଂଟା ଥାନାଧିକାରୀ କହିଛନ୍ତି । ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ବିଏମ୍‌ସି ଓ ବିଡିଏ ଅଫିସ୍‌ରେ ୧୨ରୁ ୩୦ ଏପ୍ରିଲ ଯାଏଁ ସାଧାରଣ ଲୋକଙ୍କୁ ପ୍ରବେଶ ନିଷେଧ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ବିଏମ୍‌ସି ଓ ବିଡିଏ ଅଫିସ୍‌ରେ ୧୨ରୁ ୩୦ ଏପ୍ରିଲ ଯାଏଁ ସାଧାରଣ ଲୋକଙ୍କୁ ପ୍ରବେଶ ନିଷେଧ କରାଯାଇଛି। କରୋନା ସ୍ଥିତିକୁ ଆଖିଆଗରେ ରଖି ଏହି ନିଷ୍ପତି ଗ୍ରହଣ କରାଯାଇଛି। ବିଏମ୍‌ସି ପକ୍ଷରୁ ସର୍ବସାଧାରଣ ନୋଟିସ୍ ଜରିଆରେ ଏହି ସୂଚନା ଦିଆଯାଇଛି।

ଦିଲ୍ଲୀ ପରେ ପଞ୍ଜାବରେ ଲାଗିଲା ନାଇଟ୍ କର୍ଫ୍ୟୁ

ଏପ୍ରିଲ ୩୦ ପର୍ଯ୍ୟନ୍ତ ଦୈନିକ ୮ ଘଂଟା ପାଇଁ କଟକଣା

ନୂଆଦିଲ୍ଲୀ,୦୭/୦୪ (ନି.ପ୍ର): ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପୁଣି ଗତ ୨୪ ଘଂଟା ମଧ୍ୟରେ ଏକ ଲକ୍ଷ ପାର କରିଛି । ଏହାରି ମଧ୍ୟରେ କରୋନା ସଂକ୍ରମଣକୁ ରୋକିବାକୁ କେନ୍ଦ୍ରସରକାର ରାଜ୍ୟ ମାନଙ୍କୁ ଦାୟିତ୍ୱ ଦେଇଥିବା ବେଳେ ଦିଲ୍ଲୀ ପରେ ପଞ୍ଜାବ ସରକାର ରାଜ୍ୟରେ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି । ଏହି କଟକଣା ଦୈନିକ ୮ ଘଂଟା ପାଇଁ ଲାଗୁ କରାଯିବ ବୋଲି କୁହାଯାଇଛି । ଏହା ରାତି ୯ ରୁ ସକାଳ ୫ ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ସମୟରେ ଅତ୍ୟାବଶକୀୟ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିବ । ଏହା ପୂର୍ବରୁ ରାଜଧାନୀରେ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ କରାଯିବ ବୋଲି ଘୋଷଣା କରାଯାଇଥିଲା । ଏହି ନାଇଟ୍ କର୍ଫ୍ୟୁକୁ ବାଦ ଦେଲେ ରାଜ୍ୟରେ ସମସ୍ତ ସ୍କୁଲ କଲେଜକୁ ବନ୍ଦ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ । ଏହାସହ ସାର୍ବଜନୀକ କାର୍ଯ୍ୟକ୍ରମ, ବିବାହ ଉତ୍ସବ ଉପରେ ବି କଟକଣା ଲଗାଯାଇଛି । ବାହାଘର ଭୋଜି ଯଦି ହୋଟେଲରେ ହେଉଥାଏ ତେବେ ସେଠାରେ ୧୦୦ ଲୋକ ସାମିଲ ହୋଇପାରିବେ ଓ ଏହାଯଦି ଖୋଲା ସ୍ଥାନରେ ଆୟୋଜିତ ହୋଇଥାଏ ତେବେ ୨୦୦ ଲୋକ ସାମିଲ ହୋଇପାରିବେ ବୋଲି କୁହାଯାଇଛି ।

ବଢୁଥିବା ସଂକ୍ରମଣକୁ ଦେଖି ସ୍କୁଲ ଓ ଗଣଶିକ୍ଷା ବିଭାଗର ବଡ ନିଷ୍ପତ୍ତି

ନବମ ଓ ଏକାଦଶ ଶ୍ରେଣୀର କ୍ଲାସ ବାତିଲ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ରାଜ୍ୟରେ ବଢୁଥିବା ସଂକ୍ରମଣକୁ ଦେଖି ବଡ ନିଷ୍ପତ୍ତି ନେଇଛି ସ୍କୁଲ୍ ଓ ଗଣଶିକ୍ଷା ବିଭାଗ । ରାଜ୍ୟର ସମସ୍ତ ନବମ ଓ ଏକାଦଶ କ୍ଲାସକୁ ବାତିଲ କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ ଏବେ ଦୈନିକ ସଂକ୍ରମଣ ବଢିବାକୁ ଲାଗିଛି, ଏପରି ସ୍ଥିତିରେ କ୍ଲାସ୍ ହେଲେ ପିଲାମାନେ ସଂକ୍ରମିତ ହେବାର ଭୟ ରହିଛି । ଏହାକୁ ଆଖି ଆଗରେ ରଖି ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ଆସନ୍ତା ୩୦ ତାରିଖ ଯାଏଁ ନବମ ଓ ଏକାଦଶ ଶ୍ରେଣୀ କ୍ଲାସକୁ ବାତିଲ କରିଦେଇଛନ୍ତି । ଏହା ସହିତ ଏହି ଦୁଇ କ୍ଲାସର ପିଲାଙ୍କୁ ତୁରନ୍ତ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଭୟ ସରକାରୀ ଓ ବେସରକାରୀ ସ୍କୁଲର ପିଲାଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହୋଇଛି । ଯଦି ଆବଶ୍ୟକ ହୁଏ, ତେବେ ଆବଶ୍ୟକସ୍ଥଳେ ସ୍କୁଲମାନେ ଅନଲାଇନ୍ ଜରିଆରେ ପାଠ ପଢାଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଦଶମ ଓ ଦ୍ୱାଦଶ ଶ୍ରେଣୀର କ୍ଲାସ କିନ୍ତୁ ୨୫ ତାରିଖ ଯାଏଁ ଚାଲୁ ରହିବ । ଆଗକୁ ବୋର୍ଡ ପରୀକ୍ଷା ହେବାକୁ ଥିବାରୁ ପିଲାମାନଙ୍କର କ୍ଲାସ ଚାଲିବ ବୋଲି ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଏହାସହ କ୍ଲାସ ଚାଲିବା ସମୟରେ ସମସ୍ତ ପ୍ରକାର କୋଭିଡ୍ କଟକଣା ପାଳନ ସହିତ ମାସ୍କ ଓ ସାମାଜିକ ଦୂରତା ପାଳନ ହେବ ।

କୋବ୍ରା ଯବାନଙ୍କ ଫଟୋ ଜାରି କଲେ ମାଓବାଦୀ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ମାଓବାଦୀଙ୍କ କବଜାରେ ଥିବା ଯବାନଙ୍କ ଆସିଲା ଫଟୋ । ଛତିଶଗଡ ବିଜାପୁରରେ ମାଓବାଦୀଙ୍କ କବଜାରେ ଥିବା କୋବ୍ରା ବାହିନୀର ଯବାନ ରାକେଶୋର ସିଂ ମନହସଙ୍କ ଫଟୋ ପ୍ରଥମ ଥର ପାଇଁ ହସ୍ତଗତ ହୋଇଛି । ଫଟୋରୁ ଜଣାପଡୁଛି ମାଓବାଦୀଙ୍କ କ୍ୟାମ୍ପରେ ସୁରକ୍ଷିତ ଅଛନ୍ତି ଯବାନ । ତେବେ ତାଙ୍କୁ ସୁରକ୍ଷିତ ଫେରାଇବା ଲାଗି ମଧ୍ୟସ୍ଥିଙ୍କ ତାଲିକା ପଠାଇବାକୁ ସନ୍ଦେଶ ଦେଇଛନ୍ତି ମାଓାବଦୀ । ଏଥିସହ ୩ ତାରିଖରେ ଯବାନଙ୍କଠାରୁ ଲୁଟିଥିବା ଅସ୍ତ୍ରଶସ୍ତ୍ରର ଫଟୋ ମଧ୍ୟ ଜାରି କରିଥିଲା ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି । ଏକେ -୪୭, ଏଲଏମଜି, ୟୁବିଜିଏଲ, ଗ୍ରେନେଡ ଲଂଚର ସହ ୨ ହଜାର ଗୁଳି ଲୁଟିଥିବା ମାଓ ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସେହିପରି ଯବାନଙ୍କ ଗୁଳିମାଡରେ ଜଣେ ମହିଳା ମାଓବାଦୀଙ୍କ ସମେତ ୫ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରେସ ରିଲିଜ ଜାରି କରିଛି ନକ୍ସଲ ସଂଗଠନ । ବିଜାପୁର ଜୋନାଗୁଡା ଜଙ୍ଗଲରେ ନକ୍ସଲଙ୍କ ନରସଂହାର ପରେ ସିଆର୍‌ପିଏଫ୍ ଯବାନ ରାକେଶୋର ସିଂ ମନହସଙ୍କ ପତା ମିଳିନଥିଲା । ତେବେ ସେ ମାଓବାଦୀଙ୍କ କବଜାରେ ଥିବା ସାମ୍ବାଦିକଙ୍କୁ ଫୋନକରି ସୂଚନା ଦେଇଥିଲା ନକ୍ସଲ ସଂଗଠନ । ଛତିଶଗଡ ବିଜାପୁରର ସାମ୍ବାଦିକ ଗଣେଶ ମିଶ୍ରଙ୍କୁ ଫୋନ କରି ଯବାନଙ୍କ ଦେହରେ ଗୁଳି ବାଜିଥିବା ଓ ତାଙ୍କର ଚିକିତ୍ସା କରାଯାଇଥିବା କହିଥିଲେ ମାଓବାଦୀ ।

କୋଟିଆରେ ୧୪୪ ଧାରା ଜାରି

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଓଡ଼ିଶାର କୋରାପୁଟ ଜିଲ୍ଲାର ସୀମାନ୍ତ ଅଂଚଳ କୋଟିଆ ଗ୍ରାମପୁଞ୍ଜର ୨୨ଟି ଗାଁରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ପଂଚାୟତ ନିର୍ବାଚନ ଆସନ୍ତାକାଲି କରିବାକୁ ଯାଉଥିବାରୁ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ପୃକ୍ତ ଅଂଚଳରେ ୧୪୪ ଧାରା ଜାରି କରିଛନ୍ତି। ଏହା ବୁଧବାର ଅପରାହ୍ନ ୫ଟାରୁ ଆସନ୍ତାକାଲି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତର ରହିବ। ଏହି ୨୨ଟି ଗ୍ରାମରେ ୨୨ଜଣ ଅଧିକାରୀଙ୍କୁ ମାଜିଷ୍ଟ୍ରେଟ୍ କ୍ଷମତା ଦିଆଯାଇ ମୁତୟନ କରାଯାଇଛି। ସେହିପରି ଅଧିକ ପୋଲିସ୍ ମଧ୍ୟ ମୁତୟନ କରାଯାଇଛି। କୋଭିଡ୍ ନିୟମ ପାଳନ କରିବା ପାଇଁ ମଧ୍ୟ ପ୍ରଚାର କରାଯାଉଛି। ଖବର ନେବାରେ ଜଣାଯାଏ ଯେ, କୋଟିଆ ଅଂଚଳରେ ଆନ୍ଧ୍ର ସରକାର ପଂଚାୟତ ନିର୍ବାଚନ ୮ ତାରିଖରେ କରିବା ପାଇଁ ଗତ ୧ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ। ବିରୋଧି ଦଳଗୁଡ଼ିକ ଏହାକୁ ବିରୋଧକରି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସିଙ୍ଗଲ୍ ବେଂଚରେ ଏହି ମାମଲାର ଶୁଣାଣୀ ହୋଇଥିଲା ଏବଂ ଏହି ନିର୍ବାଚନକୁ ସ୍ଥଗିତ ରଖିଥିଲେ। ଏହା ବିରୁଦ୍ଧରେ ଆନ୍ଧ୍ର ସରକାର ପୁର୍ନବିଚାର କରିବା ପାଇଁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଆଉଏକ ପିଟିସନ୍ ଜାରି କରାଯାଇଥିଲା। ତିନିଜଣିଆ ଖଣ୍ଡପୀଠ ଶୁଣାଣୀ କରି ସ୍ଥଗିତାଦେଶକୁ ରଦ୍ଦ କରିଥିଲେ। ଫଳରେ ଆସନ୍ତାକାଲି ପଂଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ର ସରକାର ଅଂଟା ଭିଡ଼ିଥିବାରୁ ତା'ର ପ୍ରତିବାଦରେ କଂଗ୍ରେସ, ବିଜେପି ଏବଂ ବିଜେଡି ତିନିଦଳ ମିଶି ସୀମାରେ ଆନ୍ଦୋଳନ କରିଥିଲେ। ତେବେ ଭୋଟ୍‌ଗଣତି ହେବନାହିଁ।

ବନ୍ଦ ହେଲା ରାଜଧାନୀର ଅକ୍ସଫୋର୍ଡ କଲେଜ ଅଫ ଇଂଜିନିୟରିଂ ଆଣ୍ଡ ମ୍ୟାନେଜମେଂଟ

ଭୁବନେଶ୍ୱର,୦୭/୦୪ (ନି.ପ୍ର): କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ଏକ ଶିକ୍ଷାନୁଷ୍ଠାନ ବନ୍ଦ । ରାଜଧାନୀ ଉପକଣ୍ଠ ପଳାସପଲ୍ଲୀରେ ଥିବା ଅକ୍ସଫୋର୍ଡ କଲେଜ ଅଫ ଇଂଜିନିୟରିଂ ଆଣ୍ଡ ମ୍ୟାନେଜମେଂଟକୁ ବନ୍ଦ କରିଛି ବିଏମସି । କୋଭିଡ ଗାଇଡ ଲାଇନକୁ ଅକ୍ସଫୋର୍ଡ ଇଂଜିନିୟରିଂ କଲେଜରେ ଖୋଲାଖୋଲି ଉଲ୍ଲଂଘନ ଅଭିଯୋଗରେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଛି ଜୋନାଲ ଏନଫୋର୍ସମେଂଟ ଟିମ୍ । ରାଜ୍ୟରେ କରୋନା ବଢୁଥିବା ବେଳେ ଏବେ ପୁଣି ନିୟମ କଡାକଡି କରାଯାଇଛି । ଭୁବନେଶ୍ୱରରେ ଅଧିକ ଶିକ୍ଷାନୁଷ୍ଠାନ ଗୁଡିକରେ କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ଏହାପରେ ଶିକ୍ଷାନୁଷ୍ଠାନ ଗୁଡିକରେ କରୋନା ନିୟମକୁ କଡାକଡି କରାଯାଇଛି ।

ହଠାତ୍ ବଢିଲା କୋଭିଡ୍ ସଂକ୍ରମଣ

ଗତ ୨୪ ଘଂଟାରେ ରାଜ୍ୟରେ ୭୯୧ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୪୬୪୭କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୪୬୪୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୪୨୫୫ ରହିଛି । ଆଜି ଚିହ୍ନଟ ହୋଇଥିବା ୭୯୧ ଜଣଙ୍କ ମଧ୍ୟରୁ ୪୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୪୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୪୮ ଜଣ, ଭଦ୍ରକରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୪ ଜଣ, ବୌଦ୍ଧରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୪୬ ଜଣ, ଦେବଗଡ ଜିଲ୍ଲାରୁ ଜଣେ, ଢେଙ୍କାନାଳ ଜିଲ୍ଲାରୁ ୩ ଜଣ, ଗଞ୍ଜାମରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୩୧ ଜଣ, କଳାହାଣ୍ଡିରୁ ୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ. କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୩୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୧୮ ଜଣ, ପୁରୀରୁ ୪୩ ଜଣ, ସୋନପୁରରୁ ୭ ଜଣ, ସୁନ୍ଦରଗଡ଼ରୁ ୧୪୫ ଜଣ ଓ ଷ୍ଟେଟ୍ ପୁଲରୁ ୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ରାଜଧାନୀର ଭଡା ଘରେ ଗଂଜେଇ ଗୋଦାମ୍ : ୫ଜଣଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ରାଜଧାନୀର ଭଡା ଘରେ ଗଂଜେଇ ଗୋଦାମ୍ । ବହୁ ପରିମାଣର ଗଂଜେଇ ଜବତ କଲା ସ୍ପେଶାଲ ସ୍କ୍ୱାର୍ଡ । ଘଟଣାରେ ୫ଜଣଙ୍କୁ ଗିରଫ କଲା ପୋଲିସ । ଘଟଣାରେ ୨ ବିହାରୀ ଯୁବକଙ୍କ ମାଷ୍ଟର ମାଇଣ୍ଡ ଥିବା ସୂଚନା । ୫ ଅଭିଯୁକ୍ତ ମଧ୍ୟରେ ଅଛନ୍ତି ୩ଜଣ ମହିଳା । କନ୍ଧମାଳରୁ ଚୋରାରେ ଆଣି ଭୁବନେଶ୍ୱର ଭଡା ଘରେ ଛୋଟ ଛୋଟ ପକେଟ କରି ବାହାର ରାଜ୍ୟକୁ ହେଉଥିଲା ଚାଲଣ । ଘଟଣାରେ ପୋଲିସ ସନ୍ଦେହ ନକରିବ ସେଥିପାଇଁ ମହିଳାଙ୍କୁ ବ୍ୟବହାର କରୁଥିଲେ ବିହାରୀ ଯୁବକ ।

କରୋନାର ଦ୍ୱିତୀୟ ଲହରରେ ଛତିଶଗଡ ସରକାର ଘୋଷଣା କଲେ ପ୍ରଥମ ଲକଡାଉନ୍

ରାୟପୁରରେ ୧୧ ଦିନିଆ ଲକଡାଉନ୍ ଘୋଷଣା : ସିଲ୍ ହେବ ସବୁ ସୀମା

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଛତିଶଗଡ ସରକାର ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟର ସବୁଠାରୁ ବଡ ସହର କୁହାଯାଉଥିବା ରାୟପୁରରେ ୧୦ ଦିନିଆ ପୂର୍ଣ୍ଣ ଲକଡାଉନ୍ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ସୂଚନା ମୁତାବକ ଏହି ଲକଡାଉନ୍ ଏପ୍ରିଲ ୯ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯିବ । ରାୟପୁର ଜିଲ୍ଲାପାଳ ଏ ବାବଦରେ ନିର୍ଦ୍ଦେଶନାମା ଜାରି କରିଦେଇଛନ୍ତି । ପୂର୍ଣ୍ଣ ଲକଡାଉନ ସମୟରେ ଜିଲ୍ଲାର ସମସ୍ତ ସୀମା ସିଲ୍ କରାଯିବ ବୋଲି କୁହାଯାଇଛି । ରାୟପୁର ଜିଲ୍ଲାପାଳଙ୍କ ସୂଚନା ମୁତାବକ ଲକଡାଉନ୍ ସମୟରେ ସହରର ସମସ୍ତ ମଦ ଦୋକାନ ବନ୍ଦ ରହିବ । ଏହାସହ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବି ବନ୍ଦ ରହିବା ବା ସହ ବ୍ୟାଙ୍କ ବନ୍ଦ ରହିବ । ଅନ୍ୟପଟେ ଶିଳ୍ପ ପ୍ରତିଷ୍ଠାନ ମାନଙ୍କରେ ଯେଉଁ ଶ୍ରମିକ ମାନେ ପ୍ରତିଷ୍ଠାନ ଭିତରେ କାମ କରୁଛନ୍ତି ସେମାନେ କାର୍ଯ୍ୟ କରିପାରିବେ । ଏହାସହ ସମସ୍ତ ଧାର୍ମିକ ପୀଠ, ପର୍ଯ୍ୟଟନସ୍ଥଳୀ ବି ବନ୍ଦ ରହିବ ବୋଲି କୁହାଯାଇଛି । ଅନ୍ୟପଟେ କୋଭିଡ କଟକଣା ଉଲଙ୍ଘନ କଲେ ପ୍ରଶାସନ ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କହିରଖୁ କି ମଙ୍ଗଳବାର ଦିନ ଛତିଶଗଡରେ ରେକର୍ଡ ସଂଖ୍ୟକ ୯୯୨୧ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାସହ ୫୩ ଜଣ ଲୋକ ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ମଙ୍ଗଳବାର ଦିନ କେବଳ ରାୟପୁରରୁ ୨୮୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ । ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ପ୍ରଥମ ରାଜ୍ୟ ଭାବେ ଛତିଶଗଡ ରାୟପୁର ସହରରେ ପୂର୍ଣ୍ଣ ଲକଡାଉନ୍ ଘୋଷଣା କରିଛି ।

ରାମ ମନ୍ଦିର ପରିସରରେ ଥିବା ଫଙ୍କସନ୍ ହଲ୍‌କୁ ସିଲ କଲା ବିଏମସି

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ରାମ ମନ୍ଦିର ପରିସରରେ ଥିବା ଫଙ୍କସନ୍ ହଲ୍‌କୁ ସିଲ କରିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିନା ଅନୁମତିରେ ଜନପଥସ୍ଥିତ ରାମ ମନ୍ଦିର ପରିସରରେ ଥିବା ଫଙ୍କସନ୍ ହଲ୍‌ରେ ଏକ ଜନ୍ମଦିନ ଉତ୍ସବ ପାଳନ ହେଉଥିବାରୁ ହଲ୍‌କୁ ସିଲ୍ କରାଯାଇଛି। ସଂକ୍ରମଣ ହେତୁ ଭୁବନେଶ୍ୱରରେ ସମସ୍ତ ସଭାସମିତି ଓ ଉତ୍ସବ ଲାଗି ବିଏମସିର ଅନୁମତି ବାଧ୍ୟତାମୂଳକ କରାଯାଇଛି।

ଗ୍ୟାରେଜ ମିସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଣି ୨ କୋର୍ଟ ଚାଲାଣ, ବାଇକ ଉଦ୍ଧାର

କୋରାଇ,୦୭/୪(ନି.ପ୍ର): ମରଣାନ୍ତକ ଆକ୍ରମଣ ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପୁଣି ୨ଜଣ ସୁପାରି କିଲର ଗିରଫ ହେବା ସହ ବାଇକ ଉଦ୍ଧାର କରିଛି ପାଣିକୋଇଲି ପୁଲିସ । ପୂର୍ବରୁ ବ୍ୟବସାୟୀକ ଶତ୍ରୁତାର ଏଭଳି ଘଟଣା ଘଟିଥିବା କୁହାଯାଉଛି । ମୁଖ୍ୟ ଅଭିଯୁକ୍ତ କୋରାଇ ଥାନା ବରୁଣ୍ଡାଇ ବାଗଡିଆ ଗ୍ରାମର ନଟବର ଯେନାଙ୍କ ପୁଅ ସଂଜୁ ଓରଫ ସଂଜୟ ଯେନା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାର ଦୁଇ ସୁପରି କିଲର ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଂଚଳ ଥାନା ରାମକୃଷ୍ଣପୁର ଗ୍ରାମର ବିରେନ୍ଦ୍ର ଖିଲାରଙ୍କ ପୁଅ ଗୌର ଓରଫ ସତ୍ୟବ୍ରତ(୨୫)କୁ ଗିରଫ କରିବା ସହ ତାନିକଟରୁ ଅପହରଣ ହୋଇଥିବା ବାଇକକୁ ଉଦ୍ଧାର କରିବା ସହ ଅନ୍ୟତମ ଅଭିଯୁକ୍ତ କେଉଁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ବରାଇ ଗ୍ରାମର ରାମଚନ୍ଦ୍ର ନାୟକଙ୍କ ପୁଅ ପ୍ରଶାନ୍ତ ଓରଫ ଦୀନବନ୍ଧୁ(୩୫)କୁ ଗିରଫ କରାଯାଇଥିଲା । ଅଜି ଦୁଇ ସୁପାରି କିଲରଙ୍କୁ ଦଫା ୩୨୩, ୩୨୫, ୫୪୩(ଏ), ୩୭୯, ୩୪ ଆଇପିସିରେ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶଯେ କୋରାଇ ଥାନା ଅନ୍ତର୍ଗତ ବୈତରଣୀରୋଡ ବଜାରରେ ବରୁଣ୍ଡାଇ ଗ୍ରାମର ଚଇନ ବରାଳଙ୍କ ପୁଅ ଗୌରାଙ୍ଗ ଏକ ମଟର ସାଇକେଲ ଗ୍ୟାରେଜ କରିଛନ୍ତି । ତାଙ୍କର ଆଉ ଜଣେ ଗ୍ୟାରେଜ ସହ ବ୍ୟବସାୟୀକ ଶତ୍ରୁ ପ୍ରତୀଦ୍ୱନ୍ଦୀ ଭାବେ ରହିଥିଲା । ଗୌରାଙ୍ଗଙ୍କ ଗ୍ୟାରେଜରେ ମଦନ ବାରିକଙ୍କ ପୁଅ ହୃଷିକେଶ ବାଇକ ମେକାନିକ ଭାବେ କାମ କରେ । ରାତ୍ରୀରେ କେହି ଜଣେ ହୃଷିଙ୍କ ଫୋନକୁ କଲ କରି ପାଣିକୋଇଲି ଅମୃତିଆ ରାସ୍ତାର ଅମୃତିଆ ଠାରେ ତାଙ୍କ ବାଇକ ଖରାପ ହୋଇଛି ତୁରନ୍ତ ପହଂଚିବାକୁ କହିଥିଲେ । ହୃଷି କାମ କରିବାକୁ ତାଙ୍କ ଗ୍ୟାରେଜରେ କାମ ପାଇ ଦେଇଥିବା ଜଣେ ଶିକ୍ଷକଙ୍କ ବାଇକ(ଓଡି୩୪ଏଫ ୦୮୬୦)କୁ ଧରି ବାହାରିଥିଲେ । ହୃଷି ଫୋନ ପାଇ ବାଇକ କାମ କରିବାକୁ ଅମୃତିଆରେ ପହଂଚିଥିଲେ । ମାତ୍ର ସେଠାରେ କେହି ନଥିବାରୁ ହୃଷି ସେହି ନମ୍ବରକୁ ଫୋନ କରିଥିଲେ । ସେ ବର୍ତମଣା ଗ୍ରାମ ପାଖରେ ଥିବା ସୂଚନା ଦେଇଥିଲେ । ହୃଷି ବର୍ତମଣା ପାଖରେ ପହଂଚିବା କ୍ଷଣି ହଠାତ କିଛି ବ୍ୟକ୍ତି ସଙ୍ଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ମରଣାଙ୍କ ଆକ୍ରମଣରେ ଆହତ ହୋଇ ହୃଷି ଚିତ୍କାର କରୁଥିବା ବେଳେ ଦୃର୍ବୃତ ମାନେ ତାଙ୍କ ନିକଟରେ ଥିବା ଟଙ୍କା ସହ ବାଇକଟିକୁ ନେଇ ପଳାଇଯାଇଥିଲେ । ରାସ୍ତା କଡରେ ସଙ୍କଟାପନ୍ନ ଭାବେ ପଡି ଚିତ୍କାର କରୁଥିବା ବେଳେ ସେହିବାଟ ଦେଇ ଯାଉଥିବା ଅନ୍ୟ ଏକ ବାଇକ ଆରୋହୀ ତାଙ୍କୁ ଉଦ୍ଧାର କରି ବୈତରଣୀରୋଡ ନେଇଥିଲେ । ଗ୍ୟାରେଜ ମାଲିକ ଗୌରାଙ୍ଗ କିଛି ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଏନେଇ ବଜାର କମିଟି କର୍ମକର୍ତା ଓ ସରପଂଚଙ୍କ ସହ ଆଲୋଚନା କରି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ପାଣିକୋଇଲି ପୁଲିସ ଅଭିଯୋଗ ପାଇବା ପରେ ଏକ ମାମଲା ୧୦୪/୨୧ ରୁଜୁ କରିଥିଲା । ଥାନାଧିକାରୀ ଚକ୍ରପତି କହଁର ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏଏସଆଇ ଅମୀୟ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ । ଶ୍ରୀ ବେହରା ମାମଲାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କ ସୁରାକ ପାଇବା ପରେ ରାତି ଅଧିଆ ଚଢାଉ କରିଥିଲେ । କୋରାଇ ଥାନା ବରୁଣ୍ଡାଇ ବାଗଡିଆ ଗ୍ରାମର ନଟବର ଯେନାଙ୍କ ପୁଅ ସଂଜୁ ଓରଫ ସଂଜୟ ଯେନା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ମାମଲାର ତଦନ୍ତ ଜାରି ରଖିଥିଲେ ।

ପରିବା ବିକ୍ରୀ କରିନପାରି ରାସ୍ତାରେ ପରିବା ଢାଳି ବେପାରୀଙ୍କ ପ୍ରତିବାଦ

ଝାରସୁଗୁଡା,୦୭/୪(ନି.ପ୍ର): କଟକଣା ଯୋଗୁଁ ପରିବା ବିକ୍ରି କରିନପାରି ରାସ୍ତାରେ ଢ଼ାଳି ପନିପାରିବ ବିକାଳୀଙ୍କ ପ୍ରତିବାଦ କରିଛନ୍ତି। ସକାଳ ଠାରୁ ସାଢ଼େ ଆଠ ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା । ପୌର ନିର୍ବାହୀ ଅଧିକାରୀ ଓ ପୋଲିସ ଉପସ୍ଥିତ ରେ ଆଲୋଚନା ହୋଇଛି। ଆଜି ସନ୍ଧ୍ୟାରେ ରେ ଜିଲା ପ୍ରଶାସନ ସହ ଆଲୋଚନା ହୋଇ ନିଷ୍ପତି ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଝାରସୁଗୁଡ଼ା ସହର ରେ ଥିବା ଏକ ମାତ୍ର ବଜାର କୁ ପ୍ରଶାସନ ପକ୍ଷରୁ କୋରନା କଟକଣା ଯୋଗୁଁ ବନ୍ଦ କରିଦିଆଯାଇଛି। ଫଳରେ ଏହି ବଜାର ଉପରେ ନିର୍ଭର କରୁଥିବା ଚାଷୀ ଏବଂ ପରିବା ବ୍ୟବସାୟ ମାନେ ପରିବା ବିକ୍ରି କରି ନ ପାରି ଅସୁବିଧା ସମ୍ମୁଖୀନ ହୋଇଛନ୍ତି।ପ୍ରଶାସନ ପକ୍ଷରୁ ସାପ୍ତାହିକ ହାଟ ଓ ଦୈନିକ ହାଟ ବନ୍ଦ କରିଦିଆଜାଇ ସହର ର ବିଭିନ୍ନ ସ୍ଥାନରେ ପରିବା ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।ପରିବା ବିକାଳୀଙ୍କ ଅଭିଯୋଗ ହେଲା ତାଙ୍କୁ କେଉ ଜାଗାରେ ବିକ୍ରି କରିବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇନାହିଁ।ଆଜି ମଙ୍ଗଳ ବାର ବଜାର ଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଷୀ ଓ ବ୍ୟବସାୟୀ ପରିବା ଧରି ପହଞ୍ଚିବା ପରେ ଏଠାରେ ବିକ୍ରି କରିବା ପାଇଁ ପୋଲିସ ପକ୍ଷରୁ ବାରଣ କରାଯାଇଥିଲା।ଯାହା ଫଳରେ ବ୍ୟବସାୟୀ ଙ୍କ ଉତ୍ତେଜନା ପ୍ରକାଶ ପାଇଥିଲା।ପରେ ରାସ୍ତା ଉପରେ ପନିପରିବା ଢାଳି ପ୍ରତିବାଦ କରିଥିଲେ।

ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତିବାଦରେ କଂଗ୍ରେସର ବିଦ୍ୟୁତ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା,୦୭/୪(ନି.ପ୍ର): ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଖଡିଆଳ ବ୍ଲକ ସଂଗ୍ରେସ ପକ୍ଷରୁ ଖଡିଆଳ ବିଦ୍ୟୁତ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖଡିଆଳ ବ୍ଲକ ସଭାପତି ଶ୍ୟାମ ସୁନ୍ଦର କୁଳଦୀପ ଓ ନଗର ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଖଡିଆଳ କଂଗ୍ରେସ ତରଫରୁ ଖଡିଆଳ ବିଦ୍ୟୁତ ବିଭାଗ ଏସଡିଓଙ୍କ ଅଫିସ ଠାରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ବର୍ଦ୍ଦିତ ବିଦ୍ୟୁତ ଦର ପ୍ରତ୍ୟାହାର ଉଦ୍ଦେଶ୍ୟରେ ମହାମହୀମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବିଦ୍ୟୁତ ବିଭାଗ ଏସଡିଓଙ୍କୁ ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲା କଂଗ୍ରେସ ଯୁବ ସଭାପତି କପିଲେନ୍ଦ୍ର ଭୋଇ, ହିରାଧର ମେହେର, ମିହିର ନାୟକ, ଡମନା କଟା, ଗଣ୍ଡାରାମ ନିଆଲ, ରଣଜିତ ଶବର, ବେଣୁପାଣି ବେହେରା, ସୁବାଶ ବେହେରା, ଦେବରାଜ ଶବର, ପଂଚା ସେଠୀ, କବିରାଜ ଛତ୍ରିଆ, ସତ୍ୟ କଟା, ଚନ୍ଦ୍ରଧ୍ୱଜ ବେହେରା, ସାନ ଜଗତ, ବଡ ଜଗତ, ବରୁଣ ସୁନା, ଦଶରଥ ଦୁରିଆ, ଶିଶୁପାଲ ବାଗ ପ୍ରମୁଖ ଯୋଗ ଦେଇଥିଲେ ।

ନିଶାଶକ୍ତ ବାପା ଦ୍ୱାରା ଚେଙ୍କ ଖାଇଥିବା ପୁଅକୁ ଉଦ୍ଧାର କଲା ସିଡବ୍ଲୁସି

କେନ୍ଦ୍ରାପଡା,୦୭/୪(ନି.ପ୍ର): ନିଶାଶକ୍ତ ଅବସ୍ଥାରେ ମଣିଷ ହିତାହିତ ଜ୍ଞାନଭୁଲି କିଭଳି ନୃଶଂସ ହୋଇପାରେ ତାହାର ଏକ ଉଦାହରଣ ନାବାଳକ ପୁଅଠାରେ ଦେଖିବାକୁ ମିଳିଛି । ପିଠି, ପିଚା, ଗୋଡ, ଆଦି ସମ୍ବେଦନଶୀଳ ସ୍ଥାନରେ ଲୁହା ରଡ୍ ଓ ପିଠା ଖଡିକା ତତାଇ ଚେଙ୍କଦେଇ ଲହୁଲୁହାଣ କରିଦେଇଥିବା ନାବାଳକ ପୁଅକୁ କେନ୍ଦ୍ରାପଡା ସିଡବ୍ଲୁସି ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାପାଇଁ ଭର୍ତି କରିଥିବା ଜଣାପଡିଛି । ନାବାଳକର ଚେଙ୍କ ଖାଇଥିବା ସ୍ଥାନ ଗୁଡିକର ଉପର ମଳି ଚମଡା ପୋଡି ଯାଇଥିବାରୁ କେବେ ଆରୋଗ୍ୟ ଲାଭ କରିବ ଡାକ୍ତରମାନେ ଏ ବିଷୟରେ ନିର୍ଦ୍ଦିଷ୍ଟ ପ୍ରତିଶୃତି ଦେଇପାରୁ ନାହାଁନ୍ତି। ଏଭଳି ନୃଶଂସ ଘଟଣା ସାଲେପୁର ଥାନା ଅଧିନ ରାମେଶ୍ୱର ଉଁଚାଡିହ (ଇଂଚୁଡି) ଗ୍ରାମରେ । ନାବାଳକର ଅଜା ପାଟକୁରା ଥାନା ଅଧିନ ମାହାଳ ଗ୍ରାମର ଦୁର୍ଯ୍ୟଧନ ସେଠୀ ଓ ପିଡିତ ନାବାଳକ ଜୟ ପ୍ରକାଶ ସେଠୀ(୧୫) ର ବୟାନ ଅନୁଯାୟୀ ବାପା ଅନନ୍ତ ଚରଣ ସେଠୀ ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ରୋଷେଇ ବିଳମ୍ବ ହୋଇ ଥିବାରୁ ମା ପୁଷ୍ପଲତାକୁ ମାରଧର କରିଥିଲେ । ଏହାର ପ୍ରତିବାଦ କରିବାରୁ ପୁଅ ଜୟପ୍ରକାଶ କୁ ନିଧୁମ ମାଡ ମାରି ବାନ୍ଧି ପକାଇଥିଲେ । ପରେ ଲୁହା ରଡ ଓ ପିଠା ଖଡିକା ନିଆଁରେ ତତାଇ ତାର ପିଠି, ପିଚା, ଜଙ୍ଘ ଆଦି ସ୍ଥାନରେ ଚେଙ୍କ ଦେଇଥିଲେ । ମରଣାନ୍ତକ ଯନ୍ତଣାରେ ଛଟପଟ ହେଉଥିବା ଜୟପ୍ରକାଶ କୌଣସି ମତେ ବନ୍ଧା ଅବସ୍ଥାରୁ ମୁକୁଳି ଯାଇ ଶୁକ୍ରବାର ବିଳମ୍ବିତ ରାତିରେ ଘରୁ ପଳାଇ ଆସି ଅସୁରେଶ୍ୱରର ଏକ ମନ୍ଦିର ବାରଣ୍ଡାରେ ଶୋଇ ପଡିଥିଲେ । ତେବେ ତାର ମାମୁଁଘର ମାହାଲ ଗ୍ରାମରେ ଥିବାରୁ ଖବର ପାଇ ଅଜା ଦୁର୍ଯ୍ୟଧନ ସେଠୀ ପ୍ରମୁଖ ତାକୁ ଘରକୁ ନେଇ ଆସିଥିଲେ । ଖବର ମିଳିବା ପରେ କେନ୍ଦ୍ରାପଡା ସିଡବ୍ଲୁସିର ସଂଯୋଜକ ରାକେଶ କୁମାର ବାରିକ, ବାଦଲ ଦାସ ଓ ଶିଶୁ ସୁରକ୍ଷା ସମିତିର ସ୍ମିତାଞ୍ଜଳୀ ମହାପାତ୍ର ପ୍ରମୁଖ ମାହାଳରେ ପହଁଚି ପିଲାକୁ ଉଦ୍ଧାର କରି କେନ୍ଦ୍ରାପଡା ଚିକିତ୍ସାଳୟରେ ଭର୍ତି କରିଛନ୍ତି । ରିପୋର୍ଟ ଲେଖାହେଲା ବେଳକୁ ନାବାଳକ ଜୟପ୍ରକାଶ ମେଡିକାଲରେ ଚିକିତ୍ସାଧିନ ଥିବା ଜଣାପଡିଛି ।

୧୦୦ ଶର୍ଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସରେ ହସ୍ତାନ୍ତର ନେଇ ସମସ୍ୟା

ନୂଆପଡ଼ା,୦୭/୪(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଠାରେ ୧୦୦ ଶର୍ଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ୨୦୧୩/୧୪ ଆର୍ଥିକ ବର୍ଷରେ ନିର୍ମିତ ହୋଇଅଛି । ଏହି ଛାତ୍ରୀ ନିବାସ ନିର୍ମାଣରେ ଅନେକ ତ୍ରୁଟି କାରଣରୁ ସମସ୍ୟା ଦେଖାଦେଇଛି । ନିର୍ମାଣ କାର୍ଯ୍ୟ ଅଧପାନ୍ତିଆ ହୋଇ ରହିଥିବା ବେଳେ ବିଭାଗ ପକ୍ଷରୁ ହାଇସ୍କୁଲ କର୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇନାହିଁ । ଛାତ୍ରୀ ନିବାସରେ ପାନୀୟ ଜଳ ସୁବ୍ୟବସ୍ଥା ନାହିଁ । ବିଦ୍ୟୁତ ସଂଯୋଗ ହୋଇ ନାହିଁ । ଆଗକୁ ଛାତ୍ରୀ ମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏସବୁର ଅବ୍ୟବସ୍ଥା ପାଇଁ ସନ୍ଧିହାନ ହୋଇ ପଡିଛନ୍ତି । ସୁଲୋଚନା ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ରହିଛି । ନବମରେ ୬୪ ଜଣ ଛାତ୍ରୀ ଓ ଦଶମରେ ୬୩ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବୀ ହେଉଛି ।

କଂଗ୍ରେସରୁ ଇସ୍ତଫା ଦେଲେ ସ୍ମୃତିରେଖା ପହି

ଧର୍ମଶାଳା,୦୭/୪(ନି.ପ୍ର): ରାଜ୍ୟ ରାଜନୀତିରେ ଏବେ ପିପିଲି ଉପ-ନିର୍ବାଚନ ଚର୍ଚ୍ଚାରେ ରହିଛି । ଏପଟେ କଂଗେସ ଛାଡିଛନ୍ତି ଜଣେ ନେତ୍ରୀ । ଆଜି ପୂର୍ବାହ୍ନରେ କଂଗ୍ରେସ ଦଳ ଛାଡିଥିବା ଏହି ନେତ୍ରୀ ଜଣକ ହେଉଛନ୍ତି ରାଜ୍ୟ କଂଗ୍ରେସ ମହିଳା ସାଧାରଣ ସମ୍ପାଦିକା ତଥା କଂଗ୍ରେସ ମୁଖପାତ୍ର ସ୍ମୃତିରେଖା ପହି । କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ତାଙ୍କର ଇସ୍ତଫା ପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ଅନ୍ୟ ପକ୍ଷେ ଦଳବିରୋଧରେ ଆଣିଛନ୍ତି ସଂଘାତିକ ଅଭିଯୋଗ । ଦଳ ମତେ ସହଯୋଗ କରୁନାହିଁ.ଓଡିଶା ମାଟିରେ କଂଗ୍ରେସ ଆଗକୁ ବଢିବାରିବ ନାହିଁ,ରାଜ୍ୟରେ ଏକପ୍ରକାର ସ୍ଥାଣୁ ପାଲଟିଛି । ଆଗକୁ ବଢିବା ନେଇ ଦଳର କୌଣସି ଯୋଜନା ନଥିବା ନେଇ ସ୍ମୃତି ଅଭିଯୋଗ କରିଛନ୍ତି । କଂଗ୍ରେସ ଦଳରେ ଦୀର୍ଘ ଦିନ ହେବ କାର୍ଯ୍ୟ କରିଛି,ଦଳ ପାଇଁ ଅନେକ କିଛି କରିଛି । କିନ୍ତୁ ଦଳର କିଛି ନେତାଙ୍କ ଭିତିରି ବୁଝାମଣା ଆଜି ଦଳ ପାଇଁ କାଳ ସାଜିଛି । ସେ କହିଛନ୍ତି ବର୍ତମାନ ପିପିଲିରେ ଉପ-ନିର୍ବାଚନ ହେବ,ପ୍ରଚାର ଜୋର ଚାଲିଛି । ସେଠାରେ ମଧ୍ୟ ଦଳରସ୍ଥିତି ଶୋଚନୀୟ । ଏହାର କାରଣ କିଛି ନେତାଙ୍କ ପାଇଁ । ସେହିପରି ଦଳ ରାଜ୍ୟରେ ୨ୟ ସ୍ଥାନରେ ରହିଥିବା ବେଳେବର୍ତମାନ ୩ୟ ସ୍ଥାନକୁ ଖସି ଆସିଛି । ତେଣୁ ଏଭଳି ଦଳରେ ରହିବା ପାଇଁ ଉଚିତ ମନେ କରୁ ନ ଥିବା ଦର୍ଶାଇ କଂଗେସ ଦଳରୁ ଇସ୍ତାଫା ଦେଇଛନ୍ତି । ସୂଚନା ଥାଉକି ଗତ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସର ବିଧାୟିକା ପ୍ରାର୍ଥୀଭାବେ ନିର୍ବାଚନ ମଇଦାନରେ ଅବତିର୍ଣ୍ଣ ହୋଇଥିଲେ । ତେବେ ଦଳୀୟ କନ୍ଦଳ ପାଇଁ ତାଙ୍କୁ ହାରିବାର ମୁହଁ ଦେଖିବାକୁ ପଡିଥିଲା । ଅନ୍ୟପକ୍ଷେ ଧର୍ମଶାଳା ରାଜନୀତିରେ ପାଦ ଦେବାଠାରୁ ଧର୍ମଶାଳା ଅଂଚଳର ବିଭିନ୍ନ ଦୁର୍ନୀତିକୁ ପଦାକୁ ଆଣି ଚର୍ଚ୍ଚାରେ ରହିଥିଲେ । ତେବେ ଆଗକୁ କେଉଁ ଦଳକୁ ଯିବେ ଯାହା ଏବେ ମନ ସ୍ଥିର କରି ନଥିବା ଶ୍ରୀମତି ସ୍ମୃତିରେଖା ପ୍ରକାଶ କରିଛନ୍ତି । ତେବେ ସେ ବିଜେପି ଦଳକୁ ଯିବାର ସମ୍ଭାବନା ରହିଥିବା ନେଇ ଧର୍ମଶାଳାରେ ଏବେ ଚର୍ଚ୍ଚା ହେଉଛି ।

ଝାରସୁଗୁଡା ପୋଲିସ ଦ୍ୱାରା ଆଉ ଏକ ସାଇବର ଠକ ଗ୍ୟାଙ୍ଗର ପର୍ଦାଫାଶ

ଝାରସୁଗୁଡା,୦୭/୪(ନି.ପ୍ର):ପୁଣି ଏକ ସାଇବର ଠକ ଗ୍ୟାଙ୍ଗକୁ ଗିରଫ କରିଛି ଝାରସୁଗୁଡା ପୁଲିସ । ଏହି ଗ୍ୟାଙ୍ଗର ୩ ଜଣକୁ ପୁଲିସ ସୁନ୍ଦରଗଡ ଜିଲ୍ଲା ଲେଫରିପଡା ଥାନା ଅଂଚଳରୁ ଗତକାଲି ରାତିରେ ଗିରଫ କରିଛି । ସେମାନଙ୍କଠାରୁ ୯ଟି ମୋବାଇଲ ଫୋନ ଏବଂ ଅନ୍ୟ ଜିନିଷପତ୍ର ଜବତ କରିଥିବାବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତମାନେ ଝାରଖଣ୍ଡ ଗିରିଡି ଅଂଚଳର ଗୁଡ୍ଡୁଲାଲ ରାଣା(୨୬), ପପ୍ପୁ ରାଣା(୩୨), ଗୋପାଲ ରାଣା(୩୪) ଏବଂ ଫେରାର ହୋଇଥିବା ଅଭିଯୁକ୍ତ ଜଣକ ବିର୍ଜୁ ରାଣା ବୋଲି ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ବେଲାପାହଡ ଗାନ୍ଧିନଗରରରେ ରହୁଥିବା ଜଣେ ରେଳବାଇ କର୍ମଚାରୀ ଶିବାସିସ କର୍ମାକରଙ୍କ ନିକଟକୁ ଏହି ଠକମାନେ ଗତ ମାର୍ଚ୍ଚ ୨୨ ତାରିଖ ଫୋନ କରି ଆପଣ ଫୋନ ପେରେ ୧୯ଶହ ଟଙ୍କାର ଲଟେରୀ ଜିତିଛନ୍ତି ବୋଲି କିହିଥିଲେ । ଏହାପରେ ଏକ ଲିଙ୍କ ପଠାଇ ସେଠାରେ କ୍ଲିକ କରିବା ପାଇଁ କହିଥିଲେ । ସିବାଶିସ ଲିଙ୍କରେ କ୍ଲିକ କରିବାକ୍ଷଣି ତାଙ୍କ ଆକାଉଂଟରୁ ୧୯ଶହ ଟଙ୍କା ଓ କିଛି ସମୟପରେ ୩୬ ହଜାର ଟଙ୍କା କଟିଯାଇଥିଲା । ଏବଂ ଏହି ଟଙ୍କା ପୁଣି ଆକାଉଂଟକୁ ଫେରସ୍ତ ନହେବାରୁ ଶିବାସିସ ଗତ ୨୪ ତାରିଖ ବେଲପାହାଡ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ବେଲାପାହାଡ ପୁଲିସ ଅଭିଯୋଗକୁ ଭିତିକରି ଧାରା–୪୧୯/୪୨୦ରେ କେଶ ନମ୍ବର ୫୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହାସହ ବିଭିନ୍ନ ସୂତ୍ରରୁ ଠକମାନଙ୍କ ବିଷୟରେ ପତାକରି ତାଙ୍କ ଲୋକେସନ ଯାଂଚ କରିବାସହ ଗତକାଲି ରାତିରେ ସୁନ୍ଦରଗଡ ଲେଫରିପଡାରେରେ ଚଢାଉକରି ଠକମାନଙ୍କୁ ଗିରଫ କରିଥିଲା ।

ଶ୍ରୀଲଙ୍କାରୁ ଅଣାଯାଇଥିବା ଅଶୋକବାଟିକ ପଥର ଶ୍ରୀରାମ ମନ୍ଦିରରେ ସ୍ଥାପନ କରାଯିବ

ଅଯୋଧ୍ୟା,୦୭/୪(ନି.ପ୍ର): ଶ୍ରୀରାମ ଜନ୍ମ ଭୂମିରେ ଭବ୍ୟ ଏବଂ ଦିବ୍ୟ ରାମମନ୍ଦିରର ନିର୍ମାଣ ପାଇଁ ଶ୍ରୀଲଙ୍କାରେ ସୀତା ଏଲିଆଙ୍କ ପଥର ମଧ୍ୟ ବ୍ୟବହୃତ ହେବ । ମନ୍ଦିରର ଭିତିପ୍ରସ୍ତର କାର୍ଯ୍ୟ ଅଗଷ୍ଟ ସୁଦ୍ଧା ଶେଷ ହେବ । ସୀତା ଏଲିଆଙ୍କ ପଥର ଶ୍ରୀଲଙ୍କାର ଉଚ୍ଚ ପଦାଧିକାରୀ ମିଲିଣ୍ଡା ମୋରାଗୋଡ଼ାଙ୍କ ଦ୍ୱାରା ଭାରତ ଅଣାଯିବ । ପୌରାଣିକ ବିଶ୍ୱାସ ଅନୁଯାୟୀ ସୀତା ଏଲିଆ ଶ୍ରୀଲଙ୍କାରେ ଅବସ୍ଥିତ । ଯେଉଁଠାରେ ରାବଣ ମାତା ସୀତାଙ୍କୁ ବନ୍ଦୀ କରି ରଖିଥିଲେ । ମାତା ସୀତା ସୀତା ଏଲିଆର ଏକ ବଗିଚାରେ ରଖାଯାଇଥିଲା । ଯାହାକୁ ଅଶୋକ ବାଟିକା କୁହାଯାଏ । ବର୍ତମାନ ଏହି ସ୍ଥାନରେ ଏକ ମନ୍ଦିର ଅଛି । ଯାହା ସୀତା ଅମନ କୋବିଲେ ନାମରେ ଜାଣାଶୁଣା । ଏହି ସ୍ଥାନ ନ୍ୟୁଜିଲାଣ୍ଡରୁ ଉସ୍ ଉପତ୍ୟାକାକୁ ଯାଉଥିବା ଏକ ମୁଖ୍ୟ ରାସ୍ତାରେ ୫ ମାଇଲ୍ ଦୂରରେ ଅବସ୍ଥିତ । ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୩୯ ମାସ ମଧ୍ୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ପ୍ରସ୍ତୁତ ହେବ । ଯେଉଁଥିରେ ରାଜସ୍ଥାନରୁ ଖୋଦି ପଥର ସହିତ ମିର୍ଜାପୁରର ପଥରଗୁଡ଼ିକ ମୁଖ୍ୟତଃ ଲଗାଯିବ ।

ଆଦାନି ଡିଏଭି ପବ୍ଲିକ ସ୍କୁଲରେ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୭ /୪(ହି.ସ.) - ଧାମରା ଓ ଏହାର ଚତୁଃପାର୍ଶ୍ୱରେ ଗୁଣାତ୍ମକ ଓ ମୂଲ୍ୟବୋଧଭିିକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଧାମରା ବନ୍ଦର କର୍ତୃପକ୍ଷଙ୍କ ତରଫରୁ ଗତ ୨୦୧୨ ମସିହା ଏପ୍ରିଲ ୫ ତାରିଖ ଦିନ ଆଦାନି ଡିଏଭି ପବ୍ଲିକ ସ୍କୁଲ ପ୍ରତିଷ୍ଠିତ ହୋଇଥିଲା। ବିଗତ ୯ ବର୍ଷ ଧରି ଏହି ବିଦ୍ୟାଳୟ ସ୍ଥାନୀୟ ଅ ଳରେ ଶିକ୍ଷାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଏହି ଅ ଳପାଇଁ ସୁନାମ ଆଣିଦେଇଛନ୍ତି। ସିବିଏସ୍ଇ ପରିଚାଳିତ ଦଶମ ପରୀକ୍ଷାରେ ଗତ ବର୍ଷ ଏହି ବିଦ୍ୟାଳୟ ଓଡ଼ିଶା ଜୋନ-୧ ଅନ୍ତର୍ଗତ ସମସ୍ତ ଡିଏଭି ପବ୍ଲିକ ସ୍କୁଲରେ ତୃତୀୟ ସ୍ଥାନ ଅଧିକାର କରି ଏକ ରେକର୍ଡ ପ୍ରତିଷ୍ଠା କରିଛି। ଗତ ଏପ୍ରିଲ ୫ ତାରିଖ ଦିନ ବିଦ୍ୟାଳୟର ପ୍ରେକ୍ଷାଳୟରେ ଏହାର ଦଶମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଶା ଜୋନ-୧ ଡିଏଭି ପବ୍ଲିକ ସ୍କୁଲର ଆ ଳିକ ଅଧିକାରୀ ଡଃ କେଶବ ଶତପଥୀ ଓ ବିଦ୍ୟାଳୟର ଡଃ ସୁଜାତା ସାହୁ ଅଧ୍ୟକ୍ଷା ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଦ୍ୟାଳୟର ଉ ରୋ ର କାମନା କରିଛନ୍ତି। ବିଦ୍ୟାଳୟରେ ଶାନ୍ତି ଓ ପବିତ୍ରତା ରକ୍ଷା ପାଇଁ ଏକ ଯଜ୍ଞ ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣାପ୍ରିୟା ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱାଳନ ପୂର୍ବକ କାର୍ଯ୍ୟକ୍ରମଟିର ବିଧିବଦ୍ଧ ଭାବରେ ଉଦଘାଟନ କରିବା ପରେ ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ୱାମୀ ଦୟାନନ୍ଦ ଓ ମାହାତ୍ମା ହଂସରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ଶିକ୍ଷୟିତ୍ରୀ ଶାଶ୍ୱତୀ ସାମନ୍ତଙ୍କ ନିର୍ଦ୍ଦେଶନାକ୍ରମେ ବିଦ୍ୟାଳୟ ସମ୍ପର୍କିତ ଏକ ସୁମଧୁର ସଙ୍ଗୀତ ଗାନ କରାଯାଇଥିଲା । ପ୍ରତିଷ୍ଠା ସମୟରେ ବିଦ୍ୟାଳୟର ଯୋଗଦାନ କରିଥିବା ଶିକ୍ଷକ ସାନୁଜ କୁମାର ଜେନା, ଶିକ୍ଷୟିତ୍ରୀ ଗାୟତ୍ରୀ ମହାପାତ୍ର, ନୀତୁ ବାଲା, ମମତା ପଟ୍ଟାୟତ, ରାଜୀବଲକ୍ଷ୍ମୀ ମିଶ୍ର ନିଜ ନିଜର ସ୍ମୃତି ଓ ଅନୁଭୂତି ବଖାଣିଥିଲେ। ଏହାପରେ ବିଦ୍ୟାଳୟ ସମ୍ପର୍କିତ ଏକ ବୃ ଚିତ୍ର ପ୍ରଦର୍ଶନ କରାଯିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ରୋଚକ କ୍ୱିଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣାପ୍ରିୟା ଷଡ଼ଙ୍ଗୀ ନିଜର ବକ୍ତବ୍ୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ଐକ୍ୟବୋଧ ହୋଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ବିଦ୍ୟାଳୟକୁ ନୂତନ ଶୀର୍ଷରେ ପହ ।ଇବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ତସନିମ କୌସର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଗୋଲକୁଣ୍ଡ ମା ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କା ଅଳଙ୍କାର ସହ ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୋରି

ଧର୍ମଶାଳା,୦୭/୪(ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଗୋଲକୁଣ୍ଡ ପଂଚାୟତସ୍ଥ ଗୋଲକୁଣ୍ଡ ମା ମଙ୍ଗଳା ମନ୍ଦିରରୁ ଗତ କାଲି କେହି ଦୃବୃତ ମା'ଙ୍କର ଅଳଙ୍କାର ସହ ମନ୍ଦିର ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୋରି କରି ନେଇ ଯାଇଥିବା ବରୀ-ରାମଚନ୍ଦ୍ରପୁର ଥାନାରେ ପୂଜକ ପ୍ରଦିପ କୁମାର ପତି ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲଇସ ଘଟଣାର ତଦନ୍ତ ଚଳାଇଛି । ହେଲେ ଏପର୍ଯ୍ୟନ୍ତ ଦୃବୃତଙ୍କୁ ଠାବ କରିପାରି ନ ଥିବା ଜଣାପଡିଛି । ଅଭିଯୋଗ ମୁତାବକ ଆଜି ପାହାନ୍ତାରେ ମା'ଙ୍କ ପହଡ ଖୋଲିବା ସହ ନିତ୍ୟକ୍ରମ ପୂଜା ନିମନ୍ତେ ପୂଜକ ଆସିଥିଲେ । ମନ୍ଦିର ବେଢାରେ ପଂହଚିବା ପରେ ମନ୍ଦିରର ମୁଖ୍ୟ ଗେଟର ତାଲା ଭଙ୍ଗା ଯାଇଥିବା ଦେଖି ସମସ୍ତଙ୍କ ଅବଗତ କରାଯାଇଥିଲା । ମନ୍ଦିରର ମୁଖ୍ୟ ପ୍ରଦିପ ପତି ଏନେଇ ବରୀ - ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଥିବା ଜଣାପଡିଛି । ମା'ଙ୍କର ଚକ୍ଷୁ,ନାକ,ପାଟି ଓ ଆଖିପତା ସହ ମନ୍ଦିର ପ୍ରାର୍ଥନା ପାଇଁ ବ୍ୟବହୃତ ମାଇକ ସେଟ ସହ ଘଂଟ ଆଦି ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି । ଅଭିଯୋଗ ପାଇଁ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳ ଏପର୍ଯ୍ୟନ୍ତ ଦୃବୃତଙ୍କୁ ଠାବ କରାଯାଇ ନ ଥିବା ଜଣାପଡିଛି । ଏଭଳି ଘଟଣାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ଅଂଶୁଘାତ ଦାଉରୁ ରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୦୭/୪(ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଜିଲ୍ଲା ରେଡ଼କ୍ରସ ଜାତୀୟ ସେବା ସଂସ୍ଥା ଓ ଏନସିସିର ମିଳିତ ଆନୁକୂଲ୍ୟରେ ଅଂଶୁଘାତ ଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଯୁବ ରେଡ଼କ୍ରସର ଜିଲ୍ଲା ସଂଯୋଜକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥାର ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି ଯୋଗଦାନ କରି ଅଂଶୁଘାତ ପ୍ରତି ସାବଧାନ ରହିବା ଉପରେ ଆଲୋକପାତ କରିଥିଲେ । ପିଲା ମାନଙ୍କୁ ଏନେଇ ସଚେତନ କରାଯିବା ସହିତ ଏକ ର୍‍ୟାଲିର ଆୟୋଜନ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ କରାଯାଇଥିଲା । ଇଂରାଜୀ ବିଭାଗର ଅଧାପକ ଉମେଶ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଂଶୁଘାତ ଓ ବଜ୍ରପାତ ଉପରେ ସଚେତନ ରହିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଟାଣ ଖରାରେ ପଦାକୁ ନବାହାରିବାକୁ, ଖରାରେ କଠିନ ପରିଶ୍ରମ ନକରିବାକୁ, ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନେବା, ପ୍ରଚୁର ପରିମାଣର ଓଆରଏସ ପିଇବା, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ଡ଼ାକ୍ତରଖାନାକୁ ନେଇ ତାଙ୍କର ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ କୁମାର ବେହେରା, ଇଶ୍ୱର ରାଓ ଏବଂ ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଗୌତମ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

ରାଉତପୁର ପଂଚାୟତ ଉପ-ନିର୍ବାଚନ:୨ ସରପଂଚ ପ୍ରାର୍ଥୀ ପତ୍ର କାଏମ ଓ ଜଣଙ୍କର ନାକଚ

ଧର୍ମଶାଳା,୦୭/୪(ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରାସୁଲପୁର ବ୍ଲକ ରାଉତରାପୁର ପଂହଚାୟତରେ ଚଳିତ ମାସ ୨୮ ତାରିଖରେ ଉପ-ନିର୍ବାଚନ ହେବ । ଏନେଇ ପଂଚାୟତରୁ ସରପଂଚ ପ୍ରାର୍ଥୀ ନିମନ୍ତେ ଗତ କାଲି ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବିଜେଡି ସମର୍ଥୀତ ପ୍ରାର୍ଥୀନୀଭାବେ ମମତା ମଲିକ,ବିଜେପି ଦଳର ସମର୍ଥୀତ ପ୍ରାର୍ଥୀନୀଭାବେ ସୁଜାତା ମଲିକ ଓ ସ୍ୱାଧୀନ ପ୍ରାର୍ଥୀନୀଭାବେ ଅନାମିକା ମଲିକ ଗତ କାଲି ସେମାନେ ନିଜର ନାମାଙ୍କନ ପତ୍ର ବ୍ଲକ ନିର୍ବାଚନ ଅଧିକାରୀ ତଥା ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଉପସ୍ଥିତିରେ ଦାଖଲ କରିଥିଲେ । ତେବେ ଆଜି ପାର୍ଥୀପତ୍ର ଯାଂଚ ସମୟ ଥିଲା । ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀନୀଙ୍କର ପ୍ରାର୍ଥୀପତ୍ର କାଏମ ଥିବା ବେଳେ ବିଜେପି ସମର୍ଥୀତ ପ୍ରାର୍ଥୀନୀ ସୁଜାତାଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଥିବା ସୂଚନା ମିଳିଛି । ଏଠାରେ ଦୁଇ ମୁଖୀ ଲଢେଇ ହେବ ବୋଲି ପଂଚାୟତରେ ଚର୍ଚ୍ଚାର ବିଷୟ ପାଲଟିଛି ।

ନୂତନ ବର୍ଷ ଆରମ୍ଭରୁ ଧାମନଗର ଅଞ୍ଚଳରେ ୩ କରୋନା ପଜିଟିଭ ଚିହ୍ନଟ

ଧାମନଗର,୦୭/୪(ନି.ପ୍ର): ନୂତନ ବର୍ଷ ଆରମ୍ଭରୁ ଧାମନଗର ଅଂଚଳରେ ୩କରୋନା ପଜିଟିଭ ଚିହ୍ନଟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଚନା ମିଳିଛି। ରାଜ୍ୟରେ ଏକବର୍ଷପରେ ପୁଣି ମହାମାରୀ କରୋନାର ପ୍ରଭାବ ବଢିବାରେ ଲାଗିଛି। ଆଜି ରାଜ୍ୟରେ ୫ଶହ ୭୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସଂଗରୋଧରୁ ୩୩୭ ଓ ସ୍ଥାନୀୟ ଅଂଚଳରୁ ୨୩୬ ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ଜଣ ଚିହ୍ନଟ ହୋଇଛନ୍ତି। ଏହି କ୍ରମରେ ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଥିବା ୩ଜଣ ଧାମନଗର ଅଂଚଳର ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ଜାରିକଲେଣି ରାଜ୍ୟ ସରକାର। ପ୍ରଶାସନ ପକ୍ଷରୁ ମାସ୍କ ଓ ସାନିଟାଇଜର ବ୍ୟବହାର ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବାରମ୍ବାର ସଚେତନ କରାଯାଉଥିଲେ ମଧ ଲୋକେ ମାନୁନାହାନ୍ତି ନିୟମ। ସଭା, ସମିତି, ଯାତ୍ରା, ଶୋଭାଯାତ୍ରା ମାନ ବେଧଡ଼କ ଚାଲୁଛି। କେବଳ ଧର୍ମପୀଠ ଓ ବିଦ୍ୟାଳୟ ମାନଙ୍କରେ ନିୟମ ଉଲଂଘନ ହେଉନଥିଲେ ମଧ ଅନ୍ୟ ସବୁଠି ବେଫିକର ଜନତା। ଗତ କିଛିଦିନ ପୂର୍ବରୁ ଭଦ୍ରକ ଜିଲ୍ଲାରୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ ମଧ ଧାମନଗର ଅଂଚଳ ଏଥିରୁ ବାଦ୍ ଥିଲା। ଗତ ଶନିବାର ଧାମନଗର ସାପ୍ତାହିକ ହାଟକୁ ଅନ୍ୟତ୍ର ସ୍ଥାନାନ୍ତର ସହ ବଜାର ଘାଟରେ ଅଯଥା ଜନଗହଳି ନକରିବାକୁ ଧାମନଗର ଏନ୍ଏସି ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା। ମାତ୍ର ଆଜି ଧାମନଗର କୃଷି କାର୍ଯ୍ୟାଳୟର ଦୁଇଜଣ ଓ ନଦୀଗାଁ ଅଂଚଳରୁ ଝାଡ଼ଖଣ୍ଡ ଫେରନ୍ତା ଜଣକୁ ମିଶାଇ ମୋଟ ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି।

ଭୂତ

ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦିନ ପରେ ରାତି ଆସେ, କିନ୍ତୁ କେହି କହି ପାରିବେ କି ଦିନ ଆଗ ନା ରାତି ଆଗ ? ଜୀବନକୁ ଯଦି ବିଶ୍ୱାସ କରୁଛ, ତେବେ ମୃତ୍ୟୁକୁ ବି ବିଶ୍ୱାସ କରିବାକୁ ପଡ଼ିବ । ପ୍ରସ୍ତର ପ୍ରତିମୂର୍ତ୍ତିକୁ ଭଗବାନ ଭାବି ପୂଜାର୍ଚ୍ଚନା କରୁଛେ, ତେବେ ଭୂତ ପ୍ରେତଙ୍କ ଅସ୍ତିତ୍ୱକୁ ବି ସ୍ୱୀକାର କରିବାକୁ ହେବ । ଅଧୁନା ଯୁଗରେ ଅନ୍ଧବିଶ୍ୱାସ ଭାବି ଏଡ଼ାଇ ଦେଲେ ବାସ୍ତବତା ଛପି ଯିବନି । ଭାରତରେ ଏମିତି ସ୍ଥାନ ଅଛି, ଯାହା ଭୂତ କୋଠୀ ଭାବରେ ଜଣାଶୁଣା । କେବେ ଯାଇଛନ୍ତି କି ଫିରୋଜ ଶାହା କୋଟଲା ? ଶୂନଶାନ ସ୍ଥାନ ; ଷ୍ଟାଡ଼ିୟମ ନାହିଁ, କିନ୍ତୁ ଶାନ୍ତିର ସହ ବସି ଭୂତଙ୍କ ଖେଳ ଦେଖିପାରିବେ । ବିଶ୍ୱାସ କରାଯାଏ କି ଫିରୋଜ ଶାହା କୋଟଲା ଭୂତ କୋଠୀ ପାଇଁ ପ୍ରସିଦ୍ଧ । ଏଠାରେ ଲୋକମାନେ ଆତ୍ମା ସହ କଥା ହେବାକୁ ଆସିଥା'ନ୍ତି । ବିଶ୍ୱାସ ଯେ, ଗୋଟିଏ ଖାଲି କାଗଜରେ ନିଜର ଇଚ୍ଛାକୁ ଲେଖିବା ସହ ପ୍ରାର୍ଥନା କଲା ପରେ ଆତ୍ମା ଆଗତ ହୁଏ। ଏହା ବେଶି ବଡ଼ ଦୁର୍ଗ ନୁହେଁ ; ଯେତେବେଳେ ଦୁର୍ଗ ଭିତରକୁ ପ୍ରବେଶ କରିବେ, ସେ ସମୟରେ କିଛି ଅଲୌକିକ ଶକ୍ତିର ଅନୁଭବ କରିବେ । କିନ୍ତୁ ସେ ସମୟରେ ଆଶ୍ଚର୍ଯ୍ୟଚକିତ ହେବେ ନାହିଁ । ଫିରୋଜଶାହା ତୁଗଲଙ୍କ ଦ୍ୱାରା ନିର୍ମିତ ଦୁର୍ଗ 'ଭୂଲି ଭଟିଆରୀ କା ମହଲ', ସବୁଠୁ ଭୟାନକ ଦୁର୍ଗର ଆଖ୍ୟା ପ୍ରାପ୍ତ । ଏ ଦୁର୍ଗକୁ ରାତିରେ ଯିବା ଦୂରର କଥା, ଦିନରେ ଯିବାକୁ ବି ଭୟ ମାଡ଼େ। ଏଠି ବିଭିନ୍ନ ପ୍ରକାରର ଭୟାନକ ଶବ୍ଦ ଶୁଣିବାକୁ ମିଳେ ଓ ଏଠି ଲୋକମାନେ ଭୂତକୁ ଦେଖନ୍ତି । ଦିଲ୍ଲୀର ସବୁଠୁ ଭୟଙ୍କର ସ୍ଥାନ 'ନର୍ଦେନ ରିଜ', ଯାହା ଦିଲ୍ଲୀ ୟୁନିଭରସିଟି ସମୀପରେ ଅବସ୍ଥିତ। ଏହା ଜଙ୍ଗଲୀ ରାସ୍ତା ଓ ଫଟୋ ଉତ୍ତୋଳନ ପାଇଁ ପ୍ରସିଦ୍ଧ ସ୍ଥାନ ; ଏଠାର ଜଙ୍ଗଲୀ ରାସ୍ତା ହଣ୍ଟେଡ଼ ଏରିଆ ଭାବେ ପରିଚିତ । ଇତିହାସ ଫର୍ଦ୍ଦରେ ଲିପିବଦ୍ଧ ଅଛି କି ଜଣେ ବ୍ରିଟିଶ ବ୍ୟକ୍ତିର ଆତ୍ମା ଏହି ସ୍ଥାନରେ ଚଳପ୍ରଚଳ କରୁଛି। ଆଉ ଏକ ସ୍ଥାନ ଆଗ୍ରାସେନକି ବାଓଲି, ଯାହା ୧୪ଶହ ଶତାବ୍ଦୀରେ ଆଗ୍ରାସେନ ମହାରାଜଙ୍କ ଦ୍ୱାରା ନିର୍ମିତ । ଏ ଦୁର୍ଗ ବାଓଲି ନାମରେ ଜଣା ; ଏ ଦୁର୍ଗରେ ଅନେକ ଲୋକ ଡେଇଁକି ଆତ୍ମହତ୍ୟା କରନ୍ତି । ଏ ଦୁର୍ଗ ଭିତରକୁ ପ୍ରବେଶ କଲେ, କେବଳ ନିଜର ପାଦ ଶବ୍ଦ ହିଁ ଶୁଣିବେ । ଏପଟେ ଚିଁ ଚିଁ କରୁଥିବା ବାଦୁଡ଼ି ସେପଟେ ଲୋମଟାଙ୍କୁରା ପବନରେ ଛାତି ଥରି ଉଠିବ ।

ଭାରତର କୋଟା ସ୍ଥିତ ବ୍ରିଜ ରାଜ ଭବନ ଏକ ଭୂତ କୋଠୀ । କିନ୍ତୁ ଏଠି ଭୂତମାନେ କାହାର କ୍ଷତି କରନ୍ତିନି, କିନ୍ତୁ ଏ କୋଠୀରେ ନିଜର ଅସ୍ତିତ୍ୱ ଜାହିର କରନ୍ତି । ରାଜସ୍ଥାନର ଏକ ଗାଁ, ଯାହାର ନାମ କୁଲଧାରା । ଏ ଗାଁରେ ଭୂତ ପ୍ରେତ ମାନଙ୍କ ଆତଙ୍କ ପାଇଁ ୧୯ ଶତାବ୍ଦୀରୁ ସମସ୍ତେ ଗାଁ ଛାଡ଼ି ଚାଲିଗଲେଣି । ଏବେ ଏ ଗାଁରେ ଖଣ୍ଡିଆ ଘର ସବୁ ଦୃଶ୍ୟମାନ ; ଏକବିଂଶ ଶତାବ୍ଦୀରେ ବି ଏ ଗାଁକୁ ଯିବାକୁ ଲୋକେ ଡ଼ରନ୍ତି । ଆଉ ଏକ ସ୍ଥାନ - ସୁରତର ଡୁମସ ବ୍ଲାକ ସ୍ୟାଣ୍ଡ ବିଚ, ଯେଉଁଠାକୁ କି ଯିଏ ଯାଏ ସେ ଜୀବିତ ଫେରେନା। ଏ ସ୍ଥାନରେ ଭୂତ ପ୍ରେତଙ୍କ କ୍ରନ୍ଦନ ଅନେକ ଦୂରକୁ ଶୁଭିଲେ ବି ଆଜି ପର୍ଯ୍ୟନ୍ତ ଏ ଜାଗାକୁ କେହି ଯିବାକୁ ସାହସ କରିପାରନ୍ତି ନାହିଁ । ମେରଠର ଜିପି ବ୍ଲକ ଅନେକ ଭୂତଙ୍କ ଆବାସସ୍ଥଳୀ । ସ୍ଥାନୀୟ ଲୋକେ ଏକ ଲାଲ୍ ଫ୍ରକ୍ ପିନ୍ଧା ଝିଅକୁ ଦେଖନ୍ତି, କିଛି ଦୂର ଯାଇ ସେ ଉଭାନ ହୋଇଯାଏ । ଏହି କୋଠରୀଟି ଅନେକ ବର୍ଷରୁ ଶୂନ୍ୟ। ଦାଗସାଇର କବରସ୍ଥଳୀରେ ଥିବା ଭୂତମାନେ ବହୁତ ଭଲ । ସ୍ଥାନୀୟ ଲୋକଙ୍କ ବଚନାନୁସାରେ ଏଠାରେ ଆଠ ମାସର ଅନ୍ତସତ୍ତ୍ୱା ଜଣେ ସ୍ତ୍ରୀଙ୍କ ମୃତ ଦେହକୁ କବର ଦିଆ ହୋଇଥିଲା । ତାଙ୍କ ବଚନ ଅନୁସାରେ ଗର୍ଭବତୀ ସ୍ତ୍ରୀମାନେ ଏ କବରସ୍ଥଳୀକୁ ଗଲେ ତାଙ୍କର ପୁତ୍ର ସନ୍ତାନ ଲାଭ ହୋଇତାଏ । ଶିମଲାର ସବୁଠୁ ଭୟଙ୍କର ଭୁତିଆ ଜାଗା କୁହା ଯାଉଥିବା ଜାଗା ହେଉଛି ସିମଲା - କଲକାଟ୍ରେନ ରୁଟ୍, ଟନେଲ ନମ୍ବର ୩୩ । ସ୍ଥାନାୟ ଲୋକଙ୍କ ମତାନୁସାରେଣ - ଏଠାରେ ଜଣେ ବ୍ରିଟିଶ ବୈଜ୍ଞାନିକ କ୍ୟାପଟେନ ବୋରଗଙ୍କ ଆତ୍ମା ରୁହେ । ଆଉ ଏକ ସ୍ଥାନ ସିମଲାର ସାର୍ଲେଭିଲେ ମ୍ୟାନସନ; ଯାହାକୁ ସିମଲାର ଆଇ ବୋଲି କହନ୍ତି । ଏହା ବ୍ରିଟିଶ ଅମଳର, କିନ୍ତୁ ଏଠି ରହିବା ନିମନ୍ତେ ଆସୁଥିବା ଅନେକ ଜନଙ୍କର ରହସ୍ୟ ଜନକ ମୃତ୍ୟୁ ପରେ ଘରଟି ଏବେ ପରିତ୍ୟକ୍ତାବସ୍ଥାରେ ପଡ଼ି ରହିଛି । ମଶୁରୀର ସାଭୋଏ ହୋଟେଲରେ ବାସ କରୁଥିବା ଜଣେ ମହିଳାଙ୍କୁ ତାଙ୍କ ଔଷଧ ବୋତଲରେ ବିଷ ମିଶାଇ ହତ୍ୟା କରାଯାଇଥବାର କୁହାଯାଏ । ସେବେଠୁ ଏ ହୋଟେଲରେ ଉକ୍ତ ମହିଳାଙ୍କ ଆତ୍ମା ଘୁରି ବୁଲୁଛି ବୋଲି କହନ୍ତି ।

ଭାରତରେ ଇଂରେଜ ସାସନ ବେଳେ ବହୁତ ଆଲିଶାନ ହୋଟେଲ ନିର୍ମିତ ହୋଇଥିଲା । ସେ ସବୁ ଭିତରୁ ଅନେକ ଭବନକୁ ହେରିଟେଜ ଘୋଷଣା କରାଯାଇଛି। ଭୂତ-ପ୍ରେତଙ୍କ ସାୟା ଥିବାର ବିଶ୍ୱାସ କରି ଏହି ଭବନ ମାନଙ୍କୁ ହେରିଟେଜ ଘୋଷଣାନାମା ହୋଇଛି । ମାର୍ଗନ ହାଉସ ପଶ୍ଚିମ ବାଙ୍ଗାଲରେ କାଲିମପୋଙ୍ଗ ନାମକ ହିଲ ଷ୍ଟେସନ ଉପରେ ଅଛି । ଏ ହୋଟେଲର ସଂରଚନା କିଛି ଓସ୍କାର ୱାଇଲଡ୍‌ର ପ୍ରସିଦ୍ଧ ପୁସ୍ତକ 'ଦି ଫ୍ୟାଣ୍ଟରୱେଲ ଘୋଷ୍ଟ' ମହଲ ସହ ପାଖାପାଖି ମେଳ ଖାଉଛି । ଏଠାରେ ଆଗରୁ ଜର୍ଜ ମୋରଗାନ ତାଙ୍କ ପତ୍ନୀଙ୍କ ସହ ରହୁଥିଲେ । ତାଙ୍କ ପତ୍ନୀଙ୍କ ଦେହାନ୍ତେ ସେ ସେହି ଘର ଛାଡ଼ି ଚାଲି ଆସିଲେ। ଏହାପରେ ସେ ଘରଟି ଏକ ଲଜ ବନିଗଲା। ସେଠି ରହୁଥିବା ଜନଗଣ ଅଭିଯୋଗ କରନ୍ତି ସେଠାରେ ଭୂତ ରହୁଛି ; ଜଣେ ମହିଳାଙ୍କ ପାଦ ଶବ୍ଦ ଶୁଣାଯାଉଛି। ନିଜାମ ସୁଲତାନଙ୍କ ଯୁଦ୍ଧକ୍ଷେତ୍ର ଠାରେ ନିର୍ମିତ 'ରାମୋଜୀ ଫିଲ୍ମ ସିଟି'ରେ ଅନେକଙ୍କର ମୃତ୍ୟୁ ହୋଇଛି । ତେବେ ଏହି ପାଖାପାଖି ହୋଟେଲରେ ରହସ୍ୟମୟ ଘଟଣାର ଅଭିଯୋଗ ଆସେ । ଅତ୍ର କେତେବେଳେ କୌଣସି ଲାଇଟ୍ ଏବଂ ଲାଇଟରମ୍ୟାନ୍‌ଙ୍କ ଅଧିକ ଉଚ୍ଚାରୁ ପଡ଼ିଯିବା, ବାଥରୁମ ମିରରରେ ଉର୍ଦ୍ଦୁ ଭାଷାରେ ଲେଖା ହୋଇଥିବାର କିଛି ଧାଡ଼ି ଦୃଶ୍ୟ ହୁଏ ବୋଲି ଅଭିଯୋଗ ହୁଏ ।

ଏକ ଗବେଷଣାନୁସାରେ ଦୁନିଆର ସବୁ କୋଣରେ ଭୂତଙ୍କ ଅବସ୍ଥିତି । ଜାଣି ରଖନ୍ତୁ ଯେ, କୌଣସି ଆତ୍ମା କାହାର କ୍ଷତି କରିବା ପୂର୍ବରୁ ସର୍ବପ୍ରଥମେ ତା'ର ଧ୍ୟାନ ଆକର୍ଷଣ କରିଥାଏ । ଆତ୍ମା ପାଖରେ ସମୟର କୌଣସି ଅର୍ଥ ନଥାଏ । କିଛି ଆତ୍ମା ଲୋକମାନଙ୍କୁ ସାହାଯ୍ୟ କରିଥିବାର ଶୁଣିବାକୁ ମିଳେ । ଜାଣିବାକୁ ମିଳେ, ଅଷ୍ଟ୍ରେଲିଆର ପ୍ରିନ୍‌ସେସ୍ ଥିଏଟରରେ ସଙ୍ଗୀତକାର ଫେଡ଼େରିକ୍‌ଙ୍କର ଗୀତ ଗାଇବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ଶୁଣାଯାଏ କି, ଆଜି ମଧ ସେଠି ତାଙ୍କ ଆତ୍ମା ଅଛି । ଏଥିପାଇଁ ଥିଏଟରର ପ୍ରତି ଶୋ'ରେ ମଞ୍ଚ ସାମ୍ନା ସିଟ୍‌ଟି ଫେଡ଼େରିକ୍‌ଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଥାଏ । ଫେଡ଼େରିକ୍ ? ଏ ଆସନରେ ବସନ୍ତି ବୋଲି କୁହାଯାଏ । ମ୍ୟାକ୍‌ବେଥ୍‌ଠାରୁ ଆରମ୍ଭ କରି ବାଇବେଲ୍ ଯାଏଁ ଭୂତଙ୍କ ସ୍ଥିତି ଅଛି ବୋଲି ଦାବି କରାଯାଏ । ଆଲବର୍ଟ ଆଇନଷ୍ଟାଇନ ଏକ ଗବେଷଣାରୁ ଜାଣିବାକୁ ପାଇଥିଲେ ଯେ, ଆତ୍ମା ବା ଶକ୍ତି କୁଆଡ଼େ ଯାଆନ୍ତିନି । କେବଳ ତାଙ୍କ ସ୍ୱରୂପର ପରିବର୍ତ୍ତନ ହୁଏ । ସେମାନେ ଅନ୍ୟ ଏକ ଶରୀରରେ ଶକ୍ତି ରୂପେ ପ୍ରବେଶ କରନ୍ତି ।

ବିଶ୍ୱର ତିନୋଟି ବିପଜ୍ଜନକ ସ୍ଥାନ ଅଛି, ଯେଉଁଠିକି ଯିବାର ଅନୁମତି ମିଳେନି । ଜାପାନର ମାଉଣ୍ଟ୍‌ଫୁଜେର ତଳ ଘାଟିରେ ଥିବା ଅକିଘରା, ଯାହାକୁ ସୁଇସାଇଡ୍ ଫରେଷ୍ଟ ବା ସି ଅଫ ଫରେଷ୍ଟ କହନ୍ତି । ୨୦୦୫ରେ ଏହି ସ୍ଥାନରୁ ୧୦୫ ଡେଡ୍ ବଡି ବାହାର କରାଯାଇଥିଲା । ସେଲାଗି ଏହାର ନାମ ଭୂତ ଜଙ୍ଗଲ । ଏ ସ୍ଥାନର ଏକ ରହସ୍ୟ ହେଲା, ଏଠାରେ କୌଣସି ପ୍ରକାର ଆଧୁନିକ ଉପକରଣ ଯେପରି ମୋବାଇଲ, ଜିପିଏସ ଆଦି ଅକାମୀ ହୋଇଯାଏ । ବ୍ରାଜିଲ୍‌ର ସ୍ନେକ୍ ଆଇଲ୍ୟାଣ୍ଡ ଏମିତି ଏକ ଦ୍ୱୀପ ଯେଉଁଠି ସାଧାରଣ ଲୋକ ବଞ୍ଚିବା କଷ୍ଟ, କାରଣ ଏ ଜାଗାରେ ଦୁନିଆର ସବୁଠୁ ବିଷଧର ସାପ ଅଛନ୍ତି । ୧୧୦ ଏକର ଜାଗାରେ ପାଖାପାଖି ୪୦୦୦ ବିଷଧର ସାପଙ୍କ ନିବାସ। ସବୁଠୁ ଅଧିକ ବିଷଧର ସର୍ପ ଗୋଲ୍‌ଡେନ ଲାୟୋନ ସ୍ନେକ୍ ଏଠାରେ ଅଛି, ଯିଏକି ଦଂଶନ କରିଲେ ମଣିଷର ମାଂସ ସିଝିଯାଏ। ଏ ସର୍ପର ମାତ୍ର ଏକ ଗ୍ରାମ ବିଷ ୫୦ ଜଣଙ୍କ ଜୀବନ ନେଇପାରିବ । ଜାହାଜ ଗୁଡ଼ିକ ଏ ଦ୍ୱୀପରୁ ଦୂରେଇ ରଖିବାକୁ ୧୯୦୯ ମସିହାରେ ଏ ଦ୍ୱୀପରେ ଏକ ଲାଇଟ୍ ହାଉସ ନିର୍ମିତ ହୋଇଥିଲା ଓ ଏହାକୁ ପରିବାର ଚଳଉଥିଲା । ୧୯୨୦ରେ ଏ ପରିବାରର ସମସ୍ତ ସଦସ୍ୟଙ୍କର ଦେହାନ୍ତ ହୋଇଗଲା । ସେଥିଲାଗି ଏ ଲାଇଟ୍ ହାଉସକୁ ସଦାଦିନ ପାଇଁ ଅଟୋମେଟିକ୍ କରି ଦିଆଗଲା । ଏ ଦ୍ୱୀପକୁ କେହି ନଯିବାକୁ ବ୍ରାଜିଲ୍‌ର ନ୍ୟାଭିକୁ ଏ ଦ୍ୱୀପ ସମୀପେ ମୁତୟନ କରାଯାଇଛି । ୧୩୪୮ରେ ଇଟାଲୀରେ ପ୍ଲେଗ୍ ରୋଗ ଚାରିଆଡ଼େ ବ୍ୟାପିଥିଲା । ସେହି ସମୟରେ ଏ ରୋଗରେ ମୃତ ଲୋକଙ୍କୁ ଇଟାଲୀର ପୋବେଗ୍ଲିଆ ଆଇଲ୍ୟାଣ୍ଡରେ ଦାହ କରାଯାଉଥିଲା । ଏ ଦ୍ୱୀପରେ ଏକ ଲକ୍ଷ ଷାଠିଏ ହଜାର ଲୋକଙ୍କୁ ଦାହ କରାହୋଇଥିଲା । ୧୯୨୨ରେ ଏ ଜାଗାରେ ମେଣ୍ଟାଲ୍ ହସ୍ପିଟାଲ୍ ନିର୍ମାଣ ହେଲା । କିଛିଦିନ ପରେ ସେଠି ମୃତ ଲୋକର ଆତ୍ମା ଥିବା କଥା ଜଣା ପଡିବାରୁ ହସ୍ପିଟାଲକୁ ସବୁଦିନ ପାଇଁ ବନ୍ଦ କରିଦିଆଗଲା ।

ଜାଣି ଆଶ୍ଚର୍ଯ୍ୟ ଲାଗେ, ଭୂତ ମଦ ପିଏ ଓ ସିଗାରେଟ୍ ଟାଣେ । ବିଶ୍ୱାସ ନହେଲେ ବି କଥାଟି ସତ ; ଭୂତକୁ ଶାନ୍ତ କରିବାକୁ ଲୋକେ ଦେଉଛନ୍ତି ମଦ, ସିଗାରେଟ ଓ ପାଣି ବୋତଲ । ହିମାଚଳ ପ୍ରଦେଶର ମନାଲି-ଲେହ ରାସ୍ତାରେ ଗାଟା ଲୁପ୍ସ ନାମକ ଏକ ଅଜବ ଭୂତ ରହୁଛି । ଏଠି ଭୂତର ଏକ ଛୋଟିଆ ଘର ମଧ ଅଛି । ଏଠାକୁ ଆସିବାକୁ ସମସ୍ତେ ଭୟ କରନ୍ତି । ଯିଏ ସେ ବାଟେ ଯାଏ ସେଠାରେ ସେ ଭୂତକୁ ମାଦକ ଦ୍ରବ୍ୟ ସହ ପାଣି ପୂର୍ଣ୍ଣ ବୋତଲ ଭେଟି ଦେଇ ଯାଇଥା'ନ୍ତି । ସ୍ଥାନୀୟ ଲୋକଙ୍କ ବିଶ୍ୱାସନୁସାରେ ଦେଢ଼ ଦଶକ ପୂର୍ବେ ଏ ସ୍ଥାନରେ ଏକ ଟ୍ରକ୍ ଖରାପ ହୋଇଯାଇଥିଲା। ହେଲପରକୁ ଛାଡ଼ି ଡ୍ରାଇଭର ମେକାନିକ୍ ଡ଼ାକିବାକୁ ୪୦କି.ମି ଦୂର ଏକ ସ୍ଥାନକୁ ଯାଇଥିଲେ । ସେ ସମୟରେ ପାଣିପାଗ ଖରାପ ହେତୁ ବରପ ତୋଫାନ ଫଳରେ ରାସ୍ତା ବନ୍ଦ ହୋଇଯାଇଥିଲା । ସପ୍ତାହ ପରେ ଝଡ଼ତୋଫାନ କମିବାରୁ ଡ୍ରାଇଭର ମେକାନିକ ଧରି ସେଠାକୁ ଫେରିଲେ ; ସେତେବେଳକୁ ଭୋକ ଉପାସରେ ହେଲପର ମରିଯାଇଥିଲା ଓ ତା' ଶବ ଟ୍ରକ ଭିତରେ ମିଳିଲା । ଡ୍ରାଇଭର ସେଇଠାରେ ଶବ ସତ୍କାର କରିଥିଲେ । ଏ ଘଟଣାର କିଛିଦିନ ପରେ ସେଠାରେ ଅଜବ ଘଟଣାମାନ ଘଟିଲା । ଜଣେ ଯୁବକ ହଠାତ୍ ଦେଖା ଦେଇ ଲୋକଙ୍କୁ ସିଗାରେଟ୍, ମଦ ଓ ପାଣି ମାଗିଲା । ଯିଏ ନ ଦେଲା ସେ ଦୁର୍ଘଟଣାରେ ମଲା । ଏହା ପ୍ରଚାରିତ ହେଲା ପରେ ସେଠାରେ ଲୋକେ ଭୂତ ପାଇଁ ଘର କରିଲେ ଏବଂ ପଥଯାତ୍ରୀ ସେଠାରେ ସେ ସବୁ ଜିନିଷ ଦେଇ ରାସ୍ତା ଅତିକ୍ରମ କରି ଯାଉଥିଲେ । ଏହାପରେ ସେଠି ଆଉ ଦୁର୍ଘଟଣା ଘଟୁନି ।

ଏମିତି ଏକ ଜେଲ୍, ଯେଉଁଠି ଭୂତଙ୍କ ନିବାସ । ଭୂତ ରହିଥିବାର ଜାଣିବା ପରେ ଜେଲ୍‌ଟିକୁ ବନ୍ଦ କରିଦିଆଯାଇଛି । ଏହି ଜେଲ୍‌ଟି ବ୍ରିଟେନରେ ଅବସ୍ଥିତ । ବ୍ରିଟେନର ସବୁଠୁ ଭୟଙ୍କର ସ୍ଥାନ ଭିତରେ ଇଏ ଗୋଟିଏ । ଏକ ଦମ୍ପତି ଏଠାରେ ଭୂତକୁ ଦେଖିଛନ୍ତି ବୋଲି କହନ୍ତି ; ପ୍ରମାଣ ସ୍ୱରୂପ ଏକ ଭିଡ଼ିଓ ମଧ ଦେଖାଇଛନ୍ତି । ୧୭୩୫ରେ ନିର୍ମିତ ବୋଡ଼ମିୟା ଜେଲ୍ ଯାହା ବ୍ରିଟେନରେ ଅଛି ; ୧୯୦୯ ମସିହା ପର୍ଯ୍ୟନ୍ତ ୬୦ ଜଣଙ୍କୁ ଫାଶି ଦିଆଯାଇଥିଲା । ଏମାନଙ୍କ ମଧରେ ୮ ଜଣ ମହିଳା ଥିଲେ । ଭୂତ ଅବସ୍ଥିତି ଜାଣିଲା ପରେ ୧୯୨୯ରେ ଏ ଜେଲ୍‌କୁ ବନ୍ଦ କରିଦିଆଗଲା । ଟୋନୀ ଫେରଗୁସନ୍ ନାମକ ବ୍ୟକ୍ତିଙ୍କ ଦାବି ଅନୁସାରେ, ଏହି ଜେଲ୍‌ରେ ଶେଷ ଫାଶି ପ୍ରାପ୍ତ ବ୍ୟକ୍ତିର ଆତ୍ମାକୁ ସେ ଦେଖିଛନ୍ତି । ଏଠି ବହୁ ବଡ଼ ବଡ଼ ଅପରାଧୀ ଫାଶି ଖୁଣ୍ଟରେ ଝୁଲିଥିଲେ। ଲୋକଙ୍କ ବିଶ୍ୱାସ, ଫାଶି ପ୍ରାପ୍ତ ବ୍ୟକ୍ତିଙ୍କ ଆତ୍ମା ଏ ଜେଲ୍‌ରେ ବୁଲନ୍ତି । ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ଟୋନି ଦିନେ ରାତିରେ ସ୍ୱପତ୍ନୀଙ୍କ ସହ ଏ ଜେଲ୍ ମଧକୁ ପ୍ରବେଶ କରିଥିଲେ । ତାଙ୍କ ଆଖି ଆଗରେ ଘଟିଥିଲା ଗୋଟିଏ ପରେ ଗୋଟିଏ ଅଲୌକିକ ଘଟଣା । ସେ ଜେଲ୍‌ରେ କିଛି ଭିତରକୁ ଯିବା ପରେ ତାଙ୍କ ଆଗରେ ଅଲୌକିକ ଘଟଣାମାନ ଘଟିଥିଲା । ଅଧିକ ଭିତରକୁ ଗଲା ପରେ ଅଜବ ଧରଣର ଶବ୍ଦ ଶୁଣିଲେ । ପ୍ରଥମେ ଧପ୍‌ଧପ୍ ହେଉଥିବା ଏକ ଆଲୋକକୁ ଦେଖିଲେ, ଦେଖୁ ଦେଖୁ ଆଲୋକଟି ବେଶି ଉଜ୍ଜ୍ୱଳ ହୋଇ ଯାଇଥିଲା । ପରେ ଏହା ଦୃତ ଗତିରେ ଉଡ଼ି ଉଡ଼ି ସେମାନଙ୍କ ଆଖି ସାମ୍ନାକୁ ଚାଲି ଆସିଥିଲା । ଜେଲ୍‌ର ଏକ କରିଡୋର ପାଖରେ ଆହୁରି ଉଜ୍ଜ୍ୱଳ ହୋଇଗଲା ଆଲୋକଟି ଓ ସେ ସେଠାରେ ଏକ ଆତ୍ମାର ଦର୍ଶନ ପାଇଲେ । ତାକୁ କ୍ୟାମେରାରେ ରେକର୍ଡ୍ କରିନେଲେ, ତାହା ତାଙ୍କୁ ୱିଲିୟମ ହୋମ୍ପଟମଙ୍କ ଭୂତ ଭଳି ଲାଗିଲା । ସେ ଶେଷ ଫାଶି ପାଇଥିବା ବ୍ୟକ୍ତି ଥିଲେ । ସେ ତାଙ୍କୁ ଦେଖିବା ପୂର୍ବରୁ ତାଙ୍କ ନାଁ ନେଇଥିଲେ । ଏ ବିଷୟରେ ଜେଲ୍ କର୍ତ୍ତୃପକ୍ଷଙ୍କୁ କହିବାରୁ ସେ ଏହାକୁ ସତ ବୋଲି ଧରି ନେଇଥିଲେ ; କାରଣ ସେ ଆଗରୁ ଜେଲ୍‌ରେ ଭୂତ ଦେଖିଛନ୍ତି ବୋଲି ଦାବି କରିଛନ୍ତି । ଜେଲ୍ ରେକର୍ଡ୍ ଅନୁସାରେ, ୱିଲିୟମ ହୋମ୍ପଟମଙ୍କୁ ୧୯୦୯ ଜୁନ ୨୪ ତାରିଖରେ। ସେହି ଜେଲ୍‌ରେ ଫାଶି ଦିଆ ଯାଇଥିଲା । ସେତେବେଳେ ତାଙ୍କ ବୟସ ଥିଲା ୨୪ ବର୍ଷ । ନିଜ ୧୬ ବର୍ଷର ପ୍ରେମିକାକୁ ତଣ୍ଟି ଚିପି ହତ୍ୟା କରିବା ଅଭିଯୋଗ କ୍ରମେ କଚେରୀର ନିର୍ଦ୍ଦେଶରେ ତାଙ୍କୁ ଫାଶି ଦିଆଯାଇଥିଲା ।

ଦିନ ପରେ ରାତି ଆସେ, କିନ୍ତୁ କେହି କହି ପାରିବେ କି ଦିନ ଆଗ ନା ରାତି ଆଗ ? ଜୀବନକୁ ଯଦି ବିଶ୍ୱାସ କରୁଛ, ତେବେ ମୃତ୍ୟୁକୁ ବି ବିଶ୍ୱାସ କରିବାକୁ ପଡ଼ିବ । ପ୍ରସ୍ତର ପ୍ରତିମୂର୍ତ୍ତିକୁ ଭଗବାନ ଭାବି ପୂଜାର୍ଚ୍ଚନା କରୁଛେ, ତେବେ ଭୂତ ପ୍ରେତଙ୍କ ଅସ୍ତିତ୍ୱକୁ ବି ସ୍ୱୀକାର କରିବାକୁ ହେବ । ଅଧୁନା ଯୁଗରେ ଅନ୍ଧବିଶ୍ୱାସ ଭାବି ଏଡ଼ାଇ ଦେଲେ ବାସ୍ତବତା ଛପି ଯିବନି । ଭାରତରେ ଏମିତି ସ୍ଥାନ ଅଛି, ଯାହା ଭୂତ କୋଠୀ ଭାବରେ ଜଣାଶୁଣା । କେବେ ଯାଇଛନ୍ତି କି ଫିରୋଜ ଶାହା କୋଟଲା ? ଶୂନଶାନ ସ୍ଥାନ ; ଷ୍ଟାଡ଼ିୟମ ନାହିଁ,କିନ୍ତୁ ଶାନ୍ତିର ସହ ବସି ଭୂତଙ୍କ ଖେଳ ଦେଖିପାରିବେ । ବିଶ୍ୱାସ କରାଯାଏ କି ଫିରୋଜ ଶାହା କୋଟଲା ଭୂତ କୋଠୀ ପାଇଁ ପ୍ରସିଦ୍ଧ । ଏଠାରେ ଲୋକମାନେ ଆତ୍ମା ସହ କଥା ହେବାକୁ ଆସିଥା'ନ୍ତି । ବିଶ୍ୱାସ ଯେ, ଗୋଟିଏ ଖାଲି କାଗଜରେ ନିଜର ଇଚ୍ଛାକୁ ଲେଖିବା ସହ ପ୍ରାର୍ଥନା କଲା ପରେ ଆତ୍ମା ଆଗତ ହୁଏ। ଏହା ବେଶି ବଡ଼ ଦୁର୍ଗ ନୁହେଁ ; ଯେତେବେଳେ ଦୁର୍ଗ ଭିତରକୁ ପ୍ରବେଶ କରିବେ, ସେ ସମୟରେ କିଛି ଅଲୌକିକ ଶକ୍ତିର ଅନୁଭବ କରିବେ । କିନ୍ତୁ ସେ ସମୟରେ ଆଶ୍ଚର୍ଯ୍ୟଚକିତ ହେବେ ନାହିଁ । ଫିରୋଜଶାହା ତୁଗଲଙ୍କ ଦ୍ୱାରା ନିର୍ମିତ ଦୁର୍ଗ 'ଭୂଲି ଭଟିଆରୀ କା ମହଲ', ସବୁଠୁ ଭୟାନକ ଦୁର୍ଗର ଆଖ୍ୟା ପ୍ରାପ୍ତ । ଏ ଦୁର୍ଗକୁ ରାତିରେ ଯିବା ଦୂରର କଥା, ଦିନରେ ଯିବାକୁ ବି ଭୟ ମାଡ଼େ । ଏଠି ବିଭିନ୍ନ ପ୍ରକାରର ଭୟାନକ ଶବ୍ଦ ଶୁଣିବାକୁ ମିଳେ ଓ ଏଠି ଲୋକମାନେ ଭୂତକୁ ଦେଖନ୍ତି ।

(କ୍ରମଶଃ)

+ସମ୍ପାଦକ ଉଦୟ ଭାନୁ,
ଭାଟପଡ଼ା, ନିରାକାରପୁର,
କଣାସ
ମୋ:୯୫୫୬୧୩୭୧୨୦

ତୈଳାକ୍ତ ତ୍ୱଚା ଏବଂ ମୁଖ କୁଞ୍ଚନରୁ ଦୂରେଇ ରଖିବ ଧନିଆପତ୍ର

ପ୍ରତିଦିନର ଖାଦ୍ୟରେ ବ୍ୟବହାର ହେଉଥିବା ଧନିଆ ପତ୍ରର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହିତକାରକ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟସ୍ ,ବିଟା କେରୋଟିନ୍ , ଭିଟାମିନ୍ ସି ଏବଂ ଫୋଲେଟଓ୍ୱଚର ପାଇଁ ରାମବାଣ ପରି କାମ କରିଥାଏ । ଧନିଆ ପତ୍ରରେ ଆଣ୍ଟି-ଫଙ୍ଗଲ୍ ତତ୍ତ୍ୱ ଥାଏ ଯାହା ସ୍କିନ୍ ଇନଫେକ୍ସନ୍ ହେବାରୁ ବଂଚାଇଥାଏ । ଏତଦ୍ ବ୍ୟତୀତ ବଢୁଥିବା ବୟସର ପ୍ରଭାବକୁ ବି ଦୂର କରିବା ପାଇଁ ଏହା ଖୁବ୍ ସାହାଯ୍ୟ କରିଥାଏ । ତୈଳାକ୍ତ ତ୍ୱଚା ପାଇଁ ଧନିଆ ପତ୍ର ଖୁବ୍ ଲାଭକାରୀ ହୋଇଥାଏ । ଏହା ତ୍ୱଚାରୁ ଅତିରିକ୍ତ ତୈଳକୁ ଶୁଖାଇ ଦେଇଥାଏ । ଏହି କାରଣରୁ ଚେହେରାରେ ଦାଗ , କୁଞ୍ଚନ ମଧ ପଡିନଥାଏ ।

ଧନିଆରୁ ପ୍ରସ୍ତୁତ ଫେସପ୍ୟାକ୍ ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଚେହେରାକୁ ଉଜ୍ଜଳ ଏବଂ ଅଏଲ୍ ଫ୍ରି କରିବା ପାଇଁ ଧନିଆରେ ପତ୍ରକୁ ବାଟି ଏଥିରେ ଘିକୁଆଁରୀ ରସ ଏବଂ ଲେମ୍ବୁ ଭଲ ଭାବେ ମିଳାଇ ଦିଅନ୍ତୁ । ଏବେ ଏହି ମିଶ୍ରଣକୁ ଭଲ ଭାବେ ଚେହେରାରେ ଲଗାଇ ଦିଅନ୍ତୁ । ଏହି ମିଶ୍ରଣକୁ ଅଧଘଣ୍ଟା ପର୍ଯ୍ୟନ୍ତ ଶୁଖିବା ପାଇଁ ଛାଡିଦିଅନ୍ତୁ । ପରେ ଥଣ୍ଡା ପାଣିରେ ମୁହଁ ଧୋଇନିଅନ୍ତୁ । ଏହି ପ୍ୟାକ୍ ରେ ମୁଖକୁଞ୍ଚନ ପଡିନଥାଏ । ଧନିଆକୁ ଚାଉଳ ଗୁଣ୍ଡ ସହ ମିଶାଇ ଲଗାଇଲେ ମଧ ଫାଇଦା ମିଳିଥାଏ । ଏହା ତ୍ୱଚା ପାଇଁ ଏକ୍ସଫୋଲିଏଟର୍ ଭଳି କାମ କରିଥାଏ । ୧ କପ୍ ଧନିଆ ପତ୍ର ବାଟି ଏଥିରେ ୨ ଚାମଚ ଚାଉଳ ଗୁଣ୍ଡ ଏବଂ ଗୋଟିଏ ଲେମ୍ବୁ ମିଶାନ୍ତୁ ଏବଂ ଚେହେରାରେ ଲଗାଇ ଶୁଖିଲା ପରେ ଧୋଇ ନିଅନ୍ତୁ ।

ଗର୍ଭାବସ୍ଥା ସମୟରେ ମହିଳାମାନଙ୍କ ପାଇଁ ଲାଭଦାୟକ ହୋଇଥାଏ ଏଭଳି ଖାଦ୍ୟ !

ମହିଳାମାନେ ଗର୍ଭବତୀ ସମୟରେ ଅଧିକରୁ ଅଧିକ ସତର୍କ ରହିବା ଉଚିତ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ବିଶେଷ କରି ଏହି ସମୟରେ ମହିଳାମାନେ ନିଜର ଖାଦ୍ୟ ଉପରେ ଅଧିକ ଗୁରୁତ୍ୱାରୋପ କରିବା ଜରୁରୀ ହୋଇଥାଏ। ଭର୍ଗବତୀ ଥିବା ସମୟରେ ଅରୁଚି ହେଉଥିବା ହେତୁ ମହିଳାମାନେ ଖାଇବାକୁ ନେଇ ଅନେକ କଟକଣା ଲଗାଇଥାଆନ୍ତି। ମାତ୍ର ଗର୍ଭ କାଳରେ କେଉଁ ସବୁ ଖାଦ୍ୟ ଖାଇବା ଜରୁରୀ ଆସନ୍ତୁ ସେ ବିଷୟରେ ଆଲୋଚନା କରିବା। ଗର୍ଭ ସମୟରେ ଯେତେ ସବୁ ଫଳ ଖାଇଲେ କୌଣସି ଅସୁବିଧା ନାହିଁ। ମାତ୍ର ଯେଉଁ ଦୁଇଟି ଫଳ ସେ ସମୟରେ ମହିଳାଙ୍କୁ ଖାଇବାକୁ ବାରଣ କରାଯାଇଛି ତାହା ହେଉଛି ଅମୃତଭଣ୍ଡା ଓ ପଣସ। ଏ ସମୟରେ ଯେତେ ଶାଗ ଖାଇଲେ ଭଲ। ସାଗରୁ ବିଭିନ୍ନ ଧରଣର ଭିଟାମିନ ମିଳିବା ସହ ପିଲାର କେଶ ଘନ ହୋଇଥାଏ। ଗର୍ଭବତୀ ରହିବା ସମୟରେ ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଇବା ଭଲ। ଦୈନନ୍ଦିନ ଖିର ପିଇବା ସହ ସେଥିରେ କେଶର ମିଶାଇ ପିଇଲେ ପିଲାର ରଂଗ ଭଲ ହୋଇଥାଏ। ଏହି ସମୟରେ କାଜୁ, ବାଦାମ ଓ ଆଲମଣ୍ଡ ଖାଇବା ଭଲ। ପିଲାର ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ ଏପରି ଖାଦ୍ୟ ଖାଇବା ଦ୍ୱାରା। ଦହି, କାକୁଡ଼ି ଆଦି ପ୍ରଚୁର ପରିମାଣରେ ଖାଇବା ଉଚିତ। ପିଲାର ମସ୍ତିଷ୍କ ଥଣ୍ଡା ହେବା ସହ ସୁସ୍ଥ ପିଲା ଜନ୍ମ ନେଇଥାଏ ମାଆ ଏପରି ଖାଦ୍ୟ ଖାଇଲେ। ଏସିଡିଟି ଦୂର କରିବା ପାଇଁ ଗର୍ଭବତୀମାନଙ୍କୁ ଏହି ସମୟରେ ପଇଡ଼ ପାଣି, ମିସିରି ପାଣି ପିଇବା ଉଚିତ।

ଘରେ ମୂଷାଙ୍କ ପ୍ରାଦୁର୍ଭାବ ବଢୁଥିଲେ ଆପଣାନ୍ତୁ ଏହି ଘରୋଇ ଉପାୟ : ଆପେ ଆପେ ବାହାରିଯିବେ ମୂଷା

ଘରକୁ ମୂଷା ଆସିବା ପରେ ଲୋକମାନେ ସେମାନଙ୍କୁ ଘରୁ କିପରି ବାହାର କରିବେ ସେ ନେଇ ଚିନ୍ତାରେ ପଡ଼ି ଯାଆନ୍ତି। କାରଣ ମୂଷା ଘରେ ଥିବା ସବୁ ଜିନିଷକୁ ନଷ୍ଟ କରି ଦେଇଥାନ୍ତି । ଏହା ସହ ସେମାନଙ୍କଠାରୁ ଆସୁଥିବା ଜୀବାଣୁର ସଂସ୍ପର୍ଶରେ ଆସିବା ପରେ ଅନେକ ରୋଗ ହେବାର ମଧ ଆଶଙ୍କା ରହିଥାଏ । ଏଭଳି ପରିସ୍ଥିତିରେ ଲୋକମାନେ ମୂଷାମାନଙ୍କୁ ଘରୁ ବାହାର କରିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି । ଯାହାର କୌଣସି ସୁଫଳ ମିଳି ନ ଥାଏ । ଔଷଧର ପ୍ରଭାବ ସରିବା ପରେ ମୂଷାମାନେ ପୁଣି ଘରେ ଜିନିଷ ନଷ୍ଟ କରିବାରେ ଲାଗି ଯାଇଥାନ୍ତି । ଆସନ୍ତୁ ଜାଣିବା ଏହି ସମସ୍ୟାରୁ ରକ୍ଷା ପାଇବାର କିଛି ଘରୋଇ ଉପାୟ।

୧. ମୂଷାକୁ ଘରୁ ବାହାର କରିବା ପାଇଁ ପିଆଜ ବ୍ୟବହାର କରନ୍ତୁ । ମୂଷାମାନଙ୍କୁ ପିଆଜର ଗନ୍ଧ ପସନ୍ଦ ହୋଇ ନଥାଏ। ଘରର ଯେଉଁଠି ମୂଷା ଥିବା ଦେଖୁଛନ୍ତି ସେଠାରେ ପିଆଜର ଏକ ଖଣ୍ଡ ରଖିଦିଅନ୍ତୁ । କିଛି ଦିନ ପରେ ପ୍ରଭାବ ଜାଣି ପାରିବେ ।

୨. ଘରର ଯେଉଁଠି ମୂଷା ଦେଖୁଛନ୍ତି ସେଠାରେ ଗୋବର ରଖନ୍ତୁ । ଗୋବରକୁ ଖାଇବା ପରେ ମୂଷା ପେଟରେ ସଂକ୍ରମଣ ହେବା ସହ ସେ ମରି ଯାଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅସ୍ଥିର....

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଓବାଦୀ ହିଂସାକାଣ୍ଡକୁ ଏକଦା ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଏକମାତ୍ର ସର୍ବବୃହତ୍ ବିପଦ ଆଖ୍ୟା ଦେଇଥିଲେ। ଏହା ଏବେ ବି ବଜାୟ ରହିଛି। ଦେଶ ଭିତରେ ବାମପନ୍ଥୀ ଉଗ୍ରବାଦ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଏବଂ ଏହା ଏବେ ବି କେବଳ ତିଷ୍ଠି ରହିଛି ନୁହେଁ, ସକ୍ରିୟ ରହିଥିବା ପ୍ରମାଣିତ ହୋଇଛି ଗତ ସପ୍ତାହର ଶେଷ ଭାଗରେ ଛତିଶଗଡ଼ର ବସ୍ତର ଜିଲ୍ଲାରେ ବେଆଇନ୍ ଘୋଷିତ ସିପିଆଇଙ୍କ ଦ୍ୱାରା ସଂଘଟିତ ତାଣ୍ଡବ ଲୀଳାରେ, ଯେଉଁଥିରେ ସହିଦ ହୋଇଛନ୍ତି ୨୨ଜଣ ସୁରକ୍ଷା କର୍ମୀ। ମାଓବାଦୀମାନଙ୍କ ସହିତ ଏନକାଉଣ୍ଟରରେ ୨୦ଜଣ ମାଓବାଦୀ ମଧ୍ୟ ମୃତ୍ୟୁବରଣ କରିଥିବାର ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏଥିରେ କ୍ୱଚିତ୍ କିଛି ସନ୍ଦେହ ରହିଛି ଯେ ଉପରୋକ୍ତ ମର୍ମନ୍ତୁଦ ଘଟଣା ସରକାରଙ୍କ ପାଇଁ, ବିଶେଷକରି ସୁରକ୍ଷା କର୍ମୀଙ୍କ ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ରହିଛି। ଯେ ଉପରୋକ୍ତ ମର୍ମନ୍ତୁଦ ଘଟଣା ସରକାରଙ୍କ ପାଇଁ, ବିଶେଷକରି ସୁରକ୍ଷାକର୍ମୀଙ୍କ ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛଟି। ମନେହୁଏ ମାଓବାଦୀମାନେ ସେମାନଙ୍କର କମାଣ୍ଡର ଭୟଙ୍କର ମାଧ୍ୱୀ ହିଡ଼ମା ନେତୃତ୍ୱରେ ସୁରକ୍ଷା କର୍ମୀମାନଙ୍କ ଉପରେ ଇଂରାଜୀ ଅକ୍ଷରୁ 'ୟୁ' ଆକୃତିରେ ରହି ଆକ୍ରମଣ କରିଥିଲେ ଯାହାର ସୁରାକ୍ ଆଗରୁ ସୁରକ୍ଷା କର୍ମୀମାନେ ପାଇନଥିଲେ। ଆଉ ଏସବୁ ଘଟିଥିଲା ସେତିକିବେଳେ ଯେତେବେଳେ ସୁରକ୍ଷା କର୍ମୀମାନେ ପାହାଡ଼ର ପାଦ ଦେଶରେ ଅବସ୍ଥିତ ଦୁଇଗୋଟି ଗ୍ରାମରେ ଥିଲେ ଯେଉଁ ଦୁଇଗୋଟି ଗ୍ରାମରୁ ପୂର୍ବରୁ ଅଧିବାସୀମାନଙ୍କୁ ଖାଲି କରି ଦିଆଯାଇଥିଲା ଏବଂ ସୁରକ୍ଷା କର୍ମୀମାନେ ସେଠାରେ ଥିବା ବେଳେ ପାହାଡ଼ ଉପରୁ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ସୁରକ୍ଷାକର୍ମୀମାନେ ମାଓବାଦୀମାନଙ୍କ ଯନ୍ତାରେ ଫଶି ଯାଇଥିଲେ ଯାହାର ପରିଣତି ସ୍ୱରୂପ ବାଇଶି ଜଣଙ୍କ ଜୀବନ ଯିବା ସହିତ ତିରିଶରୁ ଅଧିକ ସଂଖ୍ୟକ ହୋଇଥିଲେ ଆହତ। ଏହି ଘଟଣାରେ ନିହାତି କମ୍‌ରେ ଦୁଇଗୋଟି ସ୍ତରରେ ସରକାରଙ୍କ ବିଫଳତାକୁ ଦର୍ଶାଏ। ଗୋଟିଏ ହେଉଛି ନୀତିଗତ ସ୍ତରରେ। ଯେ କୌଣସି ସରକାରଙ୍କର ସୁରକ୍ଷା ବଳଙ୍କ ଉପରେ ଏକଚାଟିଆ ଅଧିକାର ରହିଥାଏ ଯାହାକୁ ସରକାର ଯେମିତି ଚାହିଁଥାନ୍ତି, ସେମିତି ବ୍ୟବହାର କରି ପାରିଥାନ୍ତି। କିନ୍ତୁ ଏହା ସତ୍ତ୍ୱେ ଉଗ୍ରବାଦୀମାନେ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାର ଅର୍ଥ ଏହା ସରକାରଙ୍କ ବିଫଳତାର ପ୍ରତିଫଳନକୁ ସୂଚାଇଥାଏ। ଦ୍ୱିତୀୟରେ ସାମ୍ପ୍ରତିକ ଘଟଣାରେ ଯେତେ ମନା କଲେ ସୁଦ୍ଧା ଗୁଇନ୍ଦାଙ୍କ ଦ୍ୱାରା ସୂଚନା ପାଇବାରେ ବିଫଳତା ହିଁ ଏଭଳି ଦୁଃଖଦ ସ୍ଥିତି ପାଇଁ ଦାୟୀ ବୋଲି କୁହାଯାଇପାରେ। ସୂଚନା ଦିଆଯାଇପାରେ କି, ମାଓବାଦୀଙ୍କ ଦ୍ୱାରା ଘଟାଯାଇଥିବା ଉପରୋକ୍ତ କାଣ୍ଡ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ଘୋଷିତ ବିମୁଦ୍ରାକରଣ ପୂର୍ବର କାଣ୍ଡଗୁଡ଼ିକ ସହିତ ସମାନ। ମୋଦୀ ସରକାର ଦୃଢ଼ କଣ୍ଠରେ ଦାବି କରି ଆସୁଥିଲେ ଯେ ବିମୁଦ୍ରାକରଣ ମାଓବାଦୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ସୁରକ୍ଷା କର୍ମୀମାନଙ୍କ କୌଶଳପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସେମାନଙ୍କୁ ସେମାନଙ୍କ ପଥରୁ ଓହରି ଯିବାକୁ ବାଧ୍ୟ କରିଛି। କିନ୍ତୁ ଉପରୋକ୍ତ ଘଟଣା ପରେ ସେପରି କିଛି ହୋଇଥିବା ମନେହୁଏ ନାହିଁ। କାରଣ, ପ୍ରଥମତଃ ମାଓବାଦୀମାନେ ଆର୍ଥିକ ନିଅଣ୍ଟରେ ପଡ଼ି ଅସ୍ତ୍ରଶସ୍ତ୍ର ଖର୍ଦ୍ଦ କରିପାରିବେ ନାହିଁ ବୋଲି ଯାହା ସରକାର ଭାବୁଥିଲେ, ତାହା ଭୁଲ୍ ପ୍ରମାଣିତ ହୋଇଛି ଏବଂ ଦ୍ୱିତୀୟରେ ସୁରକ୍ଷା ବଳଙ୍କ କାର୍ଯ୍ୟଶୈଳୀରେ ମଧ୍ୟ ଉନ୍ନତି ଘଟାଯିବାର ଆବଶ୍ୟକତା ରହିଥିବା ନେଇ ସଙ୍କେତ ମିଳିଛି। ସୁରକ୍ଷା ବଳଙ୍କ ମିଶନ ନମନୀୟ କାର୍ଯ୍ୟାନୁଷ୍ଠାନ ଅଧିକ ସଫଳତା ବହନ କରିବାର ସମ୍ଭାବନା ରଖେ। ମାଓବାଦୀମାନଙ୍କୁ ଦମନ କରିବା ପାଇଁ କେନ୍ଦ୍ରରେ ବିଭିନ୍ନ ସରକାରଙ୍କ ଅମଳରେ ନିଆଯାଇଥିବା ପଦକ୍ଷେପଗୁଡ଼ିକରେ କେତେକାଂଶରେର ଶିଥିଳତା ମଧ୍ୟ ରହି ଆସିଛି। କ୍ଷମତାକୁ ଆସିବା ପୂର୍ବରୁ ଏନଡିଏ ସରକାର ଏହାର ପୂର୍ବସୂରୀ ୟୁପିଏ ସରକାରଙ୍କୁ ମାଓବାଦୀମାନଙ୍କ ପ୍ରତି କୋହଳ ଆଭିମୁଖ୍ୟ ଆପଣାଉଥିବା କହି କଟୁ ସମାଲୋଚନା କରି ଆସୁଥିଲା। କ୍ଷମତାକୁ ଆସିବା ପରେ ଏନଡିଏ ସରକାର ସେମାନଙ୍କ ପ୍ରତି ସୁରକ୍ଷା, ବିକାଶ, ଜନଜାତି ଲୋକଙ୍କ ଅଧିକାର ସୁରକ୍ଷା ଏବଂ ଜନସମାଜର ଧାରଣାକୁ ପରିଚାଳନା କରିବା ଭଳି ଚତୁର୍ମୁଖୀ କୌଶଳ ଆପଣାଇବା ଉପରେ ଗୁରୁତ୍ୱ ଦେଇଥିଲା। କିନ୍ତୁ ବର୍ତ୍ତମାନ ଏହା ପ୍ରମାଣିତ ହୋଇଯାଇଛି ଯେ ଉପରୋକ୍ତ ନୀତିଗୁଡ଼ିକ ଅପେକ୍ଷା ସୁରକ୍ଷା ଉପରେ ଅଧିକ ପ୍ରାଥମିକତା ଦିଆଯାଇଛି। ମାଓବାଦୀମାନଙ୍କୁ କଠୋର ହସ୍ତରେ ଦମନ କରିବା ବର୍ତ୍ତମାନର କେନ୍ଦ୍ର ସରକାରଙ୍କ କୌଶଳ ହୋଇଥିବା ଜଣାପଡ଼ିଛି। କହିବା ବାହୁଲ୍ୟ, ଏହା କେତେକାଂଶରେ ସଫଳ ହୋଇଛି, ମାଓମାଦୀ କାର୍ଯ୍ୟକଳାପ ମାତ୍ର ତିରିଶଟି ଜିଲ୍ଲା ଭିତରେ ସଂକୁଚିତ ହୋଇଯାଇଛି। ତେବେ କଠୋର ହସ୍ତ ଆପଣାଇବାର ନୀତି ସମସ୍ୟାର ମୂଳୋତ୍ପାଟନ କରିବାରେ ସମର୍ଥ ହୋଇନପାରେ। ବରଂ କୋମଳ ହସ୍ତର ପରଶ ହୁଏତ ସେମାନଙ୍କ ମନୋଭାବର ପରିବର୍ତ୍ତନ ଆଣିପାରେ। ଏହାର ଅର୍ଥ, ମାଓବାଦୀମାନେ ପାଉଥିବା ଜନସମର୍ଥନକୁ ସେମାନଙ୍କଠାରୁ ଛଡ଼ାଇ ନେବା। ଆଉ ଏହା ସେତିକିବେଳେ ହିଁ ସମ୍ଭବପର ହୋଇ ପାରିବ, ଯେତେବେଳେ କେନ୍ଦ୍ର ସରକାର ସୁରକ୍ଷାଜନିତ ପ୍ରସଙ୍ଗ ସହିତ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସୁସ୍ଥ ଭାରସାମ୍ୟ ରକ୍ଷା କରିପାରିବେ।

କବିତା କୋଣାର୍କ

ମାର ନାହିଁ ପର ପେଟକୁ ...

ଅମୂଲ୍ୟ କୁମାର ପଣ୍ଡା

ମାର ଯେତେ ଭାଇ ପିଠିରେ ମାରିବ
ପେଟକୁ ମାରନା ମୋଟରୁ
ପିଠିରେ ମାରିଲେ ବାହାରଟା କାଟେ
ପେଟ ଭିତିରିଆ ଚୋଟରୁ
ଲିଭିଯାଏ ପିଠି ଦାଗଟା
ପେଟର ଦାଗଟା ଏତେ ଗହରିଆ
ସତେକି ଭୋକିଲା ବାଘଟା ।

ପିଠିର ଦରଜ ଅପସରି ଯାଏ
ପେଟର ଦରଜ କମେନା
ସେହି ଦରଜରୁ ମନ ପୋଡିଯାଏ
ଆଉ ଭାବ ମୋଟେ ଜମେନା
ସମ୍ପର୍କ ସୁନ୍ଦର ଭାବରୁ
ଅତୁଟ ସମ୍ପର୍କ ଗଢଇ ଯେମିତି
ନାଉରି ତା ପ୍ରିୟ ନାବରୁ ।

ଅନ୍ୟର ପେଟକୁ ଲାତ ମାର ନାହିଁ
ଅବା ପୋଡ ନାହିଁ ମନଟା
ମନ ଥରେ ଯଦି ପୋଡିଯାଏ ଜାଣ
ତୁଚ୍ଛ ସେଠି ଧନ ତନଟା
ମନ କେବେ କା'ର ପୋଡନା
ମନ ପୋଡିଦେଇ ନିଜ ସ୍ୱାର୍ଥ ପାଇଁ
ଆଉ ତାଳି ଦେଇ ଯୋଡ଼ନା ।

+ଅରଙ୍ଗାବାଦ୍, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

ଡକ୍ଟର ଶ୍ରୀହରି ପଣ୍ଡା

ଓଡିଆ ଜାତୀୟତାର ଯଜ୍ଞପୀଠ: ଉତ୍କଳ ସମ୍ମିଳନୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେତେବେଳ ଭାରତବର୍ଷରେ ଏ ଜାତିର ପରିଚୟ ବୁଡିବାକୁ ବସିଥିଲା ସେତେବେଳେ ମଧୁବାବୁ ଓଡିଆ ଆନ୍ଦୋଳନ ମାଧ୍ୟମରେ ଓଡିଆକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ପ୍ରଚେଷ୍ଟା କରିଥିଲେ । ଇଂରେଜମାନଙ୍କ ନିକଟରେ ଏ ଜାତିର ପରିଚୟ କରିବା ସହ ଉତ୍କଳର ଅଭାବ, ଅଭିଯୋଗମାନ ବ୍ୟକ୍ତ କରିଥିଲେ । ଫଳସ୍ୱରୂପ୧୯୦୨ ମସିହାରେ କଲିକତା ବିଶ୍ୱଭାରତୀରେ ଓଡିଆ ଏକ ଭାଷା ଭାବରେ ଗୃହୀତ ହୋଇଥିଲା । ସେ ନିଜସ୍ୱ ଖର୍ଚ୍ଚରେ ୧୯୦୮ ମସିହାରେ 'ଅଶାନ୍ତ ଭାରତ' ନାମକ ବହିଟିଏ ଛାପି ଇଂଲଣ୍ଡରେ ବାଣ୍ଟି ଓଡିଶାର ଦୁଃଖକୁ ପହଞ୍ଚାଇଥିଲେ । ଫଳସ୍ୱରୂପ୧୯୧୯ରେ ଚେମ୍ସଫୋର୍ଡ ଶାସନ ସଂସ୍କାରରେ ଓଡିଶାକୁ ଏକ ଉପପ୍ରଦେଶ କରାଯିବାକୁ ସୁପାରିଶ କରାଯିବା ସହିତ ୧୯୨୭ ମସିହାରେ ସାଇମନ କମିଶନ ପାଖରେ ଓଡିଆ ଭାଷାକୁ ଏକ ଭାଷାର ମର୍ଯ୍ୟାଦା ପାଇଁ ଦାବି କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଦର୍ଶାଇଥିଲେ । କମିଶନ ମଧ ମଧୁବାବୁଙ୍କ ଦାବିକୁ ମାନିନେଇ ଓଡନେଲ କମିଟି ମାଧ୍ୟମରେ ଓଡିଶାର ନାର୍ଯ୍ୟଦାବି ସମ୍ପର୍କରେ ଅନୁସନ୍ଧାନ କଲେ ଓ ଏହି କମିଟିର ସୁପାରିଶ ଅନୁଯାୟୀ ଓଡିଆ ଭାଷା ଏକ ଭାଷାର ମାନ୍ୟତା ସହ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଁ ସୁପାରିଶ କରିଥିଲେ ।

ଓଡିଆ ଆନ୍ଦୋଳନର କାର୍ଯ୍ୟାବଳୀ ଯେତେ ସ୍ମରଣୀୟ ସେତେ ଯୁଗୋପଯୋଗୀ ଥିଲା ଉତ୍କଳ ସମ୍ମିଳନୀ। ଓଡିଆଙ୍କ ପରିଚୟ, ସ୍ଥିତି ଓଡିଆ ଆନ୍ଦୋଳନ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବା ସହ ବିଚ୍ଛିନ୍ନ ଓଡିଶାର ବିଭିନ୍ନ ଅଂଶକୁ ଏକତ୍ରିତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାର ଲକ୍ଷ୍ୟ ଏହି ଉତ୍କଳ ସମ୍ମିଳନୀର ଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ରେ ପ୍ରାକୃତିକ ଉତ୍କଳର ଏକତ୍ରୀକରଣ, କୃଷି, ବାଣିଜ୍ୟ, ଅର୍ଥନୈତିକ, ସାମାଜିକ ଓ ଶିଳ୍ପର ଉନ୍ନତି ଏବଂ ଶିକ୍ଷା ଓ ସାହିତ୍ୟର ପ୍ରସାର ଉଦ୍ଦେଶ୍ୟ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତ୍ୟେକ ମଣିଷର କଳା, ସାହିତ୍ୟ ଓ ସଂସ୍କୃତିପ୍ରାଣା ହୋଇ ଉଠିବା ଏକ ସହଜାତ ପ୍ରକୃତି । ହେଲେ ସେଥିରେ ପ୍ରତିଷ୍ଠା ପାଇବା ପାଇଁ ସାଧନା ଅପରିହାର୍ଯ୍ୟ । ଯେଉଁମାନେ ସାଧନାର ଶମୀତରୁ ଆରୋହଣ କରିବାର ପ୍ରତିବଦ୍ଧତା ରଖନ୍ତି ସେମାନେ ସେମାନଙ୍କ ସୃଜନ ଭୂମିକୁ ଉର୍ବର କରିତୋଳନ୍ତି । ମଧୁବାବୁ ମଧ ନିଜର ମାଟିକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଦୃଢ ମନୋବଳ ଓ ସାହସର ସହିତ ଆଗେଇ ଚାଲିଥିଲେ । ଏହି ସମ୍ମିଳନୀ ଥିଲା ଉତ୍କଳୀୟ ଜାଗରଣର ପଥପ୍ରଦର୍ଶକ । ସେଥିପାଇଁ କିଛି ପାରିପାର୍ଶ୍ୱିକ ପରିସ୍ଥିତି ଦାୟୀ ଥିଲା । ଯଥା- ବଙ୍ଗଳାର ରାଜନୀତିଜ୍ଞମାନେ ଏକ ପ୍ରାଦେଶିକ କମିଟି ଗଠନ କରି ଉତ୍କଳକୁ ସେହି ଅନୁଷ୍ଠାନର ଅଧୀନ କରିବାକୁ ଅନୁରୋଧ, ୧୯୦୨ରେ ବିଶ୍ୱଭାରତୀରେ ଓଡିଆ ଭାଷା ମନ୍ୟତା ପାଇବାପରେ ବଙ୍ଗାଳୀମାନଙ୍କ ଆପତ୍ତି ଓ ଅପପ୍ରଚାର, ୧୯୦୩ରେ ଗଞ୍ଜାମ ଜାତୀୟ ସମିତିରୁ ଉତ୍ସାହ ପ୍ରାପ୍ତ ଇତ୍ୟାଦି । ୧୯୦୩ ମସିହା ଅକ୍ଟୋବର ୨୫ ତାରିଖରେ କନିକା ରାଜବାଟୀରେ ଉତ୍କଳ ସମ୍ମିଳନୀ ସଭାରେ ସେ ଯେଉଁ ଭାଷଣ ଦେଇଥିଲେ ସେଥିରେ ଉତ୍କଳର ସାମାଜିକ, ବୈଷୟିକ ତଥା ଆର୍ଥିକ ଉନ୍ନତି ନିମନ୍ତେ ଆହ୍ୱାନ ଦେଇଥିଲେ । ପ୍ରଥମ ସମ୍ମିଳନୀରେ ମଧୁବାବୁ ସଂପାଦକର କାର୍ଯ୍ୟଭାର ତୁଲାଇଥିଲେ । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତି ଓ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଉ ଅଭ୍ୟର୍ଥନା କମିଟିର ଅଧକ୍ଷ ହୋଇଥିଲେ । ଏହି ସଭାରେ ୫ ଜଣ ରାଜା ଓ ୩୫୫ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ୧୯୦୪ ଡିସେମ୍ବର ୨୮ ତାରିଖ ଇଦଗା ପଡିଆରେ ଅନୁଷ୍ଠିତ ହୋଇଥିଲା । ଏଥରେ ମଧୁବାବୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେଥିରୁ ତାଙ୍କର ଦେଶ, ଜାତି, ପ୍ରୀତି, ଦୂରଦୃଷ୍ଟି ତଥା ମହାନୁଭବି ବାଗ୍ମୀ ବ୍ୟକ୍ତିତ୍ୱର ପରିଚୟ ମିଳେ । ୧୯୦୬ ବାଲେଶ୍ୱରର ପର୍ମଟ ପଡିଆରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ମଧୁବାବୁ ନିଜକୁ ଏକଲା ଅନୁଭବ କରିବା ସହିତ ଓଡିଆ ଭାଇଙ୍କ ସହଯୋଗ ଲୋଡିଥିଲେ । ସେ ସମୟରେ ଓଡିଶା କହିଲେ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମକୁ ବୁଝାଉଥିଲା ।ମଧୁବାବୁ ଏହି ତିନି ଭାଗକୁ ଉତ୍କଳର ତିନିପୁତ୍ର ସହିତ ତୁଳନା କରୁଥିବାରୁ ଗଞ୍ଜାମବାସୀ ତାଙ୍କଠାରୁ ଦୂରେଇ ଯାଉଥିବା ସେ ଅନୁଭବ କରୁଥିଲେ । ତେଣୁ କଥା ଛଳରେ ସେ କହିଥିଲେ ଯେ, ଜନନୀ ବିପଦଗ୍ରସ୍ତ, ପାଖରେ ଦୁଇପୁତ୍ର ମିଳିତ, ଅନ୍ୟ ଜଣେ ପୁତ୍ରକୁ ନ ଦେଖି ଜନନୀ ମନରେ କିପରି ଦୁଃଖ, ତାହା ସହଜେ ଅନୁମେୟ । ସବୁ ଭାଇମିଶି ମା'ପାଖକୁ ଆସି ସମ୍ମିଳିତ ଭାବରେ ସେବାଶୁଶ୍ରୁଷା କରି ଜୀବନ ଚରିତାର୍ଥ କରିବାକୁ ସେ ଆକୁଳ ନିବେଦନ କରିଥିଲେ । ଏଠାରେ ତାଙ୍କର ଭ୍ରାତୃଭାବ, ଜାତିପ୍ରୀତି ଓ ଅଞ୍ଚଳ ପ୍ରେମର ପରିଚୟ ମିଳେ । ୧୯୦୮ ମସିହାରେ ପୁରୀ ଅଧିବେଶନରେ ଉତ୍କଳ ସମ୍ମିଳନୀର ଶାଖା ସ୍ୱରୂପ ଗ୍ରାମ୍ୟ ସମିତି ଗଠନ କରିଥିଲେ । ୧୯୧୨ବ୍ରହ୍ମପୁର ଅଧିବେଶନରେ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ଗଠନ ବିଷୟ ମୁଖ୍ୟ ଥିଲା । ଏଥିରେ ମଧୁବାବୁ ନିଜକୁ ଜଣେ ଅଜ୍ଞ ମଣିଷ ସହିତ ତୁଳନା କରିବା ସହ ସମସ୍ତ ଉତ୍କଳୀୟଙ୍କୁ ଏକ ପ୍ରାଣର ଜାତି ସ୍ୱାର୍ଥ ରକ୍ଷାପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ତାଙ୍କରି ଭାଷାରେ "ଆମ ସମସ୍ତଙ୍କର ଦୁଇଟି ଜୀବନ ଗୋଟିଏ ବ୍ୟକ୍ତିଗତ ଅନ୍ୟଟି ଜାତୀୟ । ବ୍ୟକ୍ତିଗତ ଜୀବନରେ ଆମେ କିଛି କରିବାର ଲକ୍ଷ୍ୟ ରଖିଥାଉ । ଅନ୍ୟପକ୍ଷରେ ଆମେ ଜାତୀୟ ଜୀବନ କଥା ପଛେ ପକାଇଥାଉ । ଏଭଳି ସମୟ ଆସେ ଆମେ ଜାତୀୟ ସ୍ରୋତରେ ସାମିଲ ହେବାକୁ ବାଧ ହେଉ । ଉଦାହରଣ ସ୍ୱରୂପ, ଯେବେ କିଏ ଓଡିଆଙ୍କୁ କଟୁକଥା ପ୍ରୟୋଗ କରେ ନିଶ୍ଚୟ ଆମର ରକ୍ତ ଗରମ ହେବ ହିଁ ହେବ । ଏଠାରେ ଜାତୀୟ ଜୀବନର ପରିଚୟ ମିଳେ । ଆମ ଓଡିଆଙ୍କ ଜାତୀୟ ଜୀବନ ଅତ୍ୟନ୍ତ ଶିଥିଳ, ତାକୁ ଉତ୍ତେଜିତ କରି ବ୍ୟକ୍ତିଗତ ଜୀବନ ପରି ବଳବାନ କରିବା ସମ୍ମିଳନୀର ଉଦ୍ଦେଶ୍ୟ ।" ମଧୁବାବୁ ବ୍ୟକ୍ତିଗତ ଜୀବନ ସ୍ୱାର୍ଥପରତା ପୂର୍ଣ୍ଣ ଓ ଜାତୀୟ ଜୀବନ ସ୍ୱାର୍ଥ ବିହୀନ ବୋଲି ମନେ କରିବା ଜୀବନ ସହ ନିଜକୁ ଜାତିର ସେବାକାରୀ ଭାବରେ କାର୍ଯ୍ୟରେ ଲଗାଇଥିଲେ ।୧୯୧୮ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ ସମ୍ବୋଧନ କରି କହିଥିଲେ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ । ପ୍ରଥମେ ଜନନୀ, ପରେ ଜନ୍ମଭୂମି ଓ ଶେଷରେ ସ୍ୱର୍ଗ । ମନୁଷ୍ୟ ଜୀବନକୁ ଏକ ସ୍ରୋତ ସହ ତୁଳନା କରିବା ସହିତ ଆଦ୍ୟରେ ଜନନୀ, ମଧରେ ଜନ୍ମଭୂମି ଓ ଶେଷରେ ସ୍ୱର୍ଗ ପ୍ରତ୍ୟେକଙ୍କର ଗତି ଏହା ପ୍ରମାଣିତ କରିଥିଲେ । ପ୍ରତ୍ୟେକ ଜୀବନ ଜନ୍ମଭୁମିଠାରୁ ଋଣୀ । ଜନ୍ମଭୂମି ସ୍ୱର୍ଗଠାରୁ ମହାନ ମଧ । ମାତୃଭୂମିର ପୂଜା ପାଇଁ ସମସ୍ତ ଭାଇମାନେ ଆମ୍ ସ୍ୱାର୍ଥ ଭୁଲି ଜାତି ସ୍ୱାର୍ଥରେ ଉତ୍କଳମାତାର ବିପନ୍ନ ସମୟରେ ମିଳିମିଶି କାମ କରିବାକୁ ଡାକରା ଦେଇଥିଲେ । ୧୯୧୩ ଓ ୧୯୧୮ ଉତ୍କଳ ସମ୍ମିଳନୀରେ ମଧୁବାବୁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ୧୯୧୭ରେ ଅଭ୍ୟର୍ଥନା କମିଟିର ସଂପାଦକ ଦାୟିତ୍ୱ ତୁଲାଇଥିଲେ । ଉତ୍କଳ ସମ୍ମିଳନୀ ଓଡିଆମାନଙ୍କ ଜାତୀୟ ଜୀବନ ଗଢିତୋଳିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ମଧୁବାବୁ ୧୮୯୭ରୁ ୧୯୧୨ ମଧରେ କିଛିକାଳକୁ ବାଦଦେଲେ ଅନ୍ୟ ସମୟ ବଙ୍ଗ ବିଧାନ ସଭାର ସଦସ୍ୟ ଥାଇ ଓଡିଶା ବହୁ ସମସ୍ୟା ଉ ।ପନ କରିଥିଲେ । ବିହାର-ଓଡିଶା ବିଧାନସଭାର ସଭ୍ୟ ଏବଂ ୧୯୨୧ରେ ମନ୍ତ୍ରୀ ହୋଇଥିଲେ । ସବୁଠି ଓଡିଆମାନଙ୍କର ସମସ୍ୟା, ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ ଆଲୋଚନା ଓ ଦାବୀ ରଖୁଥିଲେ । ୧୯୨୮ରେ ବମ୍ବେରେ ବଡଲାଟ କମିଟିକୁ ସାକ୍ଷାତ୍ କରି ବିହାରରୁ ଷଢେଇକଳା ଓ ଖରସୁଆଁ ଗଡଜାତକୁ ଆଣି ଓଡିଶା ସହ ମିଶ୍ରଣ କରିବାକୁ ଦାବୀ କରିଥିଲେ । ଅବଶ୍ୟ ୧୯୨୮ ମସିହା ଡିସେମ୍ବର ୧୨ ତାରିଖରେ ଓଡିଶାର ପ୍ରତିନିଧି ଦଳ ପାଟନା ରେଳଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ ଜଣାଇ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମନ୍ତେ ଦାବୀପତ୍ର ପ୍ରଦାନ କରିଥିଲେ ଯାହାକି ସାଇମନ କମିଶନ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସୁପାରିସ କରିଥିଲେ । ୧୯୩୧ ମସିହାରେ ପାରଳା ରାଜା ଇଂଲଣ୍ଡ ଯାଇ ଗୋଲଟେବୁଲ ବୈଠକରେ ଯୋଗଦେଇ ଓଡିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ନିମନ୍ତେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ ।୧୯୩୨ ମସିହାରେ ଓଡିଶା ପ୍ରଦେଶ ସୀମାନିର୍ଦ୍ଧାରଣ ଓଡନେଲ କମିଟିକୁ କଟକ ରେଳ ଷ୍ଟେସନରେ ମଧୁବାବୁ ସ୍ୱାଗତ କରିଥିଲେ । ୧୯୩୨ ଜୁଲାଇ ମାସରେ ଲଣ୍ଡନରେ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଆଗରେ କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡି, ଜୟପୁର, ଗଞ୍ଜାମ ଓ କୋରାପୁଟ ପ୍ରଭୃତିକୁ ଓଡିଶାରେ ମିଶ୍ରଣ ପାଇଁ ମତ ରଖିଥିଲେ । ୧୯୩୩ ମସିହା ଏପ୍ରିଲ ମାସ ୨୬ରେ ଓଡିଶା ପ୍ରଶାସନିକ କମିଟି ଗଠିତ ହେଲା । ରୁଗ୍‌ଣ ମଧୁବାବୁ ଏ କମିଟିର ସଭ୍ୟଭାବରେ ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ଦସ୍ତଖତ ଦେଇ ସ୍ୱତନ୍ତ୍ର ଓଡିଶା ଗଠନର ସ୍ୱକାର୍ଯ୍ୟ ସମ୍ପାଦନ କରିଥିଲେ । ଡିସେମ୍ବର ୨୦ ତାରିଖରେ ଏହାର ରିପୋର୍ଟ ପ୍ରକାଶିତ ହୋଇଥିଲା । ହଷ୍ଟିନ ହବାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡିଶା ପ୍ରଶାସନିକ କମିଟି କଟକକୁ ଓଡିଶା ରାଜଧାନୀ ଏବଂ ପୁରୀକୁ ଗ୍ରୀଷ୍ମକାଳୀନ ରାଜଧାନୀ ତଥା ଗୋଟିଏ ଉଚ୍ଚନ୍ୟାୟଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ଶିକ୍ଷା ନିର୍ଦ୍ଦେଶକ, ପୋଲିସ ଇନସପେକ୍ଟର ଜେନେରାଲ ଏବଂ ରାଜସ୍ୱ କମିଶନ ପଦବୀ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଲେ । ଠିକ ତାହାର ଦେଢମାସ ପରେ ଅର୍ଥାତ୍ ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ଓଡିଆ ଜାତିର ମୁକୁଟ ବିହୀନ ସମ୍ରାଟ, ଉତ୍କଳ ଗୌରବ ମଧୁସୂଦନ ଦାସ ଶେଷ ନିଶ୍ୱାସ ତ୍ୟାଗ କଲେ । ୧୯୩୫ ମସିହା ପ୍ରଣୀତ ଭାରତ ଶାସନ ଆଇନର ୨୮୯ ଧାରା ଅନୁଯାୟୀ ଓଡିଶା ଓ ସିନ୍ଧୁ ପ୍ରଦେଶକୁ ସ୍ୱୀକୃତି ପ୍ରଦାନ କରାଗଲା ଓ ୧୯୩୬ ମାର୍ଚ୍ଚ ୩ ତାରିଖରେ ଇଂରେଜ ସମ୍ରାଟଙ୍କ ଅନୁମୋଦନ ଲାଭକଲା ।

୧୯୩୬ ମସିହା । ଓଡିଆ ଜାତିର ଇତିହାସରେ ଅବିସ୍ମରଣୀୟ ଅଧ୍ୟାୟ ଉନ୍ମୋଚିତ ହେଲା । ଏହି ବର୍ଷ ଏପ୍ରିଲ ଏକ ତାରିଖ ବିଖଣ୍ଡିତ ସୁଦୂର ପ୍ରସାରୀ ଓଡିଶା ସାମ୍ରାଜ୍ୟର ଏକତ୍ରୀକରଣ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଜନ୍ମ ନେଲା । ୧୯୩୬ ଏପ୍ରିଲ ଏକ ତାରିଖରେ ଓଡିଆଙ୍କ ବହୁ ଇପ୍ସିତ ଓଡିଶା ପ୍ରଦେଶ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେବାର ଗୌରବ ପ୍ରାପ୍ତ ହେଲା । ଏହାର ଆୟତନ ୩୨,୬୯୫ ବର୍ଗମାଇଲ ହୋଇଥିବା ବେଳେ ଜନସଂଖ୍ୟା ୮,୦୪.୬୮୧ ଥିଲା । ବହୁ ସଂଘର୍ଷ ଓ ଉ ।ନପତନ ମଧରେ, ବହୁ ବିଜ୍ଞ, ବ୍ୟକ୍ତି, ନେତା ଓ ସାଧାରଣ ବ୍ୟକ୍ତିଙ୍କ ବିପର୍ଯ୍ୟୟ ଓ ବିଡମ୍ବନା ମଧରେ ଗତି କରି ଦୀର୍ଘ ଅର୍ଦ୍ଧଶତାବ୍ଦୀର ସଂଘର୍ଷ ପରେ ଓଡିଆଙ୍କୁ ତାଙ୍କ ନିଜସ୍ୱ ପରିଚୟ ମିଳିଛି । ଭାଷା ନରହିଲେ ଜାତି ରହିବ ନାହିଁ । ଓଡିଆ ଜାତିର ପ୍ରାଚୀନତା ଓ ଭାହା, ସାହିତ୍ୟ ଏବଂ ଐତିହ୍ୟର ମହାନତା ଆମମାନଙ୍କର ପରିଚୟ । ଏହାକୁ ଅକ୍ଷୁଣ୍ଣ ରଖିବାକୁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।

(ସମାପ୍ତ)

ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ ,
ମୋ.୮୬୫୮୫୦୫୯୭୮



ମାୟାଧର ନାୟକ

ପୃଥିବୀର ପ୍ରଥମସ୍ୱର : ଜମି ବିକନା ଭଡା ଦିଅ

ଜମି ଅଧିଗ୍ରହଣକୁ ନେଇ ବିଭିନ୍ନ ସ୍ଥାନରେ ଭୟଙ୍କର ହିଂସାକାଣ୍ଡମାନ ଚାଲୁରହିଛି । ବିସ୍ଥାପିତ ସମସ୍ୟାର ବିସ୍ଫୋରିତ ବିଭୀଷିକା ଆଜି ଏଠି, ସେଠି, ସବୁଠି । ବିନାଯୁଦ୍ଧେ ନ ଛାଡିବୁ ସୂଚ୍ୟଗ୍ରେ ମେଦିନୀର ମୂଳକଥାକୁ ନେଇ ମହାଭାରତ ଯୁଦ୍ଧ । ଶକ୍ତିଶାଳୀ କୌରବଙ୍କୁ ପାଂଚଭାଇ ପାଣ୍ଡବ ସଖା ଶ୍ରୀକୃଷ୍ଣଙ୍କ ସହ ମିଶି ପରାସ୍ତ କରିଥିଲେ । କାହି କୋଉ ଯୁଗର କଥା । ଏବେ ଭୂଇଁ ଖଣ୍ଡକ ଛଡେଇ ନେବାପାଇଁ ଶିଳ୍ପପତି ସରକାର ଜମିମାଲିକ ଚାଷୀ, ଆଦିବାସୀଙ୍କ ସଂଗେ ଯୁଦ୍ଧ କରୁଛନ୍ତି । ଏ ଯୁଦ୍ଧ ମହାଭାରତ ଯୁଦ୍ଧଠାରୁ ଆହୁରି ଭୟଙ୍କର ଆଡକୁ ଗତି କରୁଛି । କଳିଙ୍ଗନଗର କୁହୁଳାନିଆଁ ସିଂଗୁର, ନନ୍ଦୀଗ୍ରାମକୁ ଖିନ୍‌ଭିନ୍ କରି ଆଲିଗଡ ମହେମ, ଘୁରି ଘୁରି ଏବେ ନୋଉଡାର ଭଟ୍ଟା-ପାର୍ସୌଲ ଗାଁରେ ଘୂର୍ଣ୍ଣର ଝଡ ସୃଷ୍ଟି କରିଛି । ପାରାଦ୍ୱୀପରେ ନୀରବ ଝଡ ଲାଗି ରହିଛି ।

ଆଜିର ଏ ଜୋକ୍ - ଜରଦ୍‌ଗବ ଗଣତନ୍ତ୍ର ଜନତାକୁ ଜୋକର ବନାଇ କ୍ଷମତାର ସୁନା ସୁଡଙ୍ଗରେ ଧନତନ୍ତ୍ରର ଗୋଲାମ ସାଜିଛି । ନିଜକୁ ନିଲାମକରି ଶସ୍ତାରେ ବିକି ଦେବାକୁ ବସିଛି - ବିଚରା ମଜଦୂରର ମାଟି, ଅସହାୟ ଆଦିବାସୀର ଘାଟୀ ଉପାସୀ ଚାଷୀର ଫୁଲଉଡା ଫସଲବାଟି ।

ଜମି କେବଳ ଫସଲ ଆମଦାନୀର ଏକ ନିଛକ ଅର୍ଥନୈତିକ ପ୍ରକ୍ରିୟା ନୁହେଁ । ହଜାର ହଜାର ବର୍ଷ ଧରି ଜମି ସହ ମାନବ ସମାଜର ଜୀବନ ଜୀବିକା ଯୋଡି ହୋଇଯାଇଛି । କୃଷି ଜମି ମାନବ ସମାଜର ସଂସ୍କୃତି । ଜୀବନଯାପନର ଚିରାଚରିତ ଶୈଳୀ । ଥରେ ଜମି ଚାଲିଗଲେ ଜୀବନ ଚାଲିଯାଏ, ସଂସ୍କୃତି ଭାଙ୍ଗିଯାଏ । ଜମିର ଦାମ ଟଙ୍କାରେ ମପାଯାଇ ପାରେନା ।

ଶିଳ୍ପପତିଙ୍କ ସ୍ୱାର୍ଥପାଇଁ ଏପରିକି ଦେଶର ବିକାଶ ନାଁରେ ସରକାର ବନ୍ଧୁକମୂନରେ ଜମି ଅଧିଗ୍ରହଣ କରିବା ଦ୍ୱାରା ବିସ୍ଥାପିତମାନେ ପ୍ରବଳ ବିରୋଧ କରୁଛନ୍ତି । ଏହି ଜମି ଅଧିଗ୍ରହଣ ଆଇନ୍ ୧୮୯୪ ମସିହାରେ ଭାରତରେ ଜମି ହଡପ ପାଇଁ ସାମ୍ରାଜ୍ୟବାଦୀ ବ୍ରିଟିଶ ପ୍ରଣୟନ କରିଥିଲେ । ଯେତେବେଳେ ଏହି ଜଘନ୍ୟ ବେଆଇନ୍ କାର୍ଯ୍ୟକୁ ବିରୋଧ କରିବା କଷ୍ଟକର ଥିଲା । ବ୍ରିଟିଶ୍‌ମାନେ ୭୫୦ ବର୍ଷ ଆୟରଲାଣ୍ଡକୁ ଗୋଲାମ କରି ରଖିଥିଲେ । ଶୋଷଣ, ଜୁଲମ, ଅତ୍ୟାଚାର କରିବାପାଇଁ ଆୟରଲାଣ୍ଡରେ ଯେଉଁ ଆଇନ୍ ଥିଲା କେବଳ ଆୟରଲାଣ୍ଡ ସ୍ଥାନରେ ଇଣ୍ଡିଆ ଲଗାଇଦେଲେ । ଇଂରେଜମାନେ ବ୍ୟବସାୟ କରିବାକୁ ଆସି ଆମ ଭାରତବର୍ଷକୁ ୨୦୦ ବର୍ଷ ଗୋଲାମ କରି ରଖିଥିଲେ ।

ଆମେ ସିନା ୧୯୪୭ ମସିହାରେ ସ୍ୱାଧୀନତା ପାଇଲେ, କିନ୍ତୁ ବ୍ରିଟିଶ ବାଲାଙ୍କ ସେଇ ୧୮୯୪ ଜମି ଅଧିଗ୍ରହଣ ଟଂଚକ ଆଇନକୁ ୧୨୭ ବର୍ଷ ହେଲା ଦେଶୀ ସରକାରମାନେ ଜାବୁଡି ଧରି ବନ୍ଧୁକମୂନରେ ଜମି ଅଧିଗ୍ରହଣ କରିବାରେ ଲାଗିଛନ୍ତି - ଯାହା ଫଳରେ ସମଗ୍ର ଦେଶରେ ଅଶାନ୍ତି ଅସନ୍ତୋଷର ବହ୍ନି ବିସ୍ଫୋରଣ ହେବାରେ ଲାଗିଛି ।

ଘରୋଇ କମ୍ପାନୀ ହେଉ କି ସରକାରୀ ପ୍ରକଳ୍ପ ହେଉ ଜମି ଅଧିଗ୍ରହଣ ନେଇ ସାରା ଦେଶରେ ବୁଦ୍ଧିଜୀବୀ ଅଣ ବୁଦ୍ଧିଜୀବୀ ସାଧାରଣ ଲୋକଙ୍କ ମଧରେ ବହୁ ବିତର୍କ, ବାଦବିବାଦ, ଆଲୋଚନା ଚାଲୁ ରହିଛି । ସମସ୍ତ ଆଲୋଚନାରୁ ଗୋଟିଏ ପଏଂଟ୍ ଆସିଛି - ଶିଳ୍ପାନୁଷ୍ଠାନ ପାଇଁ ଚାଷଜମି ଅଧିଗ୍ରହଣ ନକରି ଅନୁର୍ବର ଜମି ନିଆଯାଉ ଓ ଉପଯୁକ୍ତ କ୍ଷତିପୂରଣ, ଥଇଥାନ, ବିସ୍ଥାପନ ନୀତି କରାଯାଉ । ଏପରିକି ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଅର୍ଥନୀତିଜ୍ଞ ନୋବେଲ ପୁରସ୍କାର ପ୍ରାପ୍ତ ଅର୍ମର୍ତ୍ତ୍ୟସେନ ମଧ ଯୁକ୍ତି ବାଢିଛନ୍ତି - ଶିଳ୍ପପାଇଁ ଆବଶ୍ୟକୀୟ ଜମି ଦିଆଯିବ - ଉର୍ବର ଅନୁର୍ବର ଜମି କଥା ଉଠିବା ଉଚିତ ନୁହେଁ ।

(କ୍ରମଶଃ)

+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

କବିତା କୋଣାର୍କ

ଶୀର୍ଷକ-ସ୍ମୃତିର ଚିହ୍ନଅ...

ଦୁଷ୍ମନ୍ତ ବେହେରା

ମନ ଛାଇରେ ଲୁଚାଇ ରଖିଛି ପ୍ରେମ
ସ୍ୱର୍ଶ କଲେ ଦିଶିବନି
ମନ ଉହାଡ଼ରେ ଝରି ବହୁଥିବ
ତୁମ ଦାଗ ସ୍ମୃତି ଦରଦ ଚିହ୍ନ !!

ରକ୍ତ ଲେପନରେ ସାଇତି ରଖିଛି
ପୁଷ୍ପା ଲୁହର ଝର
ଦୋଷ ନଥାଇ ବି ଶରୀର ଝୁରେ
ଚେହେରା ଛାଇ ତୁମର !!

ନିଶ୍ୱାସ ପ୍ରଶ୍ୱାସ ତୁମ ପାଇଁ ଚାଲେ
ମୋ ଜୀବର ଜୀବନ
ବାଛିଛି ତୁମକୁ ଦୁନିଆ ଆଗରେ
ଛୋଟ କରିବ ନାହିଁ ମୋ ମନ !!

ଭଗ୍ନ ଶୀଳାରେ ଚିହ୍ନ ରଖିଛି
ଦେଖିବ ତୁମେ ଆସ
ମୁଁ ଲିଭି ଯିବି ଭଗ୍ନ ଶୀଳା ଥିବ
ଦେଖେଇବ ତୁମ ଚିହ୍ନ !!

ଦୋଷ ଥିଲା ମନ ଶରୀରର
ଲୁହର ନଥିଲା ଦୋଷ
ତୁମ ସ୍ମୃତି ଚିହ୍ନରେ ତଥାପି
ଆଖିରୁ ଝରେ ଲୁହ !!

ଚିଠି ପୁରୁଣାକୁ ପ୍ରେମ ନୂଆ
ଚିରିବା ଆଗରୁ ଝୁରିବ
ଜାଳି ମାରୁଥିବ ମନ ହୃଦୟ
ରହିଥିବ ସ୍ମୃତି ଚିହ୍ନ !!

ରାସୋଳ-ମୁଣ୍ଡିଆପଷି,
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

ପେନ୍ଥାଏ ପଳାସ ...

ବୈଷ୍ଣବ ମେହେର

ଚଇତିର ପତ୍ରଝଡ଼ାରେ
ପଳାସର ଅପରୂପ ଆଭା
କେମିତି ପୁଲକିତ କରେ
ଖାଁଖାଁ ଜୀବନରେ ଭରି ଦିଏ
ଜିଇଁବାର ସହସ୍ର ମାଦକତା,
ହୋଇପାରେ ସେ ଚିତ୍ରକରର ଚିତ୍ରକଳ୍ପ
ଭାବୁକର ପ୍ରତୀକ
ଅବା କବିର ଉପମା
ସେ ତ ଅଜସ୍ର ଫୁଲର ଅନୂପମ ଶୋଭା
ଝରାପତ୍ର ସହ କେବେ
ଉଡ଼ି ଯାଏନି କି ହଜି ଯାଏନି
ବରଂ ଜୀବନଟିଏ ଫୁଙ୍କି ଦେଇ ପାରେ
ଶୁଖିଲା ହୃଦୟରେ,
ଝନଝନ ଝାଞ୍ଜିରେ ବି
ଭରି ଦେଇ ଯାଏ...
ଆଗେଇବାର ଅପାର ଉଲ୍ଲାସ
ସିଂଚି ଦେଇ ପାରେ
ତହତହ ଉତ୍ତପ୍ତ ପ୍ରାଣରେ
ଶୀତଳତା ର କଅଁଳ ସ୍ୱର୍ଶ
ସେ ତ ପ୍ରକୃତିର ଅପୁର୍ବ ବିନ୍ୟାସ
ଫଗୁଣର ଲାଜ ଲାଜ କୁଳବଧୂ
ପେନ୍ଥାଏ ପଳାସ ।

+ ସଭାପତି ଗଙ୍ଗାଧର
ସାରସ୍ୱତ ସମିତି
ସିନାପାଲି,ନୂଆପଡ଼ା

ଦକ୍ଷତା ...

ପ୍ରଦୀପ୍ତ ଆଚାର୍ଯ୍ୟ

ଯେତେବି ଧାରୁଆ, ହୋଇଥାଉ ବ୍ଲେଡ୍,
ଗଛ କାଟି ପାରିବକି ?
ଶକ୍ତ କୁରାଢୀରେ,ଦାଢି କଟା କାମ,
ସମ୍ଭବ କେବେ ହେବକି ?
ସଭିଙ୍କ ଦକ୍ଷତା , ନଥାଏ ସମାନ,
ଈଶ୍ୱର ଦତ ଏ ଗୁଣ,
ନିଜର ଦକ୍ଷତା, କରି ଆକଳନ,
ନିଜ କାର୍ଯ୍ୟ ନିଜେ କର।
ଅନ୍ତର ନିହିତ,ଦକ୍ଷତା ନିଶ୍ଚିତ,
ସଭିଙ୍କର କିଛି ଅଛି,
ଅନ୍ତର୍ଦୃଷ୍ଟି ଦ୍ୱାରା, ନିଷ୍ଠାର ପ୍ରଚେଷ୍ଟା,
ପ୍ରତିଷ୍ଠା ଆଣି ଦେଉଛି।
ଅନ୍ୟର ଦକ୍ଷତା, ଦେଖି ଈର୍ଷାନ୍ୱିତ,
କେବେବି ହୋଇବା ନାହିଁ,
ଆତ୍ମ ସମୀକ୍ଷାଟି, ଲୋଡାହିଁ ସର୍ବଦା,
ନିଜ ସଫଳତା ପାଇଁ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୧୩

ଗୁରୁଦେବଙ୍କ ଶ୍ରଦ୍ଧା ସ୍ନେହ ଶିଷ୍ୟମାନଙ୍କ ମଧ୍ୟରେ ଭାଗବାଣ୍ଟ ମଧ ହେଉଥିଲା । କାହାପ୍ରତି ଗୁରୁଦେବଙ୍କ ସ୍ନେହର ମାତ୍ରା ଟିକିଏ ବେଶି ତ, କାହା ପ୍ରତି କମ୍ । ଆଶ୍ରମ ଜୀବନରେ ଏ ଅନୁଭୂତି ମୋର ମଧ ଅଛି । ଗୁରୁଦେବ ସବୁ ରାଜକୁମାର ମାନଙ୍କୁ ଶିକ୍ଷା ଦେଉଥିଲେ ହେଲେ, ଅର୍ଜୁନଙ୍କ ପ୍ରତି ତାଙ୍କର ଦୁର୍ବଳତା ବେଶ୍ ବାରି ହୋଇପଡ଼େ । ମୋ ମନରେ ଅନ୍ତର୍ଦ୍ୱନ୍ଦ୍ୱ ଜାଗେ । ଗୁରୁଦେବ ଅର୍ଜୁନଙ୍କୁ ଏତେ ବେଶି ଭଲପାଆନ୍ତି କାହିଁକି ? କ'ଣ ଉତ୍ତମ, ମେଧାବୀ ଛାତ୍ର ବୋଲି ନା ଅନ୍ୟ କିଛି ସ୍ୱତନ୍ତ୍ରତା ରହିଛି ତାଙ୍କ ପାଖରେ । ଗୁରୁଦେବଙ୍କ ଏମିତି ପାତର ଅନ୍ତର ନୀତି କିନ୍ତୁ ମୋ ପାଇଁ ଥିଲା ଦୁଃଖର କାରଣ ।

ସେଦିନ ପାଠପଢ଼ା ଚାଲିଥିବାବେଳେ ଘଟଣାଟିଏ ଘଟିଗଲା । ଗୁରୁଦେବଙ୍କ ପ୍ରଶ୍ନର ଉତ୍ତର ଦେଉଦେଉ ମଝିରେ ଅଟକି ଗଲେ ଅର୍ଜୁନ। ଆଉ ସେହି ପ୍ରଶ୍ନର ଉତ୍ତର ମୁଁ ଦେଇଦେଲି । ହଠାତ୍ ଗୁରୁଦେବ ମୋ ପ୍ରତି ପ୍ରସନ୍ନ ହୋଇପଡ଼ିଲେ । ମୋ ମୁଣ୍ଡରେ ହାତବୁଲାଇ ଆଶୀର୍ବାଦ କଲେ । ସେଦିନ ମୁଁ ସତରେ ବହୁତ ଖୁସିରେ ଆତ୍ମହରା ହୋଇପଡ଼ିଥିଲି । ଖୁସି ହୋଇଥିଲି ଏଇଥିପାଇଁ ଯେ, ଗୁରୁଦେବଙ୍କ ସଠିକ୍ ଉତ୍ତର ଦେଇପାରିଛି ବୋଲି ନୁହେଁ, ଅର୍ଜୁନଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି ବୋଲି । ଦୁର୍ଯ୍ୟୋଧନ ଓ ଭୀମସେନଙ୍କ ପ୍ରତି ମୋର ଯେଉଁ କଟୁକ୍ତି ଥିଲା ତାହା ମୋରି ଉପରେ ହିଁ ପଡ଼ିଗଲା । ମୁଁ ନିଜେ ଅର୍ଜୁନଙ୍କ ଶତ୍ରୁ ପାଲଟି ଯାଉଛି, ପ୍ରତିଦ୍ୱନ୍ଦ୍ୱୀ ସାଜୁଛି। କେଜାଣି, ଭବିଷ୍ୟତରେ ଏ ପ୍ରତିଦ୍ୱନ୍ଦ୍ୱିତାର ବୀଜ ଅଙ୍କୁରିତ ହୋଇ କେଉଁଠି ପୁଣି ଫୁଟିଉଠିବ ।

ଅର୍ଜୁନଙ୍କ ସହ ପ୍ରତିଦ୍ୱନ୍ଦୀ ହେବାର ନିଶାରେ ମୁଁ ବିଭୋର । ଅବସର ପାଇଲେ ସମୟ ନଷ୍ଟ ନକରି ଶରଭ୍ୟାସ କରୁଥିଲି । ଅନ୍ୟ ବିଦ୍ୟା ଅପେକ୍ଷା ଧନୁର୍ବିଦ୍ୟା ପ୍ରତି ଅଧିକ ଧ୍ୟାନ ଦେଉଥିଲି କେବଳ ଏଇଥିପାଇଁ, ଧନୁର୍ବିଦ୍ୟାରେ ଯେତିକି ଯେତିକି ପାରଦର୍ଶିତା ଲାଭ କରୁଥିଲି ସେତିକି ସେତିକି ବୈରୀ ମନୋଭାବ ଜାଗି ଉଠୁଥିଲା ଅର୍ଜୁନଙ୍କ ପ୍ରତି । ମନ କହୁଥିଲା ଭବିଷ୍ୟତରେ ଯଦି କେବେ ସୁଯୋଗ ମିଳେ ତେବେ ମୁଁ ଅର୍ଜୁନଙ୍କ ସହ ହିଁ ଯୁଦ୍ଧ କରିବି ।

ବିଦ୍ୟାଶିକ୍ଷାର ପରମ୍ପରା ଅନୁଯାୟୀ ପ୍ରତିଦିନ ଗୁରୁଦେବ ଆମ୍ଭମାନଙ୍କୁ ଅସ୍ତ୍ରବିଦ୍ୟାର ନୂଆନୂଆ କୌଶଳ ଶିଖାଉଥିଲେ । ଏପରିକି ଖଡ୍ଗଚାଳନା, ରଥଚାଳନା ସବୁ କିଛି ଆମକୁ ଶିଖିବାକୁ ପଡୁଥିଲା ।

ଦିନକର ଘଟଣା । ଆମେ ସବୁ ଗୁରୁଦେବଙ୍କୁ ଘେରି ବସି ରହିଥିଲୁ । ଗୁରୁଦେବ ଆମକୁ ଯୁଦ୍ଧକ୍ଷେତ୍ରରେ ରଥଚାଳନା କେମିତି ହୁଏ ସେ ବିଷୟରେ ତନ୍ନତନ୍ନ କରି ବୁଝାଇ ଚାଲିଥିଲେ ।

ବୁଝିଲ ଶିଷ୍ୟଗଣ, ରାଜକୁମାର ମାନଙ୍କର ସାରଥି ବିଦ୍ୟା, ଅଶ୍ୱବିଦ୍ୟା ଉପରେ ଏତେଟା ଜ୍ଞାନର ଆବଶ୍ୟକତା ନାହିଁ । ଏହା କେବଳ ସୂତକୁମାର ମାନଙ୍କ ପାଇଁ ପ୍ରଯୁଜ୍ୟ । ତଥାପି ଏ ବିଷୟରେ କିଛି ଜାଣି ରଖିବା ଉଚିତ ମନେକରି ତୁମମାନଙ୍କୁ କହିଦେଉଛି । ତାଛଡ଼ା ଏଠି ତ ସୂତକୁମାର କର୍ଣ୍ଣ ମଧ ଉପସ୍ଥିତ ଅଛନ୍ତି । ତେଣୁ ତାର ଏ ବିଷୟରେ ଭଲ ଭାବରେ ଜାଣିବା ଉଚିତ । ଆଉ ତୁମମାନଙ୍କର ସେ ବିଷୟରେ କିଛି ଧାରଣା ଥିବା ଆବଶ୍ୟକ ।

ମୁଁ ଯେ ରଥଚାଳନା ଦିଗରେ ସଂପୂର୍ଣ୍ଣ ଅଜ୍ଞ ତା ନୁହେଁ, ବାପାଙ୍କ ଠାରୁ ସେ କଳାର ଉତ୍ତରାଧିକାରୀ ଥିଲି ମୁଁ । ହେଲେ, ଗୁରୁଦେବଙ୍କ ପ୍ରତିଟି ବାକ୍ୟ ମୋତେ ସେଦିନ ଶରବିଦ୍ଧର ଯନ୍ତ୍ରଣା ଦେଉଥିଲା । ରାଜକୁମାର ମାନଙ୍କ ସମ୍ମୁଖରେ ମୋତେ ଏଭଳି ଅପମାନ ଅସହ୍ୟ ହୋଇ ପଡୁଥିଲା ।

ଏଇ କ'ଣ ଜଣେ ଆଦର୍ଶ ଛାତ୍ରବତ୍ସଳ କର୍ତ୍ତବ୍ୟନିଷ୍ଠ ଦକ୍ଷ ଗୁରୁଦେବଙ୍କ ପ୍ରକୃତ ସ୍ୱରୂପ । ଜଣେ ଶିଷ୍ୟ ପାଇଁ ଗୁରୁ ହିଁ ଦେବତା । ହେଲେ, ଗୁରୁ ଯଦି ଅନ୍ୟାୟ କରନ୍ତି, ବାଦବିବାଦ ସୃଷ୍ଟି କରନ୍ତି ତେବେ, କ'ଣ କିଛି ଅପରାଧ ନାହିଁ ତାଙ୍କର । ଗୁରୁଦେବଙ୍କ ପ୍ରତି ମୋ ମନରେ ଯେଉଁ ଭକ୍ତି, ନିଷ୍ଠା ଥିଲା, ତାହା କ୍ରମଶଃ କ୍ଷୁଣ୍ଣ ହୋଇ ଯାଉଥିଲା । ଶିକ୍ଷାୟତନରେ ମୁଁ ଅବହେଳିତ ଓ ଉପେକ୍ଷାର ପାତ୍ର ହୋଇ ପଡ଼ିଥିଲି । ଏହି ପକ୍ଷପାତିତା କରି ଗୁରୁଦେବ ନ୍ୟାୟ କରିଛନ୍ତି କି ଅନ୍ୟାୟ କରିଛନ୍ତି, ପାପ ଅବା ଧର୍ମ କରିଛନ୍ତି ସେ ମନ୍ତବ୍ୟ ଦେବାର ଅଧିକାର ମୋର ନାହିଁ । ଦେବା ମଧ ମୋ ପକ୍ଷରେ ଅଧର୍ମ ହେବ । ତେଣୁ ମୁଁ ନିରବରେ ସବୁ ସହିଯାଉଥିଲି । ଗୁରୁଦେବଙ୍କ ପ୍ରତିଟି ମନ୍ତବ୍ୟକୁ ଆଗ୍ରହର ସହ ଗ୍ରହଣ କରି ନେଉଥିଲି । ଯେତେହେଲେ ବି ସେ ମୋର ଦେବତା । ଚିର ପୂଜ୍ୟ, ନମସ୍ୟ । ମୋ ଅନ୍ଧାର ଗୃହରେ ଜାଳିଛନ୍ତି ଜ୍ଞାନର ପ୍ରଦୀପ । ତାଙ୍କର ଆଶୀର୍ବାଦ ହିଁ ମୋର ଚିର କାମ୍ୟ । ସାରାଜୀବନ ମୁଁ ଋଣୀ ରହିବି ତାଙ୍କରି ପାଖରେ । ସୂତପୁତ୍ର ହୋଇ ବି ଅସ୍ତ୍ରଶିକ୍ଷାରୁ ସେ ମୋତେ ବଞ୍ଚିତ କରି ନଥିଲେ ତାହା କ'ଣ ମୋ ପାଇଁ ପରମ ସୌଭାଗ୍ୟ ନୁହେଁ ? ଆଗାମୀ ଦିନର ଇତିହାସ ମୋତେ ହିଁ ଆଙ୍ଗୁଳି ଦେଖାଇ କହିବ, ଜଣେ ସୂତପୁତ୍ର ହୋଇ ବି କର୍ଣ୍ଣ କେମିତି ବୀରପୁରୁଷ ହୋଇଥିଲେ । ତେଣୁ ଅସ୍ତ୍ରବିଦ୍ୟାର ନିପୁଣତା ପାଇଁ ମୁଁ ସାଧମତେ ଉଦ୍ୟମ କରୁଥିଲି । ଏ ପଟେ ସାରଥି ବିଦ୍ୟାକୁ ମଧ୍ୟ ଛାଡ଼ି ନଥିଲି । କେତେଦୂର ସଫଳତା ପାଇଛି ସେ କଥା ମୁଁ ସିନା କହି ପାରିବି ନାହିଁ । ହେଲେ ଜଗତବାସୀ କ'ଣ ଏହା ଉପଲବ୍ଧି କରିବେନି ।

ମୁଁ ମୋର ଆଦ୍ୟଗୁରୁ ସୂର୍ଯ୍ୟଦେବଙ୍କ ନିକଟରେ ନିତିନିତି ଗୁହାରି କରୁଥିଲି । ତାଙ୍କୁ ହିଁ ପ୍ରାର୍ଥନା କରୁଥିଲି "ହେ ପ୍ରଭୁ, ଯୁଗଯୁଗ ଧରି ତୁମେ ହିଁ ଏ ବିଶ୍ୱବ୍ରହ୍ମାଣ୍ଡରେ ମହାଶକ୍ତି ରୂପେ ପୂଜା ପାଉଥାଅ । ତୁମର ସେହି ମହାଶକ୍ତିରୁ ଟୋପିଏ କରୁଣାବାରି ମୋ ଉପରେ ଝରାଇଦିଅ । ସୂର୍ଯ୍ୟ ହୋଇ ନପାରିଲେ ବି ଭବିଷ୍ୟତ ଇତିହାସ ପୃଷ୍ଠାରେ ମୋ ଜୀବନ ବୃତ୍ତାନ୍ତ ଦ୍ୱିତୀୟ ସୂର୍ଯ୍ୟର ଆଲେଖ୍ୟ ବହନ କରିବ, ଏ ନେଇ ମୁଁ ଆଶାବାଦୀ ।

- ବାର -

ଅଶ୍ୱତ୍ଥାମା, ଏଇ ନାମଟି ମଧ୍ୟରେ କି ଆନ୍ତରିକତା ଥିଲା କେଜାଣି ସ୍ୱତଃ ମୁଁ ଟାଣି ହୋଇଯାଏ ତାଙ୍କରି ଆଡ଼େ । ହୋଇପାରନ୍ତି ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ତଥାପି ପିତା, ପୁତ୍ର ଦୁହିଁଙ୍କ ଭିତରେ ମୁଁ ଅନୁଭବ କରୁଥିଲି କିଛି ପ୍ରଭେଦ । ପିତା ଯେଉଁଠି ସୂତପୁତ୍ର ବୋଲି ତାଚ୍ଛଲ୍ୟତା ପ୍ରକାଶ କରୁଥିଲେ, ସେଠାରେ ପୁତ୍ର ମୋତେ ବନ୍ଧୁତାର ଡୋରିରେ ଟାଣି ନେଉଥିଲେ ପାଖକୁ । ମୁଁ କିଛି ବୁଝିପାରେନି । ମୋ ପ୍ରତି ଗୁରୁପୁତ୍ରଙ୍କର ଏତେ ସ୍ନେହ, ଶ୍ରଦ୍ଧା କାହିଁକି । କେବଳ ସେତିକି ନୁହେଁ, କୁମାର ମାନଙ୍କ ମଧ୍ୟରୁ ଅନେକଙ୍କର ମୁଁ ଥିଲି ପ୍ରିୟ, ବିଶେଷକରି ଦୁର୍ଯ୍ୟୋଧନ ମୋ ସହ ବେଶି ମିଶୁଥିଲେ । ଏମିତି ମିତ୍ରତା ମଧ୍ୟରେ ବାନ୍ଧି ହୋଇ ଆଶ୍ରମ ପ୍ରତି ମାୟା ଜାଗି ଉଠୁଥିଲା ମନରେ । ଗୁରୁକୁଳ ଆଶ୍ରମ ମୋ ପାଇଁ ଘର ଠାରୁ ଅଧିକ ଆପଣାର ଥିଲା ଆଶ୍ରମ ଜୀବନ ବିତାଇବାକୁ ବେଶ୍ ଆନନ୍ଦ ଆସୁଥିଲା ମନରେ । ଅନେକ ନୂତନ ଅଭିଜ୍ଞତା ହେଉଥିଲା ଆଶ୍ରମ ଜୀବନର ।

ଦ୍ରୋଣାଚାର୍ଯ୍ୟ ମୋର ଗୁରୁଦେବ । ଆଉ ଅଶ୍ୱତ୍ଥାମା ମୋର ବନ୍ଧୁ । ଅଶ୍ୱତ୍ଥାମାଙ୍କ ମନରେ ମୋ ପ୍ରତି ବିରାଗ ନାହିଁ, ଦ୍ୱେଷ ନାହିଁ । କାହିଁକି ବା ରହିବ । ସେ ତ ଗୁରୁପୁତ୍ର, ଯାହା ଚାହିଁବେ ଶିକ୍ଷାକରି ପାରିବେ ନିଜପିତାଙ୍କ ଠାରୁ । ନିଜ ସନ୍ତାନ ପ୍ରତି ଅଧିକ ସ୍ନେହ ପ୍ରକଟ କରିବା ଜଣେ ପିତା ପାଇଁ କିଛି ଅପରାଧ ନୁହେଁ । ସେଇ ସୂତ୍ରରେ ଅଶ୍ୱତ୍ଥାମାଙ୍କୁ ଗୁରୁଦେବ କିଛି ଗୋପନୀୟ ବିଦ୍ୟା ଶିକ୍ଷା ଦେଉଥିଲେ । ଆଉ ସେଥିପାଇଁ କାହା ମନରେ ଈର୍ଷା ଜାତ ହେବା ମଧ ଉଚିତ୍ ନୁହେଁ । ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର ହୋଇ ଗଢ଼ାହେବା ତ ନିଶ୍ଚିତ ଶ୍ରେୟସ୍କର । ଅଶ୍ୱତ୍ଥାମା ତେଣୁ ନିଜ ପିତାଙ୍କ ପରି ବୀର ହେଉ, ଏଥିପାଇଁ ମୋ ମନରେ ମଧ ତାଙ୍କ ପ୍ରତି ଅଜସ୍ର ଶୁଭକାମନା ରହିଥିଲା । ଭାବୁଥିଲି ଆମ ସମସ୍ତଙ୍କ ମଧ୍ୟରେ ଅଶ୍ୱତ୍ଥାମା ହିଁ ବେଶି ବିଦ୍ୟା ନିପୁଣ ହୋଇପାରିବେ । ହେଲେ କିଛିଦିନ ପରେ ଜାଣିବାକୁ ପାଇଲି ଆମ ଶିଷ୍ୟମାନଙ୍କ ମଧ୍ୟରେ ଆହୁରି ଜଣେ ପ୍ରିୟ ଛାତ୍ର ତାଙ୍କର ରହିଛନ୍ତି । ପୁତ୍ର ହିସାବରେ ଅଶ୍ୱତ୍ଥାମା ଗୁରୁକୃପା ଲାଭ କରୁଥିଲେ ବୋଲି ମୋ ମନରେ ସେତେଟା କ୍ଷୋଭ ନଥିଲା । କିନ୍ତୁ କ୍ଷୋଭ ଆସୁଥିଲା ପ୍ରିୟ ଶିଷ୍ୟ ସ୍ଥାନରେ ଗୁରୁଦେବ ବାଛି ନେଇଥିଲେ ଅର୍ଜୁନଙ୍କୁ । ଆଉ ସେଇଥିପାଇଁ ଅଶ୍ୱତ୍ଥାମାଙ୍କ ସ୍ୱତନ୍ତ୍ର ଅସ୍ତ୍ରଶିକ୍ଷା ଦେବାବେଳେ ଅର୍ଜୁନଙ୍କୁ ମଧ୍ୟ ସେଥିରେ ସାମିଲ କରୁଥିଲେ । ସମସ୍ତ ଅନ୍ତେବାସୀ ମାନଙ୍କ ପାଇଁ ଏକପ୍ରକାର ଶିକ୍ଷାଦାନ ପ୍ରଣାଳୀ ଥିଲା ସତ, ହେଲେ ଗୁରୁଦେବ ନିଜର ଉତ୍ତରାଧିକାରୀ ରୂପେ ଶିଷ୍ୟ ଅର୍ଜୁନଙ୍କୁ ଗଢୁଥିଲେ । ଯେଉଁଥିପାଇଁ ଏତେ ଗୋପନୀୟତାର ପ୍ରସ୍ତୁତି ଚାଲିଥିଲା । ମନେମନେ ମୋର ଈର୍ଷା ଆସୁଥିଲା ଅର୍ଜୁନଙ୍କ ପ୍ରତି । ଭାବୁଥିଲି ଏଠି ସମସ୍ତେ ତ ଶିଷ୍ୟ । ହେଲେ ଅର୍ଜୁନଙ୍କ ପ୍ରତି ଏତେ ଶ୍ରଦ୍ଧା କାହିଁକି ଗୁରୁଦେବଙ୍କର । କେଉଁ ଗୁଣରେ ମୁଁ ଅର୍ଜୁନଙ୍କ ଠାରୁ ହୀନ ଯେ, ମୋ ବେଳକୁ ଏତେ ପାତର ଅନ୍ତର । ଅନ୍ୟାନ୍ୟ କୁମାର ମାନଙ୍କ ମଧ୍ୟରେ ଗୁରୁଦେବଙ୍କ ଏଭଳି ପକ୍ଷପାତିତା ସମ୍ବନ୍ଧରେ କି ଧାରଣା ହେଉଥିଲା ଜାଣେନା, ମୋ ମନରେ କିନ୍ତୁ ଅନେକ ପ୍ରତିକ୍ରିୟା ହେଉଥିଲା । ଭାବୁଥିଲି କେବଳ କ୍ଷତ୍ରିୟ କୁଳରେ ଜନ୍ମ ହୋଇନାହିଁ ବୋଲି ତ ମୋ ପ୍ରତି ଏତେ ଅବମାନନା । ମନେମନେ କହିଲି, ଯଦି କେବେ ସୁଯୋଗ ମିଳେ ଏ ଦୁନିଆକୁ ଦେଖାଇ ଦିଅନ୍ତି କ୍ଷତ୍ରିୟ ନହୋଇ ବି ବୀରର ଯୋଗ୍ୟତା ମୋ ଠାରେ ଅଛି କି ନାହିଁ, ସେଇ ମୁହୂର୍ତ୍ତରେ ମୁଁ ନିଜକୁ ସମାଜର ଅବହେଳିତ, ଦଳିତ ଜାତିଭାଇ ମାନଙ୍କ ସହ ସାମିଲ୍ କରି ଦେଉଥିଲି । ଭାବୁଥିଲି ଏବେ ମୋର ଅନ୍ତସ୍ୱରକୁ କେହି ବୁଝୁ ଅବା ନବୁଝୁ ଆଗାମୀ ଦିନର ଇତିହାସ ଯଦି ଦିନେ କହିବ କର୍ଣ୍ଣ ନୀଚଜାତି ମାନଙ୍କର ଆଦର୍ଶ ଥିଲେ ତାହାହିଁ ମୋ ଜୀବନର ପରିପୂର୍ଣ୍ଣତା ଆଣିଦେବ । ମୁଁ ତେଣୁ ଆଶ୍ରମର ସବୁ ଲାଞ୍ଛନା, ନିର୍ଯାତନାକୁ ହସିହସି ସହି ଯାଉଥିଲି । ମୁଁ ଯେ ଦିନେ ବୀର ହେବି ଏହାହିଁ ଥିଲା ମୋର ଲକ୍ଷ୍ୟ ।



ଦ୍ରୋଣାଚାର୍ଯ୍ୟଙ୍କ ଆଶ୍ରମ । ମୋ ପାଇଁ ଅନେକ ସ୍ମୃତି, ଅନୁଭୂତି, ଏମିତି କିଛି ଘଟଣା ଘଟି ଯାଉଥିଲା, ଯାହାଥିଲା ମୋ ପାଇଁ ଚିର ଅଭୁଲା । ଯେତେଯେତେ ସମୟ ଅତିକ୍ରାନ୍ତ ହେଉଥାଏ ସେତେ ବେଶି ମାୟା ଜାଗି ଉଠୁଥାଏ ଆଶ୍ରମ ପ୍ରତି । ରାଜକୁମାରମାନଙ୍କ ସହ ମିତ୍ରତା ପୁଣି ସୂତପୁତ୍ର ବୋଲି ଗୁରୁଦେବଙ୍କ ମୋ ପ୍ରତି ତାଚ୍ଛଲ୍ୟତା । ଏତେ ପରେ ବି ଆଶ୍ରମ ପ୍ରତି କେମିତି ଏକ ମାୟା ଜାଗେ ମନରେ । ପାଠପଢ଼ା ପରେ ଆଶ୍ରମ ଯେ ଛାଡ଼ିବାକୁ ପଡ଼ିବ ସେ ଚିନ୍ତାରେ ମନରେ ଦୁଃଖ ମଧ ଲାଗୁଥାଏ ।

ଦିନକର କଥା । ସେଦିନ ଘଟଣାଟିଏ ଘଟିଗଲା ଆଶ୍ରମରେ । ସେ ଘଟଣା ମୋ ମନରେ ଏମିତି ରେଖାପାତ କରିଥିଲା ଯେ, ସେ ସ୍ମୃତିକୁ ମୁଁ ଭୁଲିପାରି ନଥିଲି ଅନେକଦିନ ଧରି । ଆଶ୍ରମର ପରମ୍ପରା ଅନୁଯାୟୀ ଶିକ୍ଷାଆରମ୍ଭ ହେବା ପୂର୍ବରୁ ଆମେ ସମସ୍ତେ ସମୂହ ପ୍ରାର୍ଥନା ସଭାରେ ଏକତ୍ରିତ ହେଉଥିଲୁ । ଏକ ସ୍ୱରରେ ପ୍ରାର୍ଥନା ମଧ ଗାଉଥିଲୁ । ଦ୍ରୋଣାଚାର୍ଯ୍ୟ କୃପାଚାର୍ଯ୍ୟ ମଧ ଆମ ଗହଣରେ ଥିଲେ । ପ୍ରାର୍ଥନା ସାରି ଆମେ ସମସ୍ତେ ପ୍ରଣାମ କରୁଛୁ ଦେଖିଲୁ ଆମଠାରୁ କିଛି ଦୂରରେ ଅନ୍ୟ ଜଣେ କିଶୋର ମଧ ପ୍ରଣାମ କରୁଛନ୍ତି ଗୁରୁଦେବଙ୍କ ଉଦ୍ଦେଶ୍ୟରେ । ଖୁବ୍ ବଳିଷ୍ଠ ଦେହ ଚଉଡ଼ା ଛାତି, ଦେହ ରଂଗ ଘନକଳା, ଖାଲିପାଦ, କାନ୍ଧରେ ପରଲଗା କିଛି ବାଣ ଓ ତୂଣୀର । ଛଳଛଳ ଭାବ, ଆଖି ଦୁଇଟିର କରୁଣ ଚାହାଣି ସତେ ଯେମିତି ଟାଣି ନେଉଥାଏ ସମସ୍ତଙ୍କୁ । ମୁଁ ତାକୁ ବଲବଲ କରି ଅନାଇ ଦେଖୁଥାଏ । ସତେ ଯେମିତି କିଛି ନୂଆ ଜିନିଷ ମିଳିଯାଇଛି । ମୁହଁରେ ସରଳତାର ପରିପ୍ରକାଶ । ମୁଁ ଲକ୍ଷ୍ୟ କରୁଥିଲି ସେ କେବଳ ମୁଣ୍ଡନୁଆଁଇ ଭକ୍ତିଭରା ପ୍ରଣାମ କଲାନି ଆଚାର୍ଯ୍ୟଙ୍କୁ ଦୁଇ ଆଖିର ଉଷ୍ଣ ଲୋତକରେ ଗୁରୁଦେବଙ୍କ କୋମଳ ପାଦ ଦୁଇଟି ଧୋଇ ଦେଉଥିଲା । ବାଳକଟିର ଏଭଳି ଭାବଭଂଗୀ ଦେଖି ମୁଁ ବିଭୋର ହୋଇ ଯାଇଥିଲି । ବାସ୍ତବରେ ଜଣେ ଅପରିଚିତ ଯୁବକଟି ମନରେ ଗୁରୁଦେବଙ୍କ ପ୍ରତି ଏତେ ଭକ୍ତି, ଯାହା ମୋ ନିକଟରେ ନାହିଁ । ଗୁରୁଦେବଙ୍କ ଶିଷ୍ୟ ହୋଇ ଏଠି ଶିକ୍ଷା ପାଉଛି ତଥାପି ସଦାସର୍ବଦା ଈର୍ଷା, ଦ୍ୱେଷ, କ୍ଷୋଭ ରହିଛି ମନରେ । ଅଜାଣତରେ ମୋ ମୁଣ୍ଡ ନଇଁ ଯାଉଥିଲା ସେହି ଅପରିଚିତ ବାଳକ ଜଣକ ଠାରେ । ମନେମନେ ଧନ୍ୟ କରୁଥିଲି ତାର ଭକ୍ତିଭାବକୁ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ସମ୍ପର୍କର ରଙ୍ଗ

ସଫଳତା ବନାମ ବିଫଳତା

ଶ୍ୱେତା ରାଉତ୍

ଧନୀ ହେବାର ଲାଳସା ଓ ସଫଳତା ପ୍ରାପ୍ତ କରିବା ପାଇଁ ଜଣେ ଜୀବନ ସାରା ଖୁବ୍ ସଂଘର୍ଷ କରିଥାଏ। ପରିବାରକୁ ସମୟ ନଦେଇ ଦିନ ତମାମ ଅଧିକରୁ ଅଧିକ ରୋଜଗାର କରିବା, କ୍ଷମତା ସମ୍ପନ୍ନ ହେବାକୁ ଲାଗି ପଡିଥାଏ। ଯେମିତି କାହାର ପରିଶ୍ରମ ବୃଥା ଯାଏନି, ସେମିତି ସେ ବ୍ୟକ୍ତି ଜଣକ କ୍ଷମତା ସମ୍ପନ୍ନ ହୁଅନ୍ତି, ଅଧିକରୁ ଅଧିକ ସଂସ୍ଥା ଗଢିଥାନ୍ତି, ପ୍ରଚୁର ପଇସା ରୋଜଗାର କରିବାକୁ ସମର୍ଥ ହୋଇଥାନ୍ତି, ନିଜ ଇଚ୍ଛା ମୁତାବକ ଜୀବନ ବଞ୍ଚି ପାରନ୍ତି କିନ୍ତୁ ସତରେ ଦେଖିବାକୁ ଗଲେ ସେ ବ୍ୟକ୍ତି ଜଣକ ଜାଣି ଜାଣି ନିଜ ହାତରେ ସେସବୁ ହରେଇ ଥାଆନ୍ତି ଯାହା କେବେ ସେ ଦେଖି ପାରନ୍ତିନି। ଜୀବନର ଆରାମ ପାଇଁ, କ୍ଷମତା ପାଇଁ ସାମାଜିକ ପ୍ରତିଯୋଗିତାରେ ସିନା ଉତ୍ତୀର୍ଣ୍ଣ ହୋଇଥାନ୍ତି ହେଲେ ନିଜ କାର୍ମୀକ ଆକାଉଣ୍ଟ୍ ରେ ବାଲାନ୍ସ ଶୂନ ଥାଏ।ତାଙ୍କ ଆତ୍ମା ଦେହତ୍ୟାଗ କଲାବେଳେ ଉପାର୍ଜୀତ ଅର୍ଥ ସମ୍ପତ୍ତି ତ ସାଥିରେ ନେଇ ପାରନ୍ତିନି ତା ସହିତ କର୍ମର ସୁଫଳ ମଧ ସାଥିରେ ନେଇନଥାନ୍ତି। ଏକ ଅତୃପ୍ତ ଆତ୍ମା, ହତାସ ଜୀବନ ବ୍ୟଥିତ କରିବା ସାର ହୁଏ।

କାହିଁକି ତାଙ୍କର କାର୍ମୀକ ଆକାଉଣ୍ଟ୍ ରେ ବାଲାନ୍ସ ଶୂନ ହୋଇଥାଏ ଜାଣନ୍ତି ?

ଯେତେବେଳେ ସଫଳତାର ସ୍ୱପ୍ନ ଦେଖି ଅହରହ ପଇସା ପଛରେ ଗୋଡାଉଥାନ୍ତି, ସେତେବେଳେ ସ୍ତ୍ରୀକୁ ସ୍ୱାମୀର ପ୍ରେମ, ସନ୍ତାନମାନଙ୍କୁ ବାପାର ଶ୍ରଦ୍ଧା, ବାପା-ମାଆଙ୍କୁ ପୁଅର କର୍ତ୍ତବ୍ୟ, ସେବା, ଆତ୍ମୀୟମାନଙ୍କୁ ସହଯୋଗ ଦେବାରେ ବିଫଳ ହୋଇଥାନ୍ତି। ଫଳରେ ଏହିସବୁ ଆତ୍ମାମାନେ କେବେ କ୍ରୋଧ, କେବେ ଅଭିମାନ, କେବେ ଅଭିଯୋଗ ତ କେବେ ଅଭିଶାପ ଦେଇଥାନ୍ତି କାରଣ ସେମାନେ ନିଜର ପ୍ରାପ୍ୟ ଖୁସି ପାଇନଥାନ୍ତି।

ଅଫିସରେ ହେଉ କି ବ୍ୟାପାରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଖୁବ୍ ପରିଶ୍ରମ କରାଇଥାନ୍ତି। ରାଗ, ଚିଡିଚିଡା, ବିରକ୍ତିଭାବ ନେଇ ସେମାନଙ୍କୁ ଦିନ ତମାମ ଖଟାଇଥାନ୍ତି। ନିଜ ବ୍ୟାପାରରେ ବୃଦ୍ଧି ବା ସଫଳତା ପାଇଁ କର୍ମଚାରୀମାନଙ୍କ ପ୍ରତି ପଶୁ ଭଳି ବ୍ୟବହାର କରିଥାନ୍ତି, ଯାହାଫଳରେ ମାଲିକ ପ୍ରତି ଶ୍ରଦ୍ଧା, ଆଶୀର୍ବାଦ କମ୍ ଘୃଣା, ଭୟ, କ୍ରୋଧ ଭଳି ନେଗେଟିଭ ଉର୍ଜା କର୍ମଚାରୀମାନଙ୍କଠୁ ମିଳିଥାଏ। ଏ ସବୁ ଆତ୍ମାମାନଙ୍କ ଘୃଣା, କ୍ରୋଧ ମାଲିକ ପାଇଁ ଅଭିଶାପ ପାଲଟିଥାଏ।

ବ୍ୟକ୍ତି ଯେତେବେଳେ ସଫଳତାର ରାସ୍ତାରେ ଅଣନିଶ୍ୱାସୀ ହୋଇ ଧାଉଁଥାଏ, ସେତେବେଳେ ସେ କେବଳ ନିଜର ଆଡମ୍ବରପୂର୍ଣ୍ଣ ଜୀବନ ଅଥବା ପ୍ରତିଷ୍ଠା ଦେଖି ଖୁସି ହେଉଥାଏ। ପଛକୁ ଫେରି ଚାହିଁ କେବେ ଦେଖେନାହିଁ ତା ପାଇଁ କେତେ ଆତ୍ମାମାନେ ଦୁଃଖ ଭୋଗୁଛନ୍ତି, କଷ୍ଟ ପାଉଛନ୍ତି! କେତେ ପରିବାର ଧ୍ୱଂସ ହୋଇଯାଉଛି !

ତେଣୁ ଏ ସମସ୍ତ ଆତ୍ମାମାନଙ୍କର ଅଭିଶାପ ପାଇଁ କର୍ମର ଆକାଉଣ୍ଟ୍ ରେ କିଛି ବି ବାଲାନ୍ସ ବା ସୁଫଳ ନଥାଏ, କେବଳ ଅଭିଶାପ ଥାଏ। ଯାହା ଏ ଜନ୍ମରେ ନଭୋଗିଲେ ବି ବ୍ୟକ୍ତି ନିଜ କର୍ମଫଳ ସହିତ ପରଜନ୍ମରେ ଭୋଗିବାକୁ ବାଧ ହୋଇଥାଏ।

ସଫଳତା ଅପେକ୍ଷା ଯଦି ଶାନ୍ତି ପ୍ରାପ୍ତ କରିବାପାଇଁ ଉଦ୍ୟମ କରାଯାଏ ହୁଏତ ନିଜ ସହିତ ଅନେକ ଆତ୍ମାମାନଙ୍କ ଆଶୀର୍ବାଦର ଶକ୍ତି ଆମ କର୍ମର ଆକାଉଣ୍ଟ୍‌ରେ ଡିପୋଜିଟ୍ ହୋଇପାରନ୍ତା।ସବୁ ସମ୍ପର୍କ ମଧୁର ହୋଇପାରନ୍ତା।

+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର-୬
ମୋ-୯୪୩୯୭୨୬୦୬୦

ଆଜିର କବିତା

ଶେଷଥର...

ସ୍ୱାଗତିକା ନାୟକ

ଶେଷଥର ତମେ ଆସିବ ନିଶ୍ଚୟ
ମୋ ସହରକୁ
ବୁଲେଇକି ଦେଖେଇବି
କାଠଯୋଡ଼ିର କାଠହଣାର ଲୁହ
ସେଇ ଲୁହ ନରାଜରେ
କେମିତି ଚିତ୍କାର କରେ
ବାଲୁବଜାର ରୁ ବାଛି ବାଛି କିଣିଦେବି
ଭୁଲିଯିବାର ଅଭିଧାନ
ଶୁଣ ! ମୋ ସହରକୁ ଆସିବ ନିଶ୍ଚୟ
ପକେଟ ଖର୍ଚ୍ଚରୁ କିଣିଦେବି
ତମ ପ୍ରିୟା ପାଇଁ ତାରକସି ଅଣ୍ଟା ବିଛା
ହାଇକୋର୍ଟରେ ଚୁକ୍ତି ପତ୍ରରେ
ଦେବି ଟିପଚିହ୍ନ
ସୁଝିବାକୁ ପ୍ରେମର ମୂଳଧନ,,
ଚଣ୍ଡି ମନ୍ଦିରରେ ଦୀପଜାଳି
ଭେଟିଦେବି ମୋ ଅବଶିଷ୍ଟ ଆୟୁଷ
ମୋ ସହରକୁ ଆସିବ ନିଶ୍ଚୟ,,
ରାଜ ତରଙ୍ଗୀଣିର ପଛସିଟରେ
ଆଉଥରେ ଦେଖିବା ଗପ ହେଲେବି ସତ
ଫେରିଲା ବେଳକୁ ଗୁଣୁଗୁଣେଇ ଦେବ
ଶେଷଥର ପାଇଁ ପଦେ ଗୀତ,,
କଲେଜ ଛକରୁ ଦହିବରା ଖାଇ
ଦେଖେଇବି ବାରବାଟୀ ଦୁର୍ଗ
ତା ସହ ଦେଖିବ ମୋ ଆଖିରେ
ଖଣ୍ଡ ଖଣ୍ଡ ହେଇ ଭୁଷୁଡି ପଡୁଥିବା
ପ୍ରେମର ଅଟ୍ଟାଳିକା
ହଁ ଦେଖିବ ଷ୍ଟାଡିୟମରେ
କେମିତି ବାକିତକ ଜୀବନ ହାରିପାରେ
ହଁ ଆଉଥରେ ନଦୀପଠାରେ
ତମ ଛାତିରେ ଶେଷଥର ଭୋଗିବି
ମୃତ୍ୟୁ ଓ ଜୀବନ,,
ତମେ ଥକି ପଡିଲନା !!
ରିକ୍ସାରେ ବାଦାମବାଡ଼ି ଫେରିଲା ବେଳେ
ଅକ୍ଷୟ ମହାନ୍ତି ଗୀତ ଶୁଣିବା
ଆକାଶବାଣୀରୁ,,
ମୋ ସହରକୁ ଆସିବ ନିଶ୍ଚୟ
ଦେଖିନେବ ଶେଷଥର
ମୁଁ ନିଜକୁ ନିଜଠୁ କେମିତି
ବିଦାୟ ଦେଇପାରେ
ମୋ ତମାମ ଖୁସିକୁ ଟିକେଟ କାଟି
ବସେଇବି ବସରେ
ତମେ ଲିଙ୍କ ରୋଡ ହେବାଯାଏ
ଚାହିଁବି ନିଶ୍ଚୟ
ଶେଷଥର ତମେ ମୋ
ସହରକୁ ଆସିବ ନିଶ୍ଚୟ।

+ମାର୍ଫତ- ସ୍ୱର୍ଣ୍ଣଲତା ନାୟକ
କମଳାଦେଇପୁର, ନୁଖାପଡା
ନରସିଂହପୁର, କଟକ-୭୫୪୦୩୨

ବଞ୍ଚିବାର ମୋହ ...

ରତ୍ନକାନ୍ତି ମିଶ୍ର

କାଲି ପୁଣି ପୋଛିଦେବି
ଧୂଳି ବସିଯାଇଥିବା ଦର୍ପଣକୁ
ପୁଣି ଗୁନ୍ଥିଦେବି
ଛିଣ୍ଡି ଯାଇଥିବା ଘୁଙ୍ଗୁରକୁ
ଦେଖିନେବି ରଙ୍ଗଡବା
ଶୁଖିଛି କି ନାହିଁ !

କାଲି ପୁଣି ନୃତ୍ୟ ହେବ
ନୂଆ ଉନ୍ମାଦନାରେ
ତାଳ ଲୟ ଭଙ୍ଗୀ
ସବୁ ଭେଟିଦେବାକୁ ହେବ
ପୂର୍ବବତ୍ !!

ଆରମ୍ଭ ହେବ କାଲିଠାରୁ ପୁଣି
ନୃତ୍ୟ ଗୀତ ବାଦ୍ୟର ସଙ୍ଗମ
ପରିଚିତ ସେଇ ମୋର
ପୁରୁଣା ମଞ୍ଚରେ,
ଆମନ୍ତ୍ରିତ କରିବାକୁ ହେବ ସେମାନଙ୍କୁ
ଯେଉଁମାନେ ଲୁଟି ସାରିଛନ୍ତି
ମୋର ସଞ୍ଚିତ ସର୍ବସ୍ୱ
ଦି' ମୁଠା ସ୍ୱପ୍ନ ବଦଳରେ !

ଜାଣେ ...
ସେଇମାନେ ହିଁ ରଟିବେ
ଯେତେ ଅପବାଦ
ତଥାପି .....
ତାଳ ସହ ମିଶାଇବାକୁ ହେବ
ଛନ୍ଦାୟିତ ପାଦ ,
ବଞ୍ଚିବା ମୋହରେ
ଲଢ଼ିବାକୁ ହେବ ମୋତେ
ଏ ଜୀବନ ଯୁଦ୍ଧ...!!!

+ଆଳି, କେନ୍ଦ୍ରାପଡ଼ା

କେବେ କରିବନି ପର...

ଝରଣା ବାରିକ

ପାଇଛି ଆଜି ମୁଁ ତୁମରି ପ୍ରୀତିକୁ
ଲୋଡା ନାହିଁ ଆଉ କିଛି,
ପାଇଛି ଆଜି ମୁଁ ତୁମରି ପରଶ
ମାଗୁ ନାହିଁ ଆଉ କିଛି।

ପାଇଛି ଆଜି ମୁଁ ନିଳ ଆକାଶରେ
ଟିକି ତାରା ମଧ୍ୟେ ଜହ୍ନ
ପାଇଛି ଆଜି ମୁଁ ସାଗରରୁ ଖୋଜି
ମୁକ୍ତା ପରି ଗୋଟେ ମନ।

ପାଇଛି ଆଜି ମୁଁ ନିଜଠୁ ନିଜର
ନିରୀହ ପ୍ରିୟର ଛବି,
ପାଇଛି ଆଜି ମୁଁ ମେଘ ମଳୟରେ
ମନଇ ମନ୍ଦିର ରବି।

ପାଇଛି ଆଜି ମୁଁ ଶୀତୁଆ ସକାଳ
ସରଳ କଅଁଳ ଖରା,
ପାଇଛି ଆଜି ମୁଁ ବୈଶାଖେ ବସନ୍ତ
ମଳୟ ପବନ ପରା।

ପାଇଛି ଆଜି ମୁଁ ଖୋଜିବା ଆଗରୁ
ଛାଇ ପରି ସାଥିଟିଏ,
ପାଇଛି ଆଜି ମୁଁ ଖୋଜି ଆଣି ଦେବ
ସବୁ ସୁଖ ମତେ ଯିଏ।

ପାଇଛି ଆଜି ମୁଁ ହୃଦୟ ହଜେଇ
ହୀରା ପରି ମନ ତାର,
ପାଇଛି ଆଜି ମୁଁ ଲହୁ ଦୂର କଥା
ଲୁହବି ହେବନି କାର।

ପାଇଛି ଆଜି ମୁଁ ମତେ ମୁଁ ହଜେଇ

ତୁମକୁ ଭିତରେ ମୋର,
କହୁଛି ଆଜି ମୁଁ ଯେତେ ଆସୁ ଝଡ
କେବେ କରିବନି ପର।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ:- ୯୫୫୬୮୪୬୯୩୨

ସଂସ୍କୃତି ବିଭାଗର ୪ ଏକାଡେମୀ ପଦବି ପାଇଁ ନାମ ସୁପାରିସ୍

୮ ପଦବି ପାଇଁ ଆସିଥିଲା ୨୨୭ ଆବେଦନ

ଭୁବନେଶ୍ୱର,୭।୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଚାରିଟି ଏକାଡେମିର ବିଭିନ୍ନ ପଦବି ପାଇଁ ଗଠିତ ଚୟନ କମିଟି ଆଜି ସରକାରଙ୍କୁ ନାମ ସୁପାରିସ୍ କରିଛି। ମୋଟ୍ ୮ଟି ପଦବି ପାଇଁ ନାମ ସୁପାରିସ୍ କରାଯାଇଛି। ଏହି ସୁପାରିସ୍‌କୁ ଭିତ୍ତି କରି ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

ରାଜ୍ୟ ଅତିଥି ଭବନରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ବସିଥିବା ଚୟନ କମିଟି ବୈଠକରେ ସଦସ୍ୟ ଅବସରପ୍ରାପ୍ତ ପ୍ରଶାସକ ଆର. ଏନ୍. ସେନାପତି, ପ୍ରିୟମ୍ବଦା ମହାନ୍ତି ହେଜମାଦି, ଡ. ରମେଶ ପ୍ରସାଦ ପାଣିଗ୍ରାହୀ ଓ ସଦାଶିବ ପ୍ରଧାନଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ। ଗତ ୩୦ ତାରିଖରେ ମଧ କମିଟିର ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିଲା। ଚାରିଟି ଏକାଡେମିର ମୋଟ ୮ଟି ପଦବି ପାଇଁ ୨୨୭ ଜଣ ଆବେଦନ କରିଥିଲେ। ଦୁଇଟି ଯାକ ବୈଠକରେ ଆବେଦନଗୁଡ଼ିକୁ ଯାଞ୍ଚ କରାଗଲା ପରେ ଆଜି ନାମ ସୁପାରିସ୍ କରାଯାଇଛି।

୨୦୨୦ ଅକ୍ଟୋବର ମାସରେ ଏହିସବୁ ପଦବି ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ଆବେଦନ କରିବାର ଶେଷ ତାରିଖ ଥିଲା ନଭେମ୍ବର ୧୧। ଲଳିତ କଳା ଏକାଡେମିରେ ସଭାପତି ଓ ସଙ୍ଗୀତ ନାଟକ ଏକାଡେମିରେ ସଚିବ ପଦବି ଏବେ ଖାଲି ନ ଥିବାରୁ ଏହି ଦୁଇଟି ପଦବି ପାଇଁ ବିଜ୍ଞାପନ ପ୍ରକାଶ ପାଇ ନ ଥିଲା। ଏହା ବାଦ୍ ଉର୍ଦ୍ଦୁ ଏକାଡେମିର ସଭାପତି ମୁଖ୍ୟମନ୍ତ୍ରୀ ଓ ଉପସଭାପତି ବିଭାଗୀୟ ମନ୍ତ୍ରୀ ରହିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଥମ ଥର ପାଇଁ ଏକାଡେମିର ଏହିସବୁ ପଦପଦବି ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ପୂର୍ବରୁ ସରକାର ସିଧାସଳଖ ଚୟନ କରୁଥିଲେ।

କାମ ନଥିଲେ ପଡୋଶୀ ରାଜ୍ୟକୁ ଯାଆନ୍ତୁନି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୭।୪ (ନି.ପ୍ର): ରାଜ୍ୟରେ ବଢୁଥିବା ପରିସଂଖ୍ୟାନ ଉଦବେଗ ଜନକ ନୁହେଁ । ଅଧିକ ଲୋକ ଟ୍ରେସିଂ ଟେଷ୍ଟିଂ ହୋଇ ଆଇସୋଲେସନ କରାଯିବା ଟା ଭଲ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦେଶକ ନିରଞ୍ଜନ ମିଶ୍ର । ଏଥିସହ କାମ ନଥିଲେ ପଡୋଶୀ ରାଜ୍ୟକୁ ନ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସୀମା ବର୍ତୀ ଜିଲ୍ଲା ଗୁଡିକର ଲୋକମାନଙ୍କୁ ଏସମ୍ପର୍କରେ ସଚେତନ କରାଯାଉଛି । ସେ କହିଛନ୍ତି ଯେ ଜାତୀୟ ହାର ତୁଳନାରେ ଆମ ରାଜ୍ୟର ସ୍ଥିତି ବହୁତ ଭଲ ରହିଛି। ଯେଉଁମାନେ ବାହାର ରାଜ୍ୟରୁ ଆସୁଛନ୍ତି ସେମାନଙ୍କୁ ଆରଟିପିସିଆର ଟେଷ୍ଟିଂ ରିପୋର୍ଟ ଧରି ଆସିବାକୁ କୁହାଯାଇଛି । ମେଡ଼ିସିନ ଓ ବେଡ଼ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଘରୋଇ ହସ୍ପିଟାଲ କୁ ପ୍ରସ୍ତୁତ ରଖିବା ପାଇଁ ଜିଲ୍ଲାପାଳ ମାନଙ୍କୁ କୁହାଯାଇଛି। ବର୍ତମାନ କଟକଣା ଅପେକ୍ଷା ସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି। ସ୍ଥିତି ଦେଖି ନିଷ୍ପତି ନେବା ଲାଗି ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନର ମାନଙ୍କୁ କୁହାଯାଇଛି । ଅଯଥା ଟେଷ୍ଟିଂ କରିବା ଅପେକ୍ଷା ଆମେ ଟାର୍ଗେଟଡ଼ ଟେଷ୍ଟିଂ କରୁଛୁ । ତେଣୁ ଏବେ ଟେଷ୍ଟିଂ ଟିକିଏ କମ ରହିଛି। ଆଗକୁ ଧୀରେ ଧୀରେ ଟେଷ୍ଟିଂ ବଢ଼ାଇବୁ ।

କୋଟିଆ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ ସମାଜବାଦୀ ପାର୍ଟିର ସ୍ୱାଗତ

ଭୁବନେଶ୍ୱର,୭।୪ (ନି.ପ୍ର): ଆନ୍ଧ୍ରପ୍ରଦେଶ ହାଇକୋର୍ଟ ତରଫରୁ ଆଜି ଏକ ରାୟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜରେ ଆସନ୍ତା ୮ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ପଞ୍ଚାୟତ ସମିତି ସଭ୍ୟ ନିର୍ବାଚନ ଓ ଜିଲ୍ଲା ପରିଷଦ ନିର୍ବାଚନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ଉଲ୍ଲେଖଥାଉକି, ମାନ୍ୟବର ହାଇକୋର୍ଟ ଆନ୍ଧ୍ରପ୍ରଦେଶ ସକରାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟ ଆଦେଶ ପାଳନ ନହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆନ୍ଧ୍ରର ଏହି ଦାଦାଗିରିକୁ ନେଇ ଗତକାଲି ସମାଜବାଦୀ ପାର୍ଟି ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରାଯାଇଥିଲା। ଆଜିର ଆନ୍ଧ୍ର ହାଇକୋର୍ଟ ରାୟକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ସ୍ୱାଗତ କରିବା ସହିତ ଏହି ରାୟ ପ୍ରମାଣିତ କରିଛି ଯେ, ଆସନ୍ତା ୮ ତାରିଖ ଦିନ ଆନ୍ଧ୍ର ସରକାର ଜବରଦସ୍ତ ଯେଉଁ ନିର୍ବାଚନ କରିବାକୁ ଯାଉଥିଲେ ତାହା ବେଆଇନ୍ ଓ ଅଗଣତାନ୍ତ୍ରିକ। ତେଣୁ ଆନ୍ଧ୍ର ସରକାର ଭବିଷ୍ୟତରେ ଓଡ଼ିଶା ଅଞ୍ଚଳକୁ ନେଇ ହସ୍ତକ୍ଷେପ ନକରନ୍ତୁ ବୋଲି ସମାଜବାଦୀ ପାର୍ଟି ଆଶାପ୍ରକାଶ କରୁଛି।

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଓ.ଇ.ଆର.ସି. କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୭।୪ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମିଳିତ ଆନୁକୂଲ୍ୟରେ ବାରମ୍ବାର ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଓ.ଇ.ଆର.ସି. ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଯୋଗଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ ବର୍ତମାନର କରୋନା ମହାମାରୀର ସମ୍ମୁଖିନ ହୋଇ ରାଜ୍ୟବାସୀ ହନ୍ତସନ୍ତ ହୋଇପଡିଥିବା ବେଳେ କ୍ରମାଗତ ଭାବେ ୬ ମାସ ତଳେ ୟୁନିଟ୍ ପିଛା ୨୦ ପଇସା ଓ ସଦ୍ୟ ୩୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ କଂଗ୍ରେସ ବିରୋଧ କରୁଛି। ବିଶେଷକରି ଏହାଦ୍ୱାରା ମଧ୍ୟବିତ, ନିମ୍ନମଧ୍ୟବିତ ଓ ଗରିବ ଶ୍ରେଣୀର ଲୋକ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ପ୍ରତ୍ୟାହାର କରନ୍ତୁ। ସାରା ରାଜ୍ୟରେ ଏଥିପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଯାହାର ପ୍ରତିଫଳନ କଂଗ୍ରେସ ଦଳ ଡାକରାରେ ସମସ୍ତ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ବିକ୍ଷୋଭରୁ ପ୍ରମାଣିତ ହୋଇଛି। ପ୍ରତ୍ୟେକ ବ୍ଲକ କଂଗ୍ରେସ ପକ୍ଷରୁ ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତିର ପ୍ରତ୍ୟାହାର ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଂପୃକ୍ତ ବିଦ୍ୟୁତ୍ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଲେ ଯେ ରାଜ୍ୟ ସରକାରଙ୍କ ଏହି ବିଦ୍ୟୁତ୍ ଦର ବୃଦ୍ଧି ଦୁର୍ଭାଗ୍ୟଜନକ। କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି କହିଲେ ଯେ ରାଜ୍ୟ ସରକାର ଏବଂ ଘରୋଇ କମ୍ପାନୀଗୁଡିକ ମଧରେ ମଧୁଚନ୍ଦ୍ରିକା ଚାଲିଛି, ସେଥିରେ ଗରିବ ଜନସାଧାରଣ ହଇରାଣ ହେଉଛନ୍ତି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ଦିଲ୍ଲୀ ପରି ସହରରେ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନର ଉତ୍ସ ନଥିବା ବେଳେ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ଯାଏଁ ମାଗଣାରେ ବିଦ୍ୟୁତ ଯୋଗାଇ ଦିଆଯାଉଛି। କିନ୍ତୁ ଓଡିଶାରେ ଆବଶ୍ୟକତା ଠାରୁ ୮୦୦ ମେଗାୱାଟ୍ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ଓଡିଶା ସରକାରଙ୍କ ଦ୍ୱାରା ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅମୂଳକ। ତେଣୁ ଏହି ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ପ୍ରତ୍ୟାହାର କରାଯାଉ। ନଚେତ୍ କଂଗ୍ରେସ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଂଚା ଦେବ ନାହିଁ। ପରିଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ଓଇଆରସି ଅଧ୍ୟକ୍ଷଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରଦୀପ ମାଝୀ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ସେକ୍ ଅଫତାବ ଅଲ୍ଲୀ, ମୋହନ ଜେନା, ବ୍ରହ୍ମାନନ୍ଦ ସାହୁ, ଆଶିଷ ମଲ୍ଲିକ, ରଜନୀ ମହାନ୍ତି, ଏମ୍‌ଡି ଶାହାଦୁଲ୍ଲା, ନିଆଜୁଲ ଇସ୍‌ଲାମ, କୈଳାସ ସାହୁ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କୋଟିଆ ପ୍ରସଙ୍ଗରେ ବାଚସ୍ପତିଙ୍କ ରାଜସ୍ୱ ସଚିବ ଓ କୋରାପୁଟ ଜିଲ୍ଲାପାଳଙ୍କ ସହ ଆଲୋଚନା

ଭୁବନେଶ୍ୱର,୭।୪ (ନି.ପ୍ର): ଓଡ଼ିଶାର କୋଟିଆରେ ଆନ୍ଧ୍ରପ୍ରଦେଶ ସରକାର ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିବା ପରିପ୍ରେକ୍ଷୀରେ ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ କୋରାପୁଟ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ସେ ପରାମର୍ଶ ଦେଇଛନ୍ତି। ଏ ପ୍ରସଙ୍ଗରେ ମଧ ଜିଲ୍ଲା ପ୍ରଶାସନଠାରୁ ଏକ ବିସ୍ତୃତ ବିବରଣୀ ତଲବ କରାଯାଇଛି। ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ଏବଂ ଏହାକୁ ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ବାଚସ୍ପତି ଡଃ. ପାତ୍ର ପ୍ରକାଶ କରିଛନ୍ତି।

ଉଦ୍ୟାନ କୃଷି କ୍ଷେତ୍ର କର୍ମଚାରୀମାନଙ୍କ ଦକ୍ଷତା ବିକାଶ ଓ ସମୀକ୍ଷା ବୈଠକ

ଭୁବନେଶ୍ୱର,୭।୪ (ନି.ପ୍ର): କୃଷକମାନଙ୍କ ଆୟ ବୃଦ୍ଧି ଦିଗରେ ଉଦ୍ୟାନ କୃଷିର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଥିବାରୁ ରାଜ୍ୟରେ ଉଦ୍ୟାନ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ସ୍ଥାନୀୟ ମୃତିକା ଓ ଜଳବାୟୁ ଅନୁକୂଳ ଫଳ, ପନିପରିବା ଚାଷ କାର୍ଯ୍ୟ ଦ୍ୱାରା ଚାଷୀ ଲାଭବାନ ହେବା ସହିତ ରାଜ୍ୟ ଫଳ ଓ ପନିପରିବାରେ ଆତ୍ମନିର୍ଭର ହୋଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଆୟୋଜିତ ଉଦ୍ୟାନ କୃଷି କ୍ଷେତ୍ର କର୍ମଚାରୀମାନଙ୍କ ଦକ୍ଷତା ବିକାଶ ଓ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଡ. ସାହୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ମଇ ୧୫ ତାରିଖ ସୁଦ୍ଧା ନିଜ ନିଜ ଜିଲ୍ଲାର ଉଦ୍ୟାନ କୃଷିର କାର୍ଯ୍ୟଖସଡ଼ା ବିଭାଗରେ ଦାଖଲ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଅନୱାର୍ଡ଼ ଓଡ଼ିଶା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୭।୪ (ନି.ପ୍ର): ମଧ୍ୟପ୍ରଦେଶର ଭୋପାଳରେ ଅବିସ୍ଥିତ ଫାଉଣ୍ଡେସନ ଅଫ ଆର୍ଟ ଆଣ୍ଡ କଲଚର ଦ୍ୱାରା ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟଶିଳ୍ପୀଙ୍କ କଳାକୃତିକୁ ନେଇ ଆୟୋଜିତ ହୋଇଛି 'ଅନୱାର୍ଡ଼ ଓଡ଼ିଶା' ଶୀର୍ଷକ ଅନଲାଇନ କଳା ପ୍ରଦର୍ଶନୀ। କ୍ୟୁରେଟର ଅନୁପ କୁମାର ଚାନ୍ଦ ଓ ଆସିଷ୍ଟାଂଟ କ୍ୟୁରେଟର ପୁନମ ଜୈନଙ୍କ ଦ୍ୱାରା ଓଡ଼ିଶାର ୬୧ଜଣ ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ କଳାକୃତି ଏଥିରେ ସ୍ଥାନ ପାଇବା ଗୌରବର ବିଷୟ। ଭୋପାଳର ବରିଷ୍ଠ ଚିତ୍ରଶିଳ୍ପୀ ଅଖିଳେଶ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀଙ୍କୁ ପ୍ରଦର୍ଶନୀ ପାଇଁ ସ୍ୱାଗତ ଜଣାଇଛନ୍ତି। ଉକ୍ତ ପ୍ରଦର୍ଶନୀରେ ଶିଳ୍ପୀମାନଙ୍କ ଦ୍ୱାରା ଅନେକ ବିଷୟବସ୍ତୁ ଓ ଶୈଳୀକୁ ନେଇ ଚିତ୍ର ଓ ଭାସ୍କର୍ଯ୍ୟଗୁଡ଼ିକ ତିଆରି ହୋଇଥିଲା। ଅଦ୍ୱୈତ ଗଡ଼ନାୟକ, ଟୁଟୁ ପଟ୍ଟନାୟକ, ନିବେଦିତା ମିଶ୍ର, ଚୁଗୁଲି ସାହୁ ଓ ଚନ୍ଦନ କୁମାର ସାମଲଙ୍କ ସୁଉଚ୍ଚ ଭାସ୍କର୍ଯ୍ୟଗୁଡ଼ିକ ଆକର୍ଷଣୀୟ ହୋଇଥିଲା।

ବରିଷ୍ଠ ଶିଳ୍ପୀ ଯତୀନ ଦାସ, ଜଗନ୍ନାଥ ପଣ୍ଡା, ଜଗନ୍ନାଥ ମହାପାତ୍ର, ତପନ ଦାସ, ସଜଳ ପାତ୍ର, ରାମହରି ଜେନା, ଗଜେନ୍ଦ୍ର ପାଢୀ, ରଞ୍ଜନ ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସାହୁ, ମାନସ ଜେନା, ପ୍ରଦୋଷ ସ୍ୱାଇଁ, ମୀନକେତନ ପଟ୍ଟନାୟକ, ଚକ୍ରଧର ବେହେରା, ପ୍ରବୀର ଦଳାଇ ପ୍ରମୁଖ ଚିତ୍ରଶିଳ୍ପୀଙ୍କ କଳାକୃତି ନିଜ ନିଜ ଶୈଳୀରେ ଅଦ୍ୱିତୀୟ ପରିଲକ୍ଷିତ ହୋଇଥିଲା। ଶିଳ୍ପୀ ଗୌରାଙ୍ଗ ବାରିକି, ସଙ୍ଗୀତା ପଟ୍ଟନାୟକ, ରାଜୀବ ଲୋଚନ ସାହୁ ଓ ଅରୁଣ କୁମାର ଜେନା ପାରମ୍ପରିକ କଳାକୁ ସମସାମୟିକ ଶୈଳୀରେ ବେଶ ନିଖୁଣ ଭାବରେ ଅଙ୍କନ କରିଥିଲେ। ମୁଦ୍ରଣ କଳାରେ ଚଇତାବସୁ ଜେନା, ଡ୍ରଇଁରେ ତାରାକାନ୍ତ ପରିଡ଼ା, ସେରାମିକରେ ବିଶ୍ୱଜିତା ମହାରଣା ନିଜର ଶ୍ରେଷ୍ଠ କୃତି ପ୍ରଦର୍ଶନ କରିଥିଲେ।

ଚିତ୍ରଶିଳ୍ପୀ ଅନୁପ କୁମାର ଚାନ୍ଦଙ୍କ ପ୍ରଦର୍ଶିତ ତୈଳଚିତ୍ରରେ ସେ ପଶୁମାନଙ୍କ ଚିତ୍ର ଏକ ଅଲଗା ଆନ୍ଦାଜରେ ଅଙ୍କନ କରିଛନ୍ତି। ଯେଉଁଥିରେ ପଶୁମାନଙ୍କୁ ମଣିଷ ଅନେକ ପ୍ରକାରର ହଇରାଣ, ହରକତ କରୁଥିବାରୁ ପଶୁ ମଧ ବିଶ୍ୱାସ ହରାଉଥିବାର ଦର୍ଶାଉଛନ୍ତି। ଶିଳ୍ପୀ ଅସିତ କୁମାର ପଟ୍ଟନାୟକଙ୍କ 'ଏଫେକ୍ସନ' ଶୀର୍ଷକ ଏକ୍ରାୟଲିକ ଚିତ୍ରଟି ସମସ୍ତଙ୍କ ଦୃଷ୍ଟି ଆକର୍ଷିତ କରିଥିଲା। ଏହି ଚିତ୍ରରେ ଅସିତ ନାରୀ ଓ ପୁରୁଷ ଚିତ୍ରକୁ ସୃଜନଶୀଳ ଢଙ୍ଗରେ ଚିତ୍ରିତ କରିଛନ୍ତି।

ଚିତ୍ରଟିରେ ଲାଲ କେଶ ଥିବା ମହିଳା ଜଣକଙ୍କ ସହ ଏକ ପ୍ରଦର୍ଶନର ସାକ୍ଷାତ ହୋଇଥିଲା ଯାହାକୁ ସେ କାନଭାସ ଉପରେ ଅଙ୍କନ କରିଥାନ୍ତି। ଶିଳ୍ପୀ ପଂଚାନନ ସାମଲଙ୍କ ଏକ୍ରାୟଲିକ ରଙ୍ଗର 'ନେଚୁରାଲ ହାରମୋନି' ଶୀର୍ଷକ ଚିତ୍ର ସମସାମୟିକ ଜୀବନ ଯାପନ ଶୈଳୀ କିପରି ମଣିଷର ସୁଖ ଓ ଶାନ୍ତିକୁ ହରଣ କରିନେଇଛି ଏବଂ ମଣିଷ ବିକଳ୍ପ ଶାନ୍ତିର ସନ୍ଧାନରେ ନିଜର ଅସ୍ତିତ୍ୱ ହରାଇ ବସିଛି ତାହାକୁ ସୃଜନଶୀଳ ଢଙ୍ଗରେ ଅଙ୍କନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ବଳ, ବିଜୟ ବିଶ୍ୱାଳ, ବିପିନ ମାର୍ଥା, ଦେବାର୍ଚ୍ଚନ ରାଉତ, ଦୀନବନ୍ଧୁ ସାହୁ, ଗୋପାଳ ସାମନ୍ତରାୟ, ହେଲେନବାଳା ବ୍ରହ୍ମା, ଜ୍ୟୋତିର୍ମୟ ପଟ୍ଟନାୟକ, ଲିପିଶ୍ରୀ ନାୟକ, ମମତା ସାମନ୍ତରାୟ, ମନୋଜ କୁମାର ସାହୁ, ନିବେଦିତା ପଟ୍ଟନାୟକ, ପ୍ରଦିପ୍ତ କିଶୋର ଦାସ, ପ୍ରସନ୍ନ ମହାରଣା, ସଞ୍ଜୟ କେତନ ଚୌଧୁରୀ, ସୁବ୍ରତ ମଲ୍ଲିକ, ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ନିଜ ନିଜର ନିଆରା ଶୈଳୀର ଚିତ୍ର ପ୍ରଦର୍ଶନୀର ଶୋଭାବର୍ଦ୍ଧନ କରିଥିଲା।

ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ଶିକ୍ଷାନବିସଙ୍କର ଓଡ଼ିଶା ଆଗମନ

ଭୁବନେଶ୍ୱର,୭।୪ (ନି.ପ୍ର): ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ଶିକ୍ଷାନବିସଙ୍କ ସହ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, କାଜାକସ୍ଥାନ, ଇଜିପଟ, କେନିଆ ଭଳି ମିତ୍ରରାଷ୍ଟ୍ରର ବରିଷ୍ଠ ସାମରିକ ଅଧିକାରୀମାନେ ଆଜି ଓଡ଼ିଶା ଆସି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଓଡ଼ିଶାର ଆର୍ଥିକ ପ୍ରଗତି, ଗମନାଗମନ ସୁବିଧା, ଭିତିଭୂମି, ଶିଳ୍ପାନ୍ୱୟନ, ଦକ୍ଷ ଓ କୁଶଳୀ ମାନବସମ୍ବଳ ସୃଷ୍ଟି ଆଦି କ୍ଷେତ୍ରରେ ହୋଇଥିବା ଦ୍ରୁତ ବିକାଶ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ । ଗତ ଶତାବ୍ଦୀର ଶେଷ ଭାବରେ ଅଭୂତପୂର୍ବ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଦୋହଲାଇ ଦେଇଥିଲା । ଏହି ପ୍ରଭୂତ କ୍ଷୟକ୍ଷତି ସତ୍ୱେ ରାଜ୍ୟସରକାରଙ୍କ ଦୃଢ଼ ନିଷ୍ପତି, ସାମୂହିକ ପ୍ରଚେଷ୍ଟା ଏବଂ ସ୍ୱଚ୍ଛ ଓ ତ୍ୱରିତ ପ୍ରଶାସନିକ ବ୍ୟବସ୍ଥା ଯୋଗୁ ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗମନାଗମନ ଓ ସାମାଜିକ ନିରାପତା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ବୋଲି ସେ କହିଥିଲେ ।

ଘରେ ପହଂଚିବ ଯୋଗ : ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଭିନବ ପ୍ରୟାସ

ଭୁବନେଶ୍ୱର,୭।୪ (ନି.ପ୍ର): ଏଣିକି ଘରେ ପହଂଚିବ ଯୋଗ। ଘରକୁ ଘର ବୁଲି ଯୋଗ ଶିଖାଇବେ ଅଭିଜ୍ଞ ତାଲିମପ୍ରାପ୍ତ ଯୋଗ ଶିକ୍ଷକ। ଯୋଗ ଶିକ୍ଷାର ମହତ୍ ଏହାର ଉପକାରିତାକୁ ବ୍ୟାପକ ରୂପେ ପ୍ରଚାର, ପ୍ରସାର ଓ ଲୋକାଭିମୁଖୀ କରିବା ପାଇଁ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ଏହି ଅଭିନବ ପ୍ରୟାସର ଶୁଭାରମ୍ଭ କରିଛି। ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେଉଁଠି ରୋଗୀ ନିଜର ରୋଗ ଉପଶମ ପାଇଁ ଡ଼ାକ୍ତରଙ୍କ ପାଖରେ ହେଉ କି ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲରେ ହେଉ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ରୋଗ ଭଲ ହୋଇନଥାଏ। ମନେରଖିବା ଉଚିତ୍ ଯୋଗ ଏକମାତ୍ର ସାଧନ ଯାହା ଦ୍ୱାରା ଅନେକ ଦୂରାରୋଗ୍ୟକୁ ସାଧ କରାଯିବାର ଦୃଷ୍ଟାନ୍ତ ରହିଛି। ପୁରାଣ ପୃଷ୍ଠାରୁ ଜଣାପଡ଼େ ଅତୀତରେ ମୁନିଋଷିମାନେ ଯୋଗ ଦ୍ୱାରା ଦୀର୍ଘାୟୁପ୍ରାପ୍ତି ଓ ସୁସ୍ଥ ଜୀବନ ଜୀଇଁବାର ସୂତ୍ର ପାଇବାର ଅନେକ ଦୃଷ୍ଟାନ୍ତ ରହିଛି। ସମ୍ପ୍ରତି ଯୋଗ ପ୍ରତି ଧୀରେ ଧୀରେ ଲୋକମାନଙ୍କ ଆଦର ବଢୁଥିଲେ ମଧ ଅଭିଜ୍ଞ, ତାଲିମପ୍ରାପ୍ତ ଯୋଗ ଶିକ୍ଷକ ମାନଙ୍କର ଯଥେଷ୍ଟ ଅଭାବ ଆମ ରାଜ୍ୟରେ ରହିଛି। ଯୋଗ ଶିକ୍ଷକ ସୃଷ୍ଟି ଦିଗରେ ଶିବାନନ୍ଦ ବେଦାନ୍ତ ଏକାଡ଼େମୀ ରାଜ୍ୟର ଏକ ଅଗ୍ରଣୀ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ। ଯାହା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ। ଏବେ ଏକାଡ଼େମୀ ତାଲିମପ୍ରାପ୍ତ ଅଭିଜ୍ଞ ମହିଳା ଓ ପୁରୁଷ ଯୋଗ ଶିକ୍ଷକ ଗଢିବାରେ ଅହରହ ଉଦ୍ୟମ ଜାରି ରଖିଛି। ସମ୍ପ୍ରତି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗ, ପିଲାମାନଙ୍କ ପାଇଁ ଯୋଗ, ରୋଗ ପାଇଁ ଯୋଗ ଏବଂ ଓଜନ ହ୍ରାସ ପାଇଁ ଯୋଗ ଇତ୍ୟାଦି କ୍ଷେତ୍ରରେ ସେବା ଯୋଗାଇବା ପାଇଁ ଦୈନିକ ଯୋଗ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଏକାଡ଼େମୀର ଅଧାପକ ପ୍ରଫୁଲ୍ଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଅଧିକ ସୂଚନା ପାଇଁ ଭୁବନେଶ୍ୱର ଗୌତମ ନଗରସ୍ଥିତ ପ୍ଲଟ ନଂ-୧୧୫, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ସହ ଯୋଗାଯୋଗ କରିପାରିବେ। ନଚେତ୍ ଏକାଡ଼େମୀର ହେଲ୍ପଲାଇନ ଦୂରଭାଷ ନମ୍ବର ୯୬୯୦୫୭୬୬୩୭, ୯୪୩୭୭୬୪୦୯୫ ସହ ଯୋଗାଯୋଗ ପାଇଁ ଏକାଡ଼େମୀ ପକ୍ଷରୁ ନିବେଦନ କରାଯାଇଛି।

କୋଟିଆ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ ସମାଜବାଦୀ ପାର୍ଟିର ସ୍ୱାଗତ

ଭୁବନେଶ୍ୱର,୭।୪ (ନି.ପ୍ର): ଆନ୍ଧ୍ରପ୍ରଦେଶ ହାଇକୋର୍ଟ ତରଫରୁ ଆଜି ଏକ ରାୟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜରେ ଆସନ୍ତା ୮ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ପଞ୍ଚାୟତ ସମିତି ସଭ୍ୟ ନିର୍ବାଚନ ଓ ଜିଲ୍ଲା ପରିଷଦ ନିର୍ବାଚନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ଉଲ୍ଲେଖଥାଉକି, ମାନ୍ୟବର ହାଇକୋର୍ଟ ଆନ୍ଧ୍ରପ୍ରଦେଶ ସକରାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମ କୋର୍ଟ ଆଦେଶ ପାଳନ ନହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରର ଏହି ଦାଦାଗିରିକୁ ନେଇ ଗତକାଲି ସମାଜବାଦୀ ପାର୍ଟି ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରାଯାଇଥିଲା। ଆଜିର ଆନ୍ଧ୍ର ହାଇକୋର୍ଟ ରାୟକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ସ୍ୱାଗତ କରିବା ସହିତ ଏହି ରାୟ ପ୍ରମାଣିତ କରିଛି ଯେ, ଆସନ୍ତା ୮ ତାରିଖ ଦିନ ଆନ୍ଧ୍ର ସରକାର ଜବରଦସ୍ତ ଯେଉଁ ନିର୍ବାଚନ କରିବାକୁ ଯାଉଥିଲେ ତାହା ବେଆଇନ୍ ଓ ଅଗଣତାନ୍ତ୍ରିକ। ତେଣୁ ଆନ୍ଧ୍ର ସରକାର ଭବିଷ୍ୟତରେ ଓଡ଼ିଶା ଅଞ୍ଚଳକୁ ନେଇ ହସ୍ତକ୍ଷେପ ନକରନ୍ତୁ ବୋଲି ସମାଜବାଦୀ ପାର୍ଟି ଆଶାପ୍ରକାଶ କରୁଛି।

ବିଜେପିରେ ସାମିଲ ହେଲେ ବୀରପୁରୁଷତମ ପଂଚାୟତର ଶତାଧିକ ବିଜେଡି କର୍ମୀ

ଭୁବନେଶ୍ୱର,୭।୪ (ନି.ପ୍ର): ପିପିଲି ନିର୍ବାଚନ ମଣ୍ଡଳୀ ବୀର ପୁରୁଷତମପୁର ଗ୍ରାମ ପଂଚାୟତର ଶତାଧିକ ବିଜେଡି କର୍ମୀ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ ଓ ସମର୍ଥନ ଜଣାଇ ମଙ୍ଗଳବାର ବିଜେପିରେ ସାମିଲ ହୋଇଛନ୍ତି । ବୀର ପୁରୁଷତମପୁର ପଂଚାୟତର ପୂର୍ବତନ ୱାର୍ଡ ମେମ୍ବର ଧନ ବେହେରା, ପାନ ବେହେରା, ଗୀତାଞ୍ଜଳି ନାୟକ, ମଂଚ ସଭାନେତ୍ରୀ ମଂଜୁଳା ସେଠୀ, ସୁଭଦ୍ରା ବେହେରା, ସୁକାନ୍ତି ମହାନ୍ତି, ବାସନ୍ତୀ ଜେନା, ମାନିନୀ ବେହେରା, କୁସୁମ ବେହେରା, ମଂଜୁ ସେଠୀ, ରାଧା ବେହେରା, ଅନୁପମା ମହାନ୍ତିଙ୍କ ସମେତ ନାରୀ ନେତ୍ରୀ ଓ ଶତାଧିକ ସ୍ୱୟଂ ସହାୟିକା ମହିଳା ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ହରିଚନ୍ଦନ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟପଟେ ଫୋନି ବାତ୍ୟା କ୍ଷତିପୂରଣ ଟଙ୍କା ମହିଳାଙ୍କୁ ନମିଳିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ନମିଳିବାରୁ କ୍ଷୋଭ ପ୍ରକାଶ କରି ବିଜେପିରେ ସାମିଲ ହୋଇଛନ୍ତି ବୋଲି ସଦ୍ୟ ଯୋଗ ଦେଇଥିବା ମହିଳାମାନେ କହିଛନ୍ତି। ପିପିଲିରେ ବିଜେଡିର ଦୁର୍ନୀତି ଏବଂ ବିଜେପିର ବିକାଶ ଧାରାରେ ସାମିଲ ହେବା ପାଇଁ ପିପିଲି–ଡେଲାଙ୍ଗ ବାସୀ ମନ ବଳାଇଛନ୍ତି ।

ଧଉଳି ଶାନ୍ତିସ୍ତୁପର ସାମଗ୍ରୀକ ବିକାଶ ପାଇଁ ବୈଠକ

ଭୁବନେଶ୍ୱର,୭।୪ (ନି.ପ୍ର): ଧଉଳି ଶାନ୍ତିସ୍ତୁପର ସାମଗ୍ରୀକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ ଏବଂ ସମାଜକଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଧଉଳି ଶାନ୍ତି ସ୍ତୁପ ବିଶ୍ୱର ଏକ ପ୍ରମୁଖ ଐତିହାସିକ ସ୍ଥଳ ଏବଂ ଏଠାରୁ ହିଁ ଶାନ୍ତି, ଅହିଂସା ଓ ସତ୍ୟର ମନ୍ତ୍ରୀ ସମଗ୍ର ବିଶ୍ୱକୁ ଉଦ୍‌ବୃଦ୍ଧ କରିଥିଲା ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ମତବ୍ୟକ୍ତ କରିବା ସହ ଏହାର ସାମଗ୍ରିକ ଉନ୍ନତି ପାଇଁ ଉପସ୍ଥିତ ସମସ୍ତ ସଭ୍ୟଙ୍କ ଠାରୁ ମତାମତ ଆହ୍ୱାନ କରିଥିଲେ। ଫନି ବାତ୍ୟାରେ କ୍ଷତିଗ୍ରସ୍ତ ଧଉଳି ସ୍ତୁପର ତୁରନ୍ତ ମରାମତି କରିବାର ଆବଶ୍ୟକତା ଉପରେ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ବିଧାୟକଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ୫୦ଲକ୍ଷ ଟଙ୍କାର ଏକ ଚେକ୍ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ଧଉଳି ଉନ୍ନୟନ କମିଟି ମାଧ୍ୟମରେ ତଥା ପଦ୍ମବିଭୂଷଣ ସୁପତି ସୁଦର୍ଶନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିସ୍ତୁପର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରାଯିବ। ଆବଶ୍ୟକସ୍ଥଳେ ଆଉ ଅତିରିକ୍ତ ପାଣ୍ଠି ମଧ ଯୋଗାଇଦେବେ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।

ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱରରେ ୧୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଆଜି ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ୧୦୩ ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲୋକାଲ କଂଟାକ୍ଟ ୭୯ ଏବଂ କ୍ୱାରେଂଟିନରୁ ୨୪ ଜଣ ବୋଲି ବିଏମ୍ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନା ମୁତାବକ ଗତ ୨୪ ଘଂଟା ମଧ୍ୟରେ ୪୭ଜଣ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ମୋଟ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ୩୨୯୩୫ରେ ପହଂଚିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୩୨୦୫୩ ରହିଛି। ସେହିପରି ୬୧୧ଟି ସକ୍ରିୟ ମାମଲା ଥିବାବେଳେ ୨୫୦ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ବୋଲି ସୂଚନା ମିଳିଛି।

ବାଚସ୍ପତିଙ୍କୁ ଉତ୍କଳ ସମ୍ମିଳନୀ ଫଳକ ପ୍ରଦାନ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବାଚସ୍ପତିଙ୍କ ବିଧାନସଭା ପ୍ରକୋଷ୍ଠରେ ଉତ୍କଳ ସମ୍ମିଳନୀର କର୍ମକର୍ତା ସାକ୍ଷାତ କରି ସମ୍ମାନ ସୂଚକ ଉତ୍କଳ ସମ୍ମିଳନୀର ଫଳକ ପ୍ରଦାନ କରିଛନ୍ତି। ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ମିଳନୀ ତଥା ରାଜ୍ୟ ଓ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ସ୍ୱର୍ଗତଃ ବସନ୍ତ କୁମାର ପାଣିଗ୍ରାହୀଙ୍କୁ ବାଚସ୍ପତି ସ୍ମରଣ କରିଥିଲେ। ଶେଷରେ ସାକ୍ଷାତକରି ଆଲୋଚନା ପାଇଁ ସୁଯୋଗ ଦେଇଥିବାରୁ ସଭାପତି ଶ୍ରୀ ଦାଶଶର୍ମା ବାଚସ୍ପତିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଟିକା ଅଭାବରୁ ଓଡ଼ିଶାରେ ୪୦୦ ଟିକାକରଣ କେନ୍ଦ୍ର ବନ୍ଦ : ବିଜୟ ପାଣିଗ୍ରାହୀ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଆବଶ୍ୟକୀୟ ପରିମାଣରା ରାଜ୍ୟରେ କୋଭିଡ ଭ୍ୟାକସିନ ନଥିବାରୁ ରାଜ୍ୟରେ ୪୦୦ ଟିକାକରଣ କେନ୍ଦ୍ର ବନ୍ଦ ହୋଇଗଲାଣି ବେ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ଶ୍ରୀ ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ପ୍ରତି ଦିନ ରେ ୨ଲକ୍ଷ ଟିକାକରଣ ଲକ୍ଷ୍ୟ ରହିଛି । କିନ୍ତୁ ଟିକାର ଅଭାବ ରହିଛି । ଟିକା ଅଭାବ ଯୋଗୁଁ ୪୦୦ କେନ୍ଦ୍ରରେ ଟିକାକରଣ ବନ୍ଦ ହୋଇଛି । ଏନେଇ କେନ୍ଦ୍ରକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆଗାମୀ ୨ ଦିନ ଭିତରେ କୋଭିସୀଲଡ଼ ଟିକା ନ ଆସିଲେ ଟିକାକରଣ ବାଧାପ୍ରାପ୍ତ ହେବ । ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଟିକାର ଅଭାବ ଯୋଗୁଁ ଆମେ ଲକ୍ଷ୍ୟ ଧାର୍ଯ୍ୟ କରି ପାରୁନାହାନ୍ତି । ୧୫ ଲକ୍ଷ କୋଭିସିଲଡ଼ ଟିକା ରାଜ୍ୟକୁ ଯୋଗାଇ ଦେବା ପାଇଁ କେନ୍ଦ୍ର ନିକଟରେ ଦାବି କରା ଯାଇଛି । ୧ ଲକ୍ଷ ୮୫ ହଜାର ଟିକା କୋଲଡ଼ ଚେନ ପଏଂଟରେ ରହିଛି ଓ ୧ ହଜାର ୧୦୩ଟି କେନ୍ଦ୍ରରେ ଟିକାକରଣ ଚାଲିଛି । ତେବେ ପର୍ଯ୍ୟାପ୍ତ ଟିକା ନଥିବାରୁ ବର୍ତମାନ ୪୦୦ ଟିକାକରଣ କେନ୍ଦ୍ରକୁ ବନ୍ଦ କରାଯାଇଛି ।

ଆଜି ରାଜ୍ୟରେ ୨୪୬ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଆଜି ରାଜ୍ୟରେ ୨୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩,୩୮,୬୬୨ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ୭୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ୩୫, ବରଗଡ଼ରୁ ୨୨, କଟକରୁ ୧୫, ଗଞ୍ଜାମରୁ ୧୦, ବଲାଙ୍ଗୀରରୁ ୯, ପୁରୀରୁ ୯, ସୁନ୍ଦରଗଡ଼ରୁ ୯, ବାଲେଶ୍ୱରରୁ ୮, କଳାହାଣ୍ଡିରୁ ୮, ନବରଙ୍ଗପୁରରୁ ୬, ମୟୂରଭଞ୍ଜରୁ ୫, ସମ୍ବଲପୁରରୁ ୫, ଯାଜପୁର ଏବଂ କେନ୍ଦୁଝରରୁ ୪ ଲେଖାଏଁ, ଅନଗୁଳ, ଝାରସୁଗୁଡ଼ା ଓ କେନ୍ଦ୍ରାପଡ଼ରୁ ୩ ଲେଖାଏଁ, ଜଗତସିଂହପୁର ଓ କନ୍ଧମାଳରୁ ୨ ଲେଖାଏଁ, କୋରାପୁଟ, ରାୟଗଡ଼ା ଏବଂ ସୋନପୁରରୁ ୧ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଷ୍ଟେଟପୁଲ୍ରୁ ୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି।

ବିଶିଷ୍ଟ ଶିକ୍ଷାବିତ ଜନ୍ମେଜୟ ସାହୁଙ୍କ ବିୟୋଗରେ ସ୍ମୃତି ଚାରଣ

ବାରିପଦା,୦୭/୦୪ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଭୂମିପୁତ୍ର ଉପାଧିରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଶିକ୍ଷାବିତ୍ ଜନ୍ମେଜୟ ସାହୁଙ୍କ ବିୟୋଗରେ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଜନ୍ମେଜୟ ସାହୁ ବହୁଦିନ ଧରି ମହାରାଜାପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଅଧାପକ ଭାବରେ କାର୍ଯ୍ୟ କରିବା ସହିତ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧାପନା କରିଥିଲେ । ସେ ଖୁବ୍ ମେଳାପି ଓ ଛାତ୍ରବତ୍ସଳ ଅଧାପକ ଥିଲେ ଏବଂ ସେ କେନ୍ଦୁଝର ମାଟିର ସନ୍ତାନ ଥିଲେ। ତାଙ୍କର ସୁପୁତ୍ର ପ୍ରଫେସର ହେମନ୍ତ କୁମାର ସାହୁ ବର୍ତ୍ତମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ପ୍ରଫେସର ସହିତ ବିଶ୍ୱବିଦ୍ୟାଳୟ ଦୂରନିରନ୍ତର ଶିକ୍ଷାର ନିର୍ଦ୍ଦେଶକ ମଧ ଅଛନ୍ତି । ଜନ୍ମେଜୟ ସାହୁଙ୍କର ଜନ୍ମ ତା. ୦୩.୦୯.୧୯୪୧ ଏବଂ ତା. ୩୧.୦୩.୨୦୨୧ରେ ଦେହତ୍ୟାଗ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ମହାବିଦ୍ୟାଳୟର ଅଧାପକ, ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବାରିପଦା ବିଧାୟକ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚେୟାରମେନ ପ୍ରଫେସର ଦୀପକ କୁମାର ଷଡଙ୍ଗୀ, ଶ୍ରୀମା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର କଳ୍ପନା ଷଡଙ୍ଗୀ, ପୂର୍ବତନ ପି.ଜି. କାଉନସିଲ ପ୍ରଫେସର ଜଗନ୍ନାଥ ଲେଙ୍କା ପ୍ରମୁଖ ଜନ୍ମେଜୟ ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

ଟଙ୍କା ଆତ୍ମସାତ ଘଟଣାରେ ଶିକ୍ଷୟିତ୍ରୀ ଥାନାରେ

ନୀଳଗିରି,୦୭/୦୪ (ନି.ପ୍ର): ଜୈନିକ ଶିକ୍ଷୟିତ୍ରୀ ଗାଁରୁ କିଛି ଲୋକମାନଙ୍କ ଠାରୁ ଟଙ୍କା କରଜ ନେବା ସହ ସୁନା ଅଳଙ୍କାର ବନ୍ଧକ ରଖି ଉକ୍ତ ଟଙ୍କାକୁ ଆତ୍ମସାତ କରିବା ଅଭିଯୋଗରେ ଶିକ୍ଷୟିତ୍ରୀ ଜଣକ ଗିରଫ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ବରିସାହି ଗ୍ରାମର କାର୍ତିକ ପୋଇ ର ସ୍ତ୍ରୀ ପୁଷ୍ପାଞ୍ଜଳି (୪୦) ଗାଙ୍ଗପୁରା ୟୁ.ପି.ସ୍କୁଲର ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରନ୍ତି । ପୁଷ୍ପାଞ୍ଜଳି ଉକ୍ତ ଗ୍ରାମର ବିଭିନ୍ନ ମହିଳା ଗୋଷ୍ଠୀଙ୍କ ଠାରୁ ହଜାର ହଜାର ଟଙ୍କା କରଜ ସୂତ୍ରରେ ନେବା ସହ ସୁନା ଅଳଙ୍କାର ବନ୍ଧା ରଖି ଲକ୍ଷାଧିକ ଟଙ୍କା ପରିଶୋଧ କରୁ ନ ଥିଲେ । ସାନଅତା ଗ୍ରାମର ଆରତୀ ପୋଇ ଙ୍କ ଠାରୁ ୫୨ହଜାର ଟଙ୍କା ସହ ସୁନା ଗହଣା ନେଇଥିବା ବେଳେ ବରିସାହି ଗ୍ରାମର ମମତା ଦାସ ଙ୍କ ଠାରୁ ୧ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର, ଅନୁପମା ବରାଳ ଙ୍କ ଠାରୁ ୧ଲକ୍ଷ ୬୦ହଜାର ଟଙ୍କା, ସରସ୍ୱତୀ ବେହେରାଙ୍କ ଠାରୁ ୪୦ହଜାର ଟଙ୍କା, ନମିତା ରାଉଳଙ୍କ ଠାରୁ ୧୦ହଜାର ଟଙ୍କା, ମାମା କୁଅଁର ଙ୍କ ଠାରୁ ୧୦ହଜାର ଟଙ୍କା, ମାଣିକ ବେଠା ଙ୍କ ଠାରୁ ୧୦ହଜାର ଟଙ୍କା, ସରସ୍ୱତୀ ମଲ୍ଲିକ ଙ୍କ ଠାରୁ ୧୪ହଜାର ଟଙ୍କା, ସ୍ନେହଲତା ବରାଳଙ୍କ ଠାରୁ ୧୪ହଜାର ଟଙ୍କା, ମମତା କୁଅଁର ଙ୍କ ଠାରୁ ୧୦ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ସମସ୍ତ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଫେରସ୍ତ କରିଦେବାର ପ୍ରତିଶୃତି ଦେଇଥିଲା । ମାସ ମାସ ବିତିଯାଇଥିଲେ ମଧ କୌଣସି ସୁନା ଅଳଙ୍କାର ଓ ନେଇଥିବା ଟଙ୍କା ପରିଶୋଧ କରି ନ ପାରିବାରୁ ଶେଷରେ ମହିଳାମାନଙ୍କ ଅଭିଯୋଗ ପରେ ନୀଳଗିରି ପୋଲିସ ଶିକ୍ଷୟିତ୍ରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏ ନେଇ ନୀଳଗିରି ଥାନାରେ ୬୫/୨୧ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜଣାପଡ଼ିଛି । ଖବର ଲେଖାଯିବା ବେଳକୁ ଶିକ୍ଷୟତ୍ରୀ ଜଣକ ଟଙ୍କା ପରିଷୋଧ କରି ଥାନାରୁ ମୁକୁଳିଥିବା ସୂଚନା ମିଳିଛି।

ରାଜ୍ୟରେ ଆହୁରି କଡ଼ାକଡ଼ି ହେବ ନାଇଟ କର୍ଫ୍ୟୁ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ରାଜ୍ୟରେ ନାଇଟ କର୍ଫ୍ୟୁକୁ ଆହୁରି କଡା କଡି କରାଯିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ । ସେ କହିଛନ୍ତି ଯେ ୧୦ ଜିଲ୍ଲାରେ ରାତି ୧୦ ରୁ ସକାଳ ୫ ଏନଫୋର୍ସ ମେଂଟ କଡ଼ାକଡ଼ି କରାଯାଉଛି । ଯେଉଁ ଲୋକ ପଡ଼ୋଶୀ ଛତିଶଗଡ଼ରୁ ଆସୁଛନ୍ତି ସେମାନଙ୍କୁ ଅନୁଧ୍ୟାନ କରାଯାଉଛି । ଜିଲ୍ଲାପାଳ ଓ ପୁଲିସ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।

ବଳିଦାନୀ ଯବାନ ସୁବାସ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଛତିଶଗଡ଼ର ସୁକମାରେ ମାଓବାଦୀଙ୍କ ସହ ଲଢ଼ି ବଳିଦାନ ଦେଇଥିବା ଜବାନ ସୁବାସ ନାଏକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଛତିଶଗଡ଼ର ସୁକମାରେ ମାଓବାଦୀଙ୍କ ସହ ଲଢ଼ି ଶହୀଦ ହୋଇଥିବା ଓଡ଼ିଆ ବୀର ଯବାନ ସୁବାସ ନାଏକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି । ତାଙ୍କର ସାହସ, ପରାକ୍ରମ ଓ ବଳିଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି।

ହାଇସ୍କୁଲରେ ସଂସ୍କୃତ ଶିକ୍ଷା ସଂକୋଚନ ବିରୁଦ୍ଧରେ ପ୍ରତିବାଦ

ସାଗତମ
ଅଭିନନ୍ଦନ
ନୂଆବର୍ଷ ୨୦୨୧ ଆପଣଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ
କଲେକ୍ଟୋରେଟ ଷ୍ଟାଫ କମିଟି, ଭଦ୍ରକ ।
Courtesy - HDFC BANK
ଲୋକଭାଷା ହି ସଂସ୍କୃତମ୍
ସଂସ୍କୃତ- ସୁରକ୍ଷା- ସମିତିଃ

ଭଦ୍ରକ,୦୭/୦୪ (ନି.ପ୍ର): ଓଡ଼ିଶା ସରକାର ହାଇସ୍କୁଲରେ ୩ୟ ଭାଷା ସ୍ଥାନରେ ବିକଳ୍ପରେ ଧନ୍ଦାମୂଳକ ଶିକ୍ଷାକୁ ଅବିଚାରିତ ଭାବେ ଲଦି ଦେଇ ସଂସ୍କୃତ ଶିକ୍ଷାକୁ ସଂକୁଚିତ କରୁଛନ୍ତି ବୋଲି ଅଖିଳ ଭାରତୀୟ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ବିଭିନ୍ନ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରତିବାଦ କରିଛନ୍ତି । ଏହି କ୍ରମରେ ଆଜି ପ୍ରଚାର ସମିତିର ଭଦ୍ରକ ଜିଲ୍ଲା ସଭାପତି ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ସମିତିର କର୍ମକର୍ତ୍ତା ଓ ସଂସ୍କୃତପ୍ରେମୀଗଣ ବହୁ ସଂଖ୍ୟାରେ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଧନ୍ଦାମୂଳକ ଶିକ୍ଷା ଏକ ଭାଷା ଶିକ୍ଷା ହୋଇ ନଥିବାରୁ ଏହାକୁ ତୃତୀୟ ଭାଷା ସ୍ଥାନରୁ ହଟାଯାଇ ଅନ୍ୟ ଏକ ବିଷୟ ଭାବେ ପଢାଯାଉ ବୋଲି ଦାବିପତ୍ରରେ ସଦସ୍ୟଗଣ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ମସିହାରେ ପ୍ରଥମେ ୨୦୭ଟି ହାଇସ୍କୁଲରେ ଏହିପରି ପାଠ୍ୟକ୍ରମ ପ୍ରବର୍ତ୍ତନ କରିଥିବା ବେଳେ ଏବର୍ଷ ୩୫ଟି ହାଇସ୍କୁଲ ପୁନଃ ପ୍ରଚଳନ କରୁଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ମାତ୍ର ୩୦ ମାର୍କ ପାଠ ଥିବା ବେଳେ ୭୦ ମାର୍କ ପ୍ରାକ୍ଟିକାଲ ଥିବାରୁ ଛାତ୍ରଛାତ୍ରୀମାନେ ଅନାୟାସରେ ଅତ୍ୟଧିକ ମାର୍କ ପାଉଥିବାରୁ ଭାଷା ଶିକ୍ଷା ଛାଡ଼ି ଧନ୍ଦାମୂଳକ ବିଷୟ ନେବାକୁ ଆଗ୍ରହୀ ହେଉଛନ୍ତି। ଏହା ଫଳରେ ସଂସ୍କୃତ ଭଳି ଏକ ନୈତିକ ମୂଲ୍ୟବୋଧ ଓ ସଂସ୍କୃତି ଐତିହ୍ୟ ସମ୍ପନ୍ନ ବିଷୟ ପଢ଼ିବା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ଏଣୁ ସରକାର ତୁରନ୍ତ ସଂସ୍କୃତ ଶିକ୍ଷା ସଂକୋଚନ ନୀତିରୁ ଓହରି ଯାଆନ୍ତୁ ବୋଲି ଦାବି କରାଯାଉଛି।

ନୀଳଗିରି ମେଡିକାଲ ପରିସରରେ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଫଳକକୁ ଭାଙ୍ଗିଲେ କେନ୍ଦ୍ରମନ୍ତ୍ରୀଙ୍କ କର୍ମୀ

ନୀଳଗିରି,୦୭/୦୪ (ନି.ପ୍ର): ନାମ ଫଳକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନାମ ନ ଥିବାରୁ ମନ୍ତ୍ରୀଙ୍କ କର୍ମୀମାନେ ନୀଳଗିରି ମେଡିକାଲରେ ଗଣ୍ଡଗୋଳ କରିଥିବା ବେଳେ ଏସ.ଡି.ଏମ.ଓ. ଙ୍କୁ ମଧ ଘେରାଉ କରିଥିଲେ । ଏପରିକି ଫଳକକୁ ମଧ କର୍ମୀମାନେ ଭାଙ୍ଗିଦେଇଥିବାର ଦେଖାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଟ୍ରକ ମାଲିକ ସଂଘ ପକ୍ଷରୁ ନୀଳଗିରି ମେଡିକାଲ ପରିସରରେ ୪ଗୋଟି କ୍ୟାବିନ ନିର୍ମାଣ କରି ରୋଗୀମାନଙ୍କୁ ସହୟତାର ହାତ ବଢାଇଥିବା ବେଳେ ବୁଧବାର ଦିନ ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା । ଉଦ୍‌ଘାଟକ ଭାବେ ନୀଳଗିରି ର ବିଜେପି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବାଲେଶ୍ୱର ସି.ଡି.ଏମ.ଓ. ଏବଂ ନୀଳଗିରି ଏସ.ଡି.ଏମ.ଓ. ଉଦ୍‌ଘାଟନ ସମୟରେ ଅନୁପସ୍ଥିତ ଥିବା ବେଳେ ଟ୍ରକ ମାଲିକ ସଂଘର ଆଡ଼ଭାଇଜର ତଥା ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ମାତ୍ର ଫଳକରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ନ ଥିବାରୁ ମନ୍ତ୍ରୀ ଙ୍କ କର୍ମୀମାନେ ମେଡିକାଲରେ ପହଂଚି କ'ଣ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନାମ ଫଳକରେ ନାହିଁ ବୋଲି ଏସ.ଡି.ଏମ.ଓ.ଙ୍କୁ ପଚାରିବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ଫଳରେ ମେଡିକାଲ ପରିସରରେ ଉତେଜନା ଲାଗି ରହିଥିବା ବେଳେ ମନ୍ତ୍ରୀଙ୍କ କର୍ମୀମାନେ ଫଳକକୁ ଭାଙ୍ଗି ଚୁରୁମାର କରି ଦେଇଥିବା ଦେଖିବାକୁ ମିଳିଛି । ଏହି ଦୃଶ୍ୟ ବିଜେପିର ଗୋଷ୍ଠୀକନ୍ଦଳ କୁ ପଦାରେ ପକାଇଥିବା ବେଳେ ବିଜେପି ଦୁଇ ଫାଳ ହୋଇଗଲା ବୋଲି ବେଶ୍ ଚର୍ଚ୍ଚା ଚାଲିଛି । ଅନ୍ୟପଟେ ମେଡିକାଲ ପରିସରରେ ଫଳକ ଭାଙ୍ଗିଥିବା ନେଇ ଟ୍ରକ ମାଲିକ ସଂଘର ସଂପାଦକ ଶାନ୍ତନୁ କୁମାର ବିଶ୍ୱାଳ ନୀଳଗିରି ଥାନାରେ ମନ୍ତ୍ରୀଙ୍କ କର୍ମୀମାନଙ୍କ ନାମରେ ଏତଲା ଦେଇଥିବା ଜଣାପଡ଼ିଛି । ଫଳକରେ ନାମ ନ ଥିବା ଘଟଣାକୁ କେନ୍ଦ୍ର କରି ଏପରି ପରିସ୍ଥିତି ଉପୁଜିବା ଘଟଣାକୁ ସାଧାରଣରେ ବେଶ ଚର୍ଚ୍ଚା ହେଉଥିବା ଜଣାପଡ଼ୁଛି । ଅପରପକ୍ଷରେ ଏସ.ଡି.ଏମ.ଓ. ଅଜୟ କୃଷ୍ଣ ସାମଲ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ଆସନ୍ତା ଶୁକ୍ରବାର ଠାରୁ ମେଡିକାଲର ସମସ୍ତ କର୍ମଚାରୀ କଳାବ୍ୟାଚ୍ ପରିଧାନ କରିବେ ବୋଲି ଏସ.ଡି.ଏମ.ଓ. ଡା. ଶ୍ରୀଯୁକ୍ତ ସାମଲ ସୂଚନା ଦେଇଛନ୍ତି ।

ଫି ଛାଡ଼ ମାମଲାରେ ସରକାରଙ୍କର ଦୋମୁହାଁ ନୀତିକୁ ଅଭିଭାବକମାନଙ୍କର ବିରୋଧ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ବିଗତ ଶିକ୍ଷା ବର୍ଷରେ କରୋନା ପାଇଁ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତି ଆର୍ଥିକ ସ୍ତରରେ ପ୍ରଭାବିତ। ତେଣୁ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନେ ଯଥେଷ୍ଟ ପ୍ରଭାବିତ ହୋଇଥିବା ପରିପ୍ରେକ୍ଷୀରେ ସ୍କୁଲ୍ ଫି' ବୃଦ୍ଧିରେ ପ୍ରତିବାଦ କରିଆସୁଥିବା ଅଭଭାବକ ସଂଘମାନେ କରୋନା ପରିସ୍ଥିତିରେ ସ୍କୁଲ୍ ଫି କମ୍ କରିବା ପାଇଁ ଦାବି କରି ଅସଫଳ ହେବାପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଘରୋଇ ବିଦ୍ୟାଳୟ ସଂଘ, ଅଭିଭାବକ ସଂଘ ଓ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକ ସଂଘ, ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ପୌରହିତ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଦେୟ ଉପରେ ରିହାତି ଦିଆଯାଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ଚୁକ୍ତି ଭିତିରେ ଚୂଡାନ୍ତ ରାୟ ପ୍ରଦାନ କରିଥିଲେ। କିନ୍ତୁ ଉଦ୍‌ବେଗର ବିଷୟ, ଅନ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଚଂଚକତା ପୂର୍ବକ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଓ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାଁନ୍ତି। ବର୍ଷସାରା ସେବା ଗ୍ରହଣ କରିନଥିଲେ ମଧ ବସ୍ ଦେୟ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ବର୍ଦ୍ଧିତ ସ୍କୁଲ୍ ଫି ପୈଠ ପାଇଁ ଅଭିଭାବକମାନଙ୍କୁ ବାଧ କରୁଛନ୍ତି। ସରକାର ନିରବଦ୍ରଷ୍ଟା ସାଜି ଘରୋଇ ଶିକ୍ଷାନୁଷ୍ଠାନମାନଙ୍କର ମନମୁଖି କାର୍ଯ୍ୟକଳାପକୁ ପ୍ରକାରନ୍ତରେ ପ୍ରୋତ୍ସାହିତ କରୁଛନ୍ତି। ଗୋଟେପଟେ ଅଭିଭାବକମାନଙ୍କ ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଓ ଅନ୍ୟପଟେ ବେସରକାରୀ ବିଦ୍ୟାଳୟଗୁଡ଼ିକ ଫି' ବୃଦ୍ଧି ଆଦାୟକୁ ବିରୋଧ ନକରିବା ସାଧାରଣରେ ପ୍ରଶ୍ନ ଉଠୁଛି - ଏ ସରକାର କାହା ସ୍ୱାର୍ଥରେ, ଅଭିଭାବକଙ୍କର ନା ଶିକ୍ଷା ମାଫିଆଙ୍କର? ସରକାରଙ୍କ ଏଭଳି ଦୋମୁହାଁ ନୀତି ଅଭିଭାବକଙ୍କ ମହଲରେ ଆଲୋଡ଼ନ ସୃଷ୍ଟି କରିବା ସହ ସରକାରଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଅଛି। ଏହି ପରିପ୍ରେକ୍ଷୀରେ ୟୁନାଇଟେଡ୍ ପ୍ୟାରେଂଟସ୍ ଆସୋସିଏସନ୍ ଫୋରମ୍ ଶିକ୍ଷା ନିର୍ଦ୍ଦେଶକଙ୍କ ଜରିଆରେ ବେସରକାରୀ ବିଦ୍ୟାଳୟମାନଙ୍କର ମନୋମୁଖି କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିବା ସହ ସଂଘର ସଭାପତି ସଂଯୁକ୍ତ ପାଣିଗ୍ରାହୀ, ସମ୍ପାଦକ ମଧୁସୂଦନ ବିଶ୍ୱାଳ, ସତିଶ୍ ମିଶ୍ର ପ୍ରମୁଖ ଏକ ପ୍ରତିନିଧି ଦଳ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରୀ ଦାସ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶିକ୍ଷା ସଚିବଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର ଏହି ବିକ୍ଷୋଭରେ ସଂଘ ପକ୍ଷରୁ ପ୍ରଦୀପ ପ୍ରଧାନ, ରାମଚନ୍ଦ୍ର ପୁଷ୍ପାଳକ, ସୁଶାନ୍ତ ମହାପାତ୍ର, ଆଶୁତୋଷ ଦାସ, ରଞ୍ଜୁଲତା ମହାପାତ୍ର ପ୍ରମୁଖ ବିଭିନ୍ନ ସ୍କୁଲ୍‌ର ଅଭିଭାବକମାନେ ଯୋଗ ଦେଇଥିଲେ ।

ପେନସନ୍ ପାଇନଥିବା ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ପେନସନ ଅଦାଲତ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ପେନ୍ସନ୍ ସମ୍ବନ୍ଧିତ ଅଭିଯୋଗର ତ୍ୱରିତ ବିଚାରପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପେନସନ ଅଦାଲତର ବ୍ୟବସ୍ଥା କରିଛନ୍ତି । କୋଭିଡ୍ ନୀତିନିୟମ ପରିପ୍ରେକ୍ଷୀରେ ଏହି ଅଦାଲତ ଅନ୍ଲାଇନ୍ ବ୍ୟବସ୍ଥା ମାଧ୍ୟମରେ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସଞ୍ଜୀବ ଚୋପ୍ରା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅବସର ନେଇଥିବା କର୍ମଚାରୀମାନଙ୍କର ପେନ୍ସନ୍ ମଂଜୁରୀ ସମନ୍ୱିତ ଆର୍ଥିକ ପରିଚାଳନା (ଇଂଟେଗ୍ରେଟେଡ୍ ଫାଇନାନ୍ସିଆଲ୍ ମ୍ୟାନେଜମେଂଟ ସିଷ୍ଟମ୍) ନାମକ ଅନ୍ଲାଇନ୍ ବ୍ୟବସ୍ଥା ଦ୍ୱାରା କରାଯାଉଛି । ଏହା ସତ୍ତ୍ୱେ ମଧ୍ୟ ଛୋଟ ଛୋଟ କାରଣ ପାଇଁ ବିଭିନ୍ନ ସ୍ତରରେ କେତେକ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀମାନଙ୍କର ପେନସନ୍ କାଗଜ ବିନା ମଂଜୁରୀରେ ପଡ଼ିରହିଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି । ଏସବୁର ଆଶୁ ସମାଧାନ କରି ତୁରନ୍ତ ପେନ୍ସନ୍ ମଂଜୁର କରିବା ନିମନ୍ତେ ଏହି ଅନ୍ଲାଇନ୍ ପେନ୍ସନ୍ ଅଦାଲତର ବ୍ୟବସ୍ଥା କରାଯାଇଛି । ଶ୍ରୀ ଚୋପ୍ରା ସ୍ପଷ୍ଟ କରିଥିଲେ ଯେ ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଫୌଜଦାରୀ, ଭିଜିଲାନ୍ସ ବା ମେଜର ପେନାଲ୍ଟି ପ୍ରୋସିଡ଼ିଂ ନାହିଁ ସେମାନେ ଏହି ପେନ୍ସନ୍ ଅଦାଲତରେ ସୁଯୋଗ ନେଇପାରିବେ । ଏଥିପାଇଁ ଚଳିତବର୍ଷ ଏପ୍ରିଲ୍ ୮ ତାରିଖରୁ ୩୦ ତାରିଖ ମଧ୍ୟରେ ସଂପୃକ୍ତ ଅଧିକାରୀ ଦରଖାସ୍ତ କରିବେ । ଦରଖାସ୍ତ ଏଚ୍.ଆର୍.ଏମ୍.ଏସ୍. ପୋର୍ଟାଲ୍ (http://pension. hrmsodisha. gov.in) ମାଧ୍ୟମରେ ଗ୍ରହଣ କରାଯିବ । ଏହି ସମୟ ମଧ୍ୟରେ ମିଳିଥିବା ଦରଖାସ୍ତ ବାବଦରେ ସ୍ୱୀକୃତିପତ୍ର ଅନ୍ଲାଇନ୍ରେ ଦରଖାସ୍ତକାରୀଙ୍କୁ ମିଳିବ । ସଂପୃକ୍ତ ପେନ୍ସନ୍ ମଞ୍ଜୁରକାରୀ କର୍ତୃପକ୍ଷ ଚଳିତବର୍ଷ ଜୁନ୍ ୩୦ ତାରିଖ ମଧ୍ୟରେ ସମସ୍ତ ଦରଖାସ୍ତ ବିଷୟରେ ଚୂଡ଼ାନ୍ତ ନିଷ୍ପତିନେବେ । ନିଷ୍ପତି ବାବଦ ସୂଚନା ମଧ୍ୟ ଦରଖାସ୍ତକାରୀଙ୍କୁ ଇମେଲ୍, ଏସ୍.ଏମ୍.ଏସ୍. ବା ଅନ୍ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯିବ । ଯେଉଁ ଦରଖାସ୍ତ ଗୁଡ଼ିକର ସମାଧାନ ପେନ୍ସନ୍ ମଞ୍ଜୁର କର୍ତୁପକ୍ଷଙ୍କ ସ୍ତରରେ ହୋଇନପାରିବ ସେ ସେଗୁଡ଼ିକୁ ସଂପୃକ୍ତ ବିଭାଗଙ୍କୁ ପଠାଇଦେବେ । ପରବର୍ତୀ ସମୟରେ ଏହି ଅସମାଧିତ ଦରଖାସ୍ତ ଗୁଡ଼ିକର ବିଚାରପାଇଁ ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବଙ୍କ ସ୍ତରରେ ସ୍ୱତନ୍ତ୍ର ଅଦାଲତ ଅନୁଷ୍ଠିତ ହେବ । ଏହି ଅଦାଲତରେ ଶୁଣାଣୀ ତାରିଖ ଓ ନୋଟିସ୍ ଆଦି ମଧ୍ୟ ସଂପୃକ୍ତ କର୍ମଚାରୀଙ୍କୁ ଇମେଲ୍ ବା ଏସ୍.ଏସ୍.ଏସ୍ ମାଧ୍ୟମରେ ଜଣାଇ ଦିଆଯିବ । ସମସ୍ତ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ବ୍ୟବସ୍ଥାର ସୁଯୋଗନେଇ ନିଜ ନିଜ ପେନ୍ସନ୍ ମଞ୍ଜୁରୀ କାର୍ଯ୍ୟ ଠିକ୍ ଭାବେ କରାଇନେବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଚୋପ୍ରା ଅନୁରୋଧ କରିଛନ୍ତି ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ଦିଆନଙ୍କ ଉତ୍କଳିକା ପରିଦର୍ଶନ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଆଜି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ(ଉତ୍କଳିକା) ପରିଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀମତୀ ଦିଆନ ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା 'ଉତ୍କଳିକା'ର ବିଭିନ୍ନ ଶାଖାର କ୍ରୟ ଓ ବିକ୍ରୟର ସମୀକ୍ଷା କରିଥିଲେ। 'ଉତ୍କଳିକା' ଶାଖାର ନବୀକରଣ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟର କାରିଗରମାନଙ୍କ ଠାରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ କିପରି ସୁଚାରୁ ରୂପେ କ୍ରୟ ହୋଇ ବିଭିନ୍ନ ଶାଖାରେ ବିକ୍ରୟ ହୋଇପାରିବ ସେ ସମ୍ବନ୍ଧରେ ମଧ ମନ୍ତ୍ରୀ ଶ୍ରୀମତୀ ଦିଆନ ଆଲୋଚନା କରିଥିଲେ। ଆଉ ମଧ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ସ୍ୱୟଂପ୍ରଭା ମୁଦୁଲି ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ରାଜ୍ୟରେ ଉତ୍ପାଦିତ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ବ୍ୟବସାୟିକ ଭିତିରେ ସଂଗଠିତ କରି କ୍ରୟ କରିବା, ରାଜ୍ୟ ତଥା ରାଜ୍ୟ ବାହାରେ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ ନିଜସ୍ୱ ବିକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରି କରିବା, କାରିଗରମାନଙ୍କୁ ସୁଲଭ ମୂଲ୍ୟରେ କଂଚାମାଲ ଯୋଗାଇବା ଆଦି 'ଉତ୍କଳିକା'ର ମୁଖ୍ୟ ଲକ୍ଷ୍ୟ।

ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

PARADIP PORT TRUST
Commemorates
WORLD HEALTH DAY-2021
Committed to
Building a Fairer, Healthier World
At: Paradip Port Trust Hospital, Paradip
7th April 2021

ପାରାଦୀପ,୦୭/୦୪ (ନି.ପ୍ର): ବୁଧବାର ଦିନ ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ର ଉପାଧକ୍ଷ ଏ.କେ.ବୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଶୋଭାଯାତ୍ରା ର ଶୁଭାରମ୍ଭ କରିଥିଲେ । ଏହି ଅବସର ରେ ଏକ ସଚେତନତା ଶୋଭାଯାତ୍ରା ବନ୍ଦର ଚିକିତ୍ସାଳୟ ରୁ ବାହାରିଥିଲା । ଚଳିତ ବର୍ଷ ର ଅନୁଚିନ୍ତା ଥିଲା ସମସ୍ତ ଙ୍କ ପାଇଁ ସ୍ୱଚ୍ଛ, ସ୍ୱାସ୍ଥ୍ୟ ବିଶ୍ୱ । କୋଭିଡ୍-୧୯ ପରିସ୍ଥିତି ରେ କୋଭିଡ୍ ନିୟମାବଳୀ ପାଳନ କରି ଡାକ୍ତର, ପାରାମେଡିକାଲ୍ ଷ୍ଟାଫ, ପାରାଦୀପ ବନ୍ଦର ର ବିଭିନ୍ନ ବିଭାଗୀୟ ମୁଖ୍ୟ ଯୋଗେଦଇଥିଲେ । ବନ୍ଦର ଚିକିତ୍ସାଳୟ ପରିସର ରେ କ୍ୟାନ୍ସର୍, ଡାଇବେଟିସ୍, ହୃଦ୍‌ରୋଗ, ଅସ୍ଥିଶଲ୍ୟ, ଉଚ୍ଚରକ୍ତ ଚାପ, ଚକ୍ଷୁ, ସ୍ନାୟୁ ରୋଗ, ମୂତ୍ର ରୋଗ ଆଦି ର ପରୀକ୍ଷା କରାଯାଇଥିଲା । ଶେଷ ରେ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ରେ କ୍ୟାନସର ସଚେତନତା ସଂପର୍କିତ ଆଲୋଚନା ଚକ୍ର କଟକ ର ପଣ୍ଡା କ୍ୟୁରୀ ହସ୍‌ପିଟାଲ୍ ପକ୍ଷରୁ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା । ଏହି ଅବସର ରେ ୨୦୬ ଜଣ ଙ୍କ ର ବିଭିନ୍ନ ରୋଗ ସଂପର୍କିତ ପରୀକ୍ଷଣ କରାଯାଇଥିଲା ।

ପାରାଦୀପରେ ୬ହଜାରରୁ ଉର୍ଦ୍ଧ୍ୱଙ୍କୁ ଟିକାକରଣ

ପାରାଦୀପ,୦୭/୦୪ (ନି.ପ୍ର): ବିଶ୍ୱ ମହାମାରୀ କରୋନା ବା କୋଭିଡ-୧୯ ସଂକ୍ରମଣକୁ ପୁରିଲାଣି ଏକ ବର୍ଷ । ଏହା ମଧ୍ୟରେ ଭାରତ ସରକାରଙ୍କ ପକ୍ଷରୁ ସ୍ୱଦେଶୀ ଉତ୍ପାଦିତ କରୋନା ଟୀକା ଦେଶର ସମସ୍ତ ନାଗରିକଙ୍କୁ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ପ୍ରଥମେ ସଚ୍ଚେତନତା ଅଭାବରୁ ଲୋକମାନେ ଟୀକା ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନଥିବା ବେଳେ ସରକାର ଓ ଜିଲ୍ଲା ପ୍ରଶାସନର ଉଦ୍ୟମ ଏବଂ ସଚ୍ଚେତନତା ଫଳରେ ଟୀକା ଗ୍ରହଣ ପାଇଁ ନିର୍ଦ୍ଧାରିତ ଚିକିତ୍ସାଳୟରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ସେହିପରି ଜଗତ୍‌ସିଂହପୁର ଜିଲ୍ଲାର ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବନ୍ଦର ଚିକିତ୍ସାଳୟ ଓ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଟୀକା ଗ୍ରହଣ କରିବାର ସ୍ଥାନ ନିରୁପଣ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ନାଗରିକ(୬୦ ବର୍ଷରୁ ଉର୍ଦ୍ଧ୍ୱ), ସ୍ୱାସ୍ଥ୍ୟ କର୍ମୀ, ଫ୍ରଣ୍ଟଲାଇନ୍ ୱାର୍କର ଓ ସୁରକ୍ଷା କର୍ମଚାରୀ ମାନଙ୍କୁ ଟୀକାକରଣ ପରେ ଦ୍ୱିତୀୟ ପାଳିରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ମାନଙ୍କୁ ଟୀକାକରଣ କରାଯାଇଛି । ତେବେ ପାରାଦୀପ ବନ୍ଦର ଚିକିତ୍ସାଳୟର ପ୍ରସ୍ତୁତି ଓ ସୁବିଧାରେ ଟୀକା ନେବାରେ ବ୍ୟବସ୍ଥା ହେତୁ ଏଠାରେ ଟୀକା ନେବା ପାଇଁ ଲୋକଙ୍କର ଆଗ୍ରହ ବଢୁ ଥିବାର ଦେଖା ଯାଉଛି । ଚଳିତ ଏପ୍ରିଲ ମାସ ୫ତାରିଖ ସୁଦ୍ଧା ବନ୍ଦର ଚିକିତ୍ସାଳୟରେ ସର୍ବମୋଟ ୫୬୦୧ ଜଣ ବ୍ୟକ୍ତିଙ୍କୁ ଟୀକାକରଣ କରାଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡା ସୂଚନା ଦେଇଛନ୍ତି । ସେହିପରି ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୧ହଜାର ବ୍ୟକ୍ତି ଟୀକା ନେଇଥିବା ଭାରପ୍ରାପ୍ତ ଅଧିକାରୀ ଡା. ବସନ୍ତ କୁମାର ରାଉତ କହିଛନ୍ତି । ତେବେ ସଂପ୍ରତି ପରିସ୍ଥିତିରେ ଗଣମାଧ୍ୟମର ସଚ୍ଚେତନତା ଫଳରେ ଅଂଚଳବାସୀ ଟୀକା ନେବା ପ୍ରତି ଆଗ୍ରହ ଓ ଟୀକାକରଣ ସଂପର୍କୀୟ ସବିଶେଷ ବିବରଣୀ ପାଇ ପାରୁଥିବାରୁ ପାରାଦୀପ ବାର ଆସୋସିଏସନ୍‌ର ସାଧାରଣ ସଂପାଦକ ତପନ କୁମାର ଦାଶ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଭୂୟସୀ ପ୍ରସଂଶା କରିଛନ୍ତି ।

ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ବାରିପଦା,୦୭/୦୪ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆଜି ପାଳିତ ହୋଇଯାଇଛି । ଏଥିରେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଓ କୋଭିଡ-୧୯ ସମୟରେ ସମସ୍ତ ଜନସାଧାରଣ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ହେବାକୁ ବର୍ଣ୍ଣନା କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ପ୍ରତ୍ୟେକ ଦିନ ବ୍ୟାୟାମର ଆବଶ୍ୟକତା ଓ ସୁଷମ ଖାଦ୍ୟର ବ୍ୟବହାର ବିଷୟରେ ଉଲ୍ଲେଖ କରିଥିଲେ । ହେଲଥ ଇଜ ୱେଲଥ ମଧ୍ୟ କହିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୧ର ବାର୍ତ୍ତା ଦେଇଥିଲେ । ଏକ ସୁନ୍ଦର ସ୍ୱାସ୍ଥ୍ୟ ବିଶ୍ୱ ଗଠନ କରିବାକୁ ମଧ୍ୟ ସେ ଦର୍ଶାଇଥିଲେ । ଅଧ୍ୟାପିକା ଲସନା ମହାନ୍ତି, ତୃପ୍ତି ଦାସ, ଇତିବାଳା ମହାପାତ୍ର ନିଜ ନିଜର ମତାମତ ଦେଇଥିଲେ । ଅଧ୍ୟାପିକା ସବିତାରାଣୀ ଦାଶ, ସାଗରୀକା ପଣ୍ଡା, ଅଭିପ୍ସା ନାୟକ, ଅଙ୍କିତା ସାହୁ, ପୂଜାରାଣୀ ଦାସ, ଅଧ୍ୟାପକ ଶିବ ପ୍ରସାଦ ମଲ୍ଲିକ, ପଞ୍ଚାନନ ସାହୁ, ଜଗନ୍ନାଥ ରାଉଳ, ଦେବୀଦତ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟତମ ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଧନ୍ୟବାଦ ଜଣାଇଥିଲେ ।

ପୁଲିସ ଉପସ୍ଥିତିରେ ରେମୁଣା ଥାନାରେ ଗୋଷ୍ଠୀ ସଂଘର୍ଷ ଓ ଥାନା ଭଙ୍ଗାରୁଜା
ପୁଲିସର ନିଷ୍କ୍ରିୟତାକୁ ନେଇ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବାଲେଶ୍ୱର,୦୬/୦୪ (ନି.ପ୍ର): ପୂର୍ବ ଶତ୍ରୁତାକୁ ନେଇ ରେମୁଣା ଥାନା ପରିସରରେ ଗତକାଲି ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ଦୁଇ ଜଣ ଗୁରୁତର ଆହତ ହେବାକୁ ନେଇ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଆଜି ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ । ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଓ ନିଆଁବାଗ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ପୂର୍ବ ଶତ୍ରୁତାର ସମାଧାନ ଥାନରେ ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀର କିଛି ଲୋକ ଅନ୍ୟ ଗୋଷ୍ଠୀର ରଘୁନାଥ ସାହୁ ଓ ତାଙ୍କ ପତ୍ନୀ ପ୍ରମିତା ଦାସଙ୍କ ଉପରେ ମଙ୍ଗଳବାର ରାତିରେ ଆକ୍ରମଣ କରିଥିଲେ । ଏହାକୁ ନେଇ ପ୍ରମିତା, ତାଙ୍କ ସ୍ୱାମୀ ରଘୁନାଥ ଓ ପୁତ୍ର ବାଦଲ ସାହୁ ରେମୁଣା ଥାନାରେ ଏତଲା ଦେବାକୁ ଯାଇଥିବା ବେଳେ ପ୍ରତିପକ୍ଷର ଗିରିଧାରୀ ଦାସ, ହରେନ୍ଦ୍ର ଦାସ, ଲକ୍ଷ୍ମଣ ଦାସ, ଭରତ ଦାସ, ରାମଚନ୍ଦ୍ର ଦାସ, ରାଜ ଦାସ ପ୍ରମୁଖଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ଥାନାରେ ପହଂଚି ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏପରିକି ଥାନା ପରିସରରେ ଅଭିଯୁକ୍ତମାନଙ୍କ ଭୁଜାଲି ଆକ୍ରମଣରେ ପ୍ରମିତା ଓ ରଘୁନାଥ ଗୁରୁତର ଆହତ ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଏ ସମ୍ପର୍କରେ ଏକ ଏତଲା ଦାୟର ହୋଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଥିବା ରେମୁଣା ଥାନା ଅଧରକାରୀ ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି । ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ । ତେବେ ଆକ୍ରମଣର ଖବର ପାଇ ମଙ୍ଗଳବାର ବିଳମ୍ବିତ ରାତିରୁ ପ୍ରମିତା ଓ ରଘୁନାଥଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ରେମୁଣା ଥାନା ପରିସର ଘେରାଉ ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲେ । ଆକ୍ରମଣର ସିସିଟିଭି ଫୁଟେଜ ପୁଲିସ ନିକଟରେ ଥାଇ ମଧ୍ୟ ଅଭିଯୁକ୍ତମାନଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ । ପୁଲିସର ସ୍ଥାଣୁତାକୁ ନେଇ ଉତ୍ୟକ୍ତ ଲୋକେ ଆଜି ଥାନା ଆଗରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ରେମୁଣା ଥାନା ପରିସରରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ନୀଳଗିରି ଏସଡିପିଓ ରିତେଶ ମହାପାତ୍ର ସେଠାରେ ପହଂଚିଥିଲେ । ସେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏସଡିପିଓଙ୍କ ହସ୍ତକ୍ଷେପ ପରେ ରାସ୍ତା ଅବରୋଧ ହଟିବା ସହ ରେମୁଣା-ମିତ୍ରପୁର ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

ପିପିଲି ନିର୍ବାଚନ ପାଇଁ ଆସିବେ କେନ୍ଦ୍ରୀୟ ସୁରକ୍ଷା ବଳ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ପିପିଲିରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପ ନିର୍ବାଚନ ଲାଗି ୩କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୧୮ ପ୍ଲାଟୁନ୍ ଓଏସ୍‌ପି ମୁତୟନ କରିବା ପାଇଁ ନିଷ୍ପତି ହୋଇଛି । ଏଡିଜି ଯଶୱନ୍ତ ସିଂ ଜେଠ୍ୱା ଏଥିନେଇ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରତି ସ୍ପେଶାଲ ଡ୍ରାଇଭ୍ ଏବଂ ବେଆଇନ୍ ଅସ୍ତ୍ରଶସ୍ତ୍ର ଜବତ କରିବା ଏବଂ ୱାରେଂଟି ଡ୍ରାଇଭ୍‌କୁ କଡ଼ାକଡ଼ି କରିବା ପାଇଁ ନିଷ୍ପତି ହୋଇଛି ।

ନେଭାର କାର୍ଯ୍ୟକାରିତା ଉପରେ ବାଚସ୍ପତିଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ଓଡ଼ିଶା ବିଧାନସଭାରେ କାର୍ଯ୍ୟକାରୀ ହୋଇଥିବା ନେଭାର ପ୍ରଗତି ଉପରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଆଜି ସମୀକ୍ଷା କରିଛନ୍ତି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ହୋଇଥିବା ଉକ୍ତ ବୈଠକରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଅନୁଦାନ ରାଶିର ବିନିଯୋଗ, ବିଧାୟକ, ବିଧାନସଭା ସଚିବାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ, ବିଧାନସଭାରେ ଆଗତ ହେଉଥିବା ବିଲ୍, ତର୍କର ଡିଜିଟାଲାଇଜେସନ ସମେତ ବିଧାନସଭା ସଭ୍ୟମାନେ ଆଗତ କରୁଥିବା ତାରକା ଏବଂ ଅଣତାରକା ଚିହ୍ନିତ ପ୍ରଶ୍ନାବଳୀ ନେଭା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ବାଚସ୍ପତି ଡ. ପାତ୍ର ବିଧାନସଭାର ବିଭିନ୍ନ କମିଟି ବୈଠକର ଅବବହିତ ପୂର୍ବରୁ ସମ୍ପୃକ୍ତ ବିଧାୟକମାନଙ୍କୁ ଏ ସମ୍ପର୍କିତ ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ନେଭାରେ ଯୋଗ ଦେଇଥିବା ସଫ୍ଟୱେର୍ ଇଞ୍ଜିନିୟରମାନଙ୍କୁ ନୂଆଦିଲ୍ଲୀ ପ୍ରେରଣ କରି ଆବଶ୍ୟକୀୟ ପ୍ରଶିକ୍ଷଣ ଦେବାକୁ ମଧ୍ୟ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ବିଧାନସଭା ପ୍ରଶ୍ନାବଳୀ ଶାଖାର ସମସ୍ତ କର୍ମଚାରୀଙ୍କୁ ମଧ୍ୟ ତୁରନ୍ତ ନେଭା ସମ୍ପର୍କିତ ବୈଷୟିକ ପ୍ରଶିକ୍ଷଣ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୦୭/୦୪ (ନି.ପ୍ର): ଭାରତୀୟ ଜନତା ପାର୍ଟି ଭଦ୍ରକ ଜିଲ୍ଲା ପକ୍ଷରୁ ବିଜେପିର ୪୧ ତମ ପ୍ରତିଷ୍ଠା ଦିବସ ଜିଲ୍ଲା କାର୍ଯ୍ୟାଳୟରେ ପାଳନ କରାଯାଇଛି । ଜିଲ୍ଲା ସଭାପତି ହେମନ୍ତ ପାଢ଼ୀଙ୍କ ପୌରୋହିତ୍ୟ ଅନୁଷ୍ଠିତ ଏକ ଉତ୍ସବରେ ଭଦ୍ରକ ବିଧାନସଭା ନେତା ଡ଼ା. ପ୍ରଦୀପ କୁମାର ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଏବଂ ଅଶୋକ ପରିଜା, ଜିଲ୍ଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜିଲ୍ଲା କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ, ମା’ ସାତଭଉଣୀ ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବିକାଶ ଶ୍ରେଷ୍ଠା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ବିରେନ୍ଦ୍ର ଜେନା, ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରମୋଦ ସୁତାର, ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ତୋଷ ଦାସଅଧିକାରୀ, ବୃଷଭାନୁ ସାହୁ, ସ୍ୱର୍ଣ୍ଣଲତା ନାୟକ, ଯୁବନେତା ସରୋଜ ପରିଡା ପ୍ରମୁଖ ଯୋଗ ଦେଇ ବିଜେପି ଦଳ ନୀତି, ଆଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ଦଳ ଭାବମୂର୍ତ୍ତି ଆଜି ବିଜେପି ଦଳକୁ ଶୀର୍ଷକୁ ନେଇଛି । ଦେଶର ସର୍ବ ବୃହତ୍ ଲୋକପ୍ରିୟ ରାଜନୈତିକ ଦଳ ଭାବେ ବିଜେପି ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ବୋଲି ମତ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ଭଦ୍ରକ ଜିଲ୍ଲାରେ ଏହି ଦଳକୁ ୧ ନମ୍ବର ଦଳ ଭାବେ ପରିଚିତ କରାଇବା ପାଇଁ ସାମଗ୍ରିକ ଚେଷ୍ଟାର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ନେତୃମଣ୍ଡଳୀ ମତ ପ୍ରକାଶ କରିଥିଲେ ।

ପିପିଲି ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବେ ନବୀନ

ଭୁବନେଶ୍ୱର,୦୭/୦୪ (ନି.ପ୍ର): ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିପିଲି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୁଦ୍ର ମହାରଥୀଙ୍କ ପାଇଁ ପ୍ରଚାର କରିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ପ୍ରଚାର କରିବେ । ବିଧାୟକ ଉମାକାନ୍ତ ସାମନ୍ତରାୟ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥିପାଇଁ ଜିଲ୍ଲା ପରିଷଦ ଜୋନ ଅନୁଯାୟୀ ଏଲଇଡିର ବ୍ୟବସ୍ଥା ହେବ । କେଉଁ ତାରିଖରେ ପ୍ରଚାର କରିବେ ତାହା ଆଜି ସନ୍ଧ୍ୟାରେ ଚୂଡ଼ାନ୍ତ ହେବ । ଏଥିସହ ବିଜେଡି ୩୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ଜିଲ୍ଲା ବିଜେପି ପକ୍ଷରୁ ସହରରେ ଜଳଛତ୍ର ସ୍ଥାପନ

ବାଲେଶ୍ୱର,୦୬/୦୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଜିଲ୍ଲା ବିଜେପି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ରର ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ବିଜେପି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଏକ ଜଳଛତ୍ରକୁ ସଭାପତି ଉମାକାନ୍ତ ମହାପାତ୍ର ଉଦଘାଟନ କରିଥିଲେ । ଏପ୍ରିଲ ୬ ତାରିଖ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଠାରୁ ଏପ୍ରିଲ ୧୪ ତାରିଖ ବାବା ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜେପି କାର୍ଯ୍ୟକର୍ତ୍ତାମାନେ ପଥଚାରୀଙ୍କ ପାଇଁ ଜଳଛତ୍ର ସ୍ଥାପନ କରିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଲୋକଙ୍କ ତୃଷ୍ଣା ନିବାରଣରେ ଏହା ବେଶ ସହାୟକ ହୋଇପାରିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ବେହେରା, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ବିଜେପି ନଗର ସଭାପତି ଚିତରଞ୍ଜନ ପଣ୍ଡା, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମହିଳା ମୋର୍ଚ୍ଚା ନଗର ସଭାନେତ୍ରୀ ସୁସ୍ମିତା ପଣ୍ଡା, ଦୀପ୍ତିରେଖା ନାୟକ, ପିଙ୍କି ପ୍ରଧାନ, ନଗର ସାଧାରଣ ସମ୍ପାଦକ ଯୋଗେନ ରଣା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ପ୍ରଭାରୀ ରଞ୍ଜିତ ପ୍ରଧାନ, ମୁକ୍ତିକାନ୍ତ ବାରିକ, ପ୍ରଳୟ ନାୟକ, ବିଶ୍ୱଜିତ ଖଟୁଆ, ସ୍ୱାଧୀନ ପଣ୍ଡା, ମାଧବ ପାଢୀ, ମୁନା ମହନ୍ତ, ନାସିର ହୁସେନ ପ୍ରମୁଖଙ୍କ ସମେତ ଦଳର ବହୁ-କର୍ମୀ ସେଠାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ବେଆଇନ୍ କରତକଳ ଉପରେ ବଡ଼ଧରଣର ଚଢାଉ

ଧାମନଗର,୦୭/୦୪ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବୁଧବାର ସକାଳ ୭.୩୦ମିନିଟ୍ ସମୟରେ ବଜାର ଉପକଣ୍ଠରେ ଥିବା ଏକ ବେଆଇନ୍ କରତକଳ ଉପରେ ଏକ ବଡ଼ଧରଣର ଚଢାଉ କରାଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର ଯନ୍ତ୍ରାଂଶ ଓ କାଠ ଗଣ୍ଡି ଜବତ କରାଯାଇଛି । ପ୍ରାୟ ଏକବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ପଡ଼ିଥିବା ଏହି କରତକଳ ଉପରେ ଚଢାଉ ହେବା ସମୟରେ କରତକଳ ମାଲିକ ଓ ସ୍ଥାନୀୟ ଲୋକେ ବନବିଭାଗ ଅଧିକାରୀ ଓ ବିଭାଗୀୟ ଭିଜିଲାନ୍ସ ଅଧିକାରୀ ମାନଙ୍କୁ ଘୋର ବିରୋଧ କରିଥିଲେ । ମାତ୍ର କରତକଳ ନଚଲାଇ କାଠ ଗଣ୍ଡି ଜମା ରଖିବା ଓ ଆଗରୁ ଚଳୁଥିବା ଯନ୍ତ୍ରପାତିକୁ ବେଆଇନ୍ ଭାବେ ନଖୋଲି ରଖାଯାଇଥିବାରୁ ରାତିଅଧିଆ କାଠ କଟା ଯାଉଥିବା ଅଧିକାରୀମାନେ କହିଥିଲେ । ତେବେ ଅଧିକାରୀ ମାନଙ୍କ ଦ୍ୱାରା କେତେକ କାଠକଟା ଯନ୍ତ୍ରାଂଶ ଓ ପ୍ରାୟ ୩୫ସିପ୍ଟ କାଠ ଗଣ୍ଡି ଜବତ କରାଯାଇଥିବା ଜଣାଯାଇଛି । ଏହି ଚଢାଉବେଳେ ଏସିଏଫ୍ ସାଧନା ବେହେରା, ବନବିଭାଗ ଭିଜିଲାନ୍ସ କଟକ ଡ଼ିଏସ୍‌ପି ରଜନିକାନ୍ତ ମହାନ୍ତି, ବାଲେଶ୍ୱର ଭିଜିଲାନ୍ସ ରେଞ୍ଜ ଅଫିସର ଶ୍ୟାମ ସିଂ, ଇନିସ୍ପେକ୍ଟର ସିକନ୍ଦର ହେମ୍ବ୍ରମ୍, ଲକ୍ଷ୍ମୀନାରାୟଣ ମୁଖି, ଡ଼ିସିପି ଭିଜିଲାନ୍ସ ଭଦ୍ରକ ଦକ୍ଷିଣଚନ୍ଦ୍ର ମୁର୍ମୁ, ଭଦ୍ରକ ରେଂଜ ଅଫିସର ରଣଜିତ୍ ମହାନ୍ତି, ଧାମନଗର ରେଂଜ ଅଫିସର କୁଶଚରଣ ସିଂ,ଫରେଷ୍ଟର ରାଜକିଶୋର ନାୟକ, କୁମୁଦ ସାହୁ, ବସନ୍ତ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଓଆର ୧ଡ଼ି ଅଫ୍ ୨୦୨୧/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଧାମନଗର ରେଂଜ ଅଧିକାରୀ ଶ୍ରୀ ସିଂ ସୂଚନା ଦେଇଛନ୍ତି ।

ବିଶିଷ୍ଟ ସମାଜସେବୀ ରବିନ୍ଦ୍ର ଯେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧାମନଗର,୦୭/୦୪ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ଅଧିନସ୍ଥ ଉଆସାହି ହରିଜନ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ପରୋପକାରୀ ରବିନ୍ଦ୍ର ଯେନାଙ୍କର ସ୍ମୃତିଚାରଣ ସଭା ସ୍ଥାନୀୟ ସରପଞ୍ଚ ସୁପ୍ରଭା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଯେନାଙ୍କ ଜଣେ ୱାର୍ଡ଼ମେମ୍ବର ଥିବା ସହ ବିଜୁ ଜନତାଦଳ ହରିଜନ ସେଲର ସକ୍ରିୟ କର୍ମୀଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମାନିତ ଅତିଥିଭାବେ ଧାମନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ଅଧ୍ୟକ୍ଷ ବିନୋଦ ନାୟକ, ନାରାୟଣଚନ୍ଦ୍ର ସାହୁ, ଯାଜପୁର ଜିଲ୍ଲା ରାମବାଗ ଆଂଚଳିକ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାସ, ବିଜେଡ଼ି ନେତା ତଥା ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜୁ ଜନତାଦଳର ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ନଗରସଭାପତି ସୁଶାନ୍ତ କୁମାର ରାଉତ, ଯୁବଜନତା ଦଳ ଉପସଭାପତି କୃଷ୍ଣଚନ୍ଦ୍ର ପତି, ବରିଷ୍ଠ ବିଜେଡ଼ି ନେତା ପ୍ରତାପ ସାମଲ, କରଦା ପଞ୍ଚାୟତ ସମିତିସଭ୍ୟ ଆନନ୍ଦଚନ୍ଦ୍ର ସାହୁ, ବିଳାଶ ପାଗଳ, ପି.ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ ସେଠୀ, ପଣ୍ଡିତ ଉଦୟନାଥ ଦାସ, ଜୟନ୍ତୀ ଶତପଥି, ବାବୁରାମ ଦାସ, ପୂର୍ବତନ ସମିତିସଭ୍ୟ ଗିରିଧାରି ଯେନା, ୱାର୍ଡ଼ ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ମଦନ ଦାସ, ବିଶ୍ୱଜିତ୍ ଦାସ, ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଯେନାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

ପାରାଦୀପରେ ମାସ୍କ ଓ ହେଲମେଟ୍ ଚେକିଂ

ପାରାଦୀପ,୦୭/୦୪ (ନି.ପ୍ର): ସମଗ୍ର ବିଶ୍ୱରେ କରୋନା ସଂକ୍ରମଣ ମହାମାରୀର ଦ୍ୱିତୀୟ ଧାରା ଦୃତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ଆସନ୍ତା ୧୬ତାରିଖ ଅର୍ଥାତ ୧୦ ଦିନ ପର୍ଯ୍ୟନ୍ତ ମାସ୍କ ଧରପଗଡକୁ ଯୋରଦାର କରିବା ପାଇଁ ପୋଲିସ ଅଧିକାରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦୈନିକ ପୋଲିସର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ସରକାରଙ୍କୁ ଦିଆଯିବ । ଏହି ପରିପ୍ରେକ୍ଷୀରେ ଏବେ ସକ୍ରିୟ ହୋଇ ଉଠିଛି ପାରାଦୀପ ଆଦର୍ଶ ପୋଲିସ । ବୁଧବାର ପୂର୍ବାହ୍ନରେ ଥାନା ଅଧିକାରୀ ରଜନୀ କାନ୍ତ ସାମଲଙ୍କ ନେତ୍ୟତ୍ୱରେ ପୋଲିସ ଦଳ ବନ୍ଦର ସହରର ବିଭିନ୍ନ ଛକ, ଥାନାଛକ, ପେଟ୍ରୋଲ ପମ୍ପ ସ୍ଥାନରେ ମାସ୍କ ଓ ହେଲମେଟ୍ ଚେକିଂ କରି ଅମାନିଆଙ୍କ ଠାରୁ କିଛି ଜୋରିମାନା ଆଦାୟ କରିଥିବା ବେଳେ ଲୋକଙ୍କୁ ସଚ୍ଚେତନ କରିଥିଲେ । ଏହି ଅଭିଯାନରେ ମାସ୍କ, ହେଲମେଟ୍ ନପିନ୍ଧି ବୁଲୁଥିବା ଅମାନିଆଙ୍କୁ ସାବାଡ୍ କରିବାକୁ ପୋଲିସ ଲକ୍ଷ ରଖିଥିବା ଥାନାଧିକାରୀ ଶ୍ରୀ ସାମଲ ସୂଚନା ଦେଇଥିଲେ । ସେହିପରି ଦୋକାନରେ ସାମାଜିକ ଦୂରତ୍ୱ ନରଖି ଖୁଲମଖୁଲା ବ୍ୟବସାୟ ଚଳାଇଥିବା ବ୍ୟବସାୟୀଙ୍କୁ ମଧ୍ୟ ତାଗିଦ କରିଥିଲା ପୋଲିସ । ଏତତ୍‌ବ୍ୟତୀତ ବ୍ୟବସାୟୀ ମାନେ ମାସ୍କ ପିନ୍ଧି ନ ଥିବା ଗ୍ରାହକ ମାନଙ୍କୁ ଜିନିଷ ନଦେବା ପାଇଁ ସଚ୍ଚେତନ କରିଥିଲା । ତେବେ ପାରାଦୀପ ପୋର୍ଟ ବଣିକ ସଂଘ ଏହି ସଂକ୍ରମଣର ଭୟାବହତା ଓ ପୋଲିସ ପ୍ରଶାସନର ସଚ୍ଚେତନତା ଆଧାରରେ ସମଗ୍ର ବ୍ୟବସାୟୀ ମାନଙ୍କୁ ପୂନର୍ବାର ସଚ୍ଚେତନ କରାଯାଇଛି ବୋଲି ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ତେବେ କୋଭିଡ୍-୧୯ ନିୟମ ଉଲଘଂନକାରୀଙ୍କ ଉପରେ ପୋଲିସ ଏବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡିଛି ।

ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପାରାଦୀପ ବନ୍ଦର ପରିଦର୍ଶନ

ପାରାଦୀପ ତା୦୬/୦୪ ପାରାଦୀପ ବନ୍ଦରରେ ପୁଞ୍ଜି ବିନିଯୋଗ ନିମନ୍ତେ ଅନୁଧ୍ୟାନ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) ଅଧ୍ୟକ୍ଷ ନବୀନ ଜିନ୍ଦଲ ମଙ୍ଗଳବାର ଅପରାହ୍ନରେ ପାରାଦୀପ ବନ୍ଦର ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ସେ ବନ୍ଦର ପରିଦର୍ଶନ କରି ବନ୍ଦରରେ ଭବିଷ୍ୟତରେ ପୁଞ୍ଜି ବିନିଯୋଗ ସମ୍ଭାବନା ଅନୁସନ୍ଧାନ କରିଥିଲେ । ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମରେ ଏକ ବୈଠକରେ ଯୋଗ ଦେଇ ଶ୍ରୀ ଜିନ୍ଦଲ ବନ୍ଦର ଅଧ୍ୟକ୍ଷ ବିନୀତ କୁମାର ଙ୍କ ସହ ଏ ସଂପର୍କରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା କରିଥିଲେ । ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଅନ୍ୟ ଅଧିକାରୀମାନେ ବନ୍ଦରର ପରିଚାଳନା, ପଣ୍ୟ କାରବାର ଓ ଶିଳ୍ପାୟନ ବିଷୟରେ ନବୀନ ଜିନ୍ଦଲଙ୍କୁ ଅବଗତ କରାଇଥିଲେ ।

ୱାଟର ଟ୍ୟାକ୍ସି ଓ ରୋପାକ୍ସ ଫେରି ସେବା ଖୁବଶୀଘ୍ର ମୁମ୍ବାଇ ପରିବହନର ଅଂଶ ହେବ

ପାରାଦୀପ,୦୭/୦୪ (ନି.ପ୍ର): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟା ଏକ ବୈଠକରେ ଅଧ୍ୟକ୍ଷତା କରି ମୁମ୍ବାଇ ଲାଗି ସହର ଜଳ ପରିବହନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏଥିରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ମୁମ୍ବାଇ ବନ୍ଦର ଅଧ୍ୟକ୍ଷ, ମହାରାଷ୍ଟ୍ର ସାମୁଦ୍ରିକ ବୋର୍ଡର ଅଧିକାରୀ ଓ ଅନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ । ପରିବେଶ ଅନୁକୂଳ ଜଳପଥ ପରିବହନକୁ ପ୍ରୋତ୍ସାହିତ କରିବା ଏବଂ ଜନଗହଳିପୂର୍ଣ୍ଣ ମୁମ୍ବାଇ ସହରର ସଡକ ଗୁଡିକର ଟ୍ରାଫିକ ସମସ୍ୟା ଲାଘବ କରିବା ପାଇଁ ରୋପାକ୍ସ ଫେରି ସେବା ପାଇଁ ୪ଟି ନୂତନ ମାର୍ଗ ତଥା ୱାଟର ଟ୍ୟାକ୍ସିର ୧୨ଟି ନୂତନ ମାର୍ଗ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରହଛି । ବର୍ତ୍ତମାନ ମୁମ୍ବାଇରେ ରୋପାକ୍ସ ଫେରି ସେବା ବାହୁଚ୍ଛାଡାଟା ଏବଂ ମାଣ୍ଡୱା ମଧ୍ୟରେ କାର୍ଯ୍ୟକାରୀ ହୋଇଛି । ଯାହାଦ୍ୱାରା ୧୧୦କି.ମି. ଦୂରତା ଜଳପଥରେ ମାତ୍ର ୧୮କି.ମି. କୁ ହ୍ରାସ ପାଇଛି । ଏହାଦ୍ୱାରା ସାଧାରଣ ଯାତ୍ରୀ ୩ ରୁ ୪ ଘଣ୍ଟାର ଯାତ୍ରାକୁ ମାତ୍ର ଏକ ଘଣ୍ଟା ମଧ୍ୟରେ ଅତିକ୍ରମ କରୁଛନ୍ତି । ସେହିପରି ଏହି ସେବା କାର୍ଯ୍ୟକାରୀ ହେଲେ ଡୋମେଷ୍ଟିକ କ୍ରୁଜ ଟର୍ମିନାଲରୁ ନେରୁଲ ୩୪କି.ମି. ରୁ ୧୯କି.ମି., ବେଲାପୁର ୪୦କି.ମି. ରୁ ୨୦କି.ମି., ଭାସି ୨୮ ରୁ ୨୩, ରିୱସ ୧୧୦ରୁ ୧୮, କରଞ୍ଜା ୭୦ରୁ ୧୮, ଧରମତାର ୮୩ରୁ ୪୦, କହ୍ନୋଜୀଆଙ୍ଗରେ ଦ୍ୱିପ ୧୯, ବେଲାପୁର ରୁ ଥାନେ ଓ ଗେଟ୍‌ୱେ ଅଫ ଇଣ୍ଡିଆ, ଭାସି ଓ ଥାନେ ଇତ୍ୟାଦି ମଧ୍ୟରେ ଦୂରତା କମିବା ସହ ସମୟ ମଧ୍ୟ ବଂଚିବ । ମାଣ୍ଡଭ୍ୟା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଜଳପଥକୁ ବ୍ୟବହାର କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିଭଙ୍ଗି ସହ ତାଳ ଦେଇ ଦେଶର ଅର୍ଥନୈତିକ ବିକାଶ ସହିତ ଏକିଭୁତ କରିବା ଦିଗରେ ଏହା ଏକ ବଡ ପଦକ୍ଷେପ । ଦେଶର ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟ ଓ ଅନ୍ୟାନ୍ୟ ମାର୍ଗରେ ରୋପାକ୍ସ ଫେରି ଓ ୱାଟର ଟ୍ୟାକ୍ସି ସେବା ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

ରବିଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ସମୟସୀମା ଅପ୍ରେଲ ୧୦କୁ ବୃଦ୍ଧି

ଭୁବନେଶ୍ୱର,୦୭/୦୪ (ନି.ପ୍ର): ୨୦୨୦-୨୧ ବର୍ଷରେ ରାଜ୍ୟରେ ରବିଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଂଜୀକରଣ ସମୟସୀମା ଅପ୍ରେଲ ୭ ତାରିଖରୁ ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆଜି ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ ହେଉଥିବା ୧୭ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି । ସେହିପରି ସୋସାଇଟିଗୁଡ଼ିକରେ ଫର୍ମ ଡିଜିଟାଇଜେସନ୍‌ର ସମୟସୀମା ଅପ୍ରେଲ ୧୦ ତାରିଖରୁ ଅପ୍ରେଲ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସଂପୃକ୍ତ ପ୍ୟାକ୍ସ/ଲ୍ୟାମ୍ପସ୍/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପାଣି ପଂଚାୟତର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ନାମ ପଂଜୀକରଣ ସମୟସୀମା ବୃଦ୍ଧି ସଂପର୍କିତ ସୂଚନା ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେପରି ଚାଷୀମାନେ ସେମାନଙ୍କ ନାମ ପଂଜୀକରଣ କରିପାରିବେ । ଏଥି ସହିତ ସୋସାଇଟିକୁ ନାମ ପଂଜୀକରଣ ପାଇଁ ଆସୁଥିବା ଚାଷୀମାନଙ୍କୁ କୋଭିଡ୍-୧୯ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ ୨୦୨୦-୨୧ ଖରିଫ ବିପଣନ ବର୍ଷରେ ବାଲେଶ୍ୱର, କଟକ, ଖୋର୍ଦ୍ଧା, ନୂଆପଡ଼ା, ବରଗଡ଼, ଯାଜପୁର, କୋରାପୁଟ, ପୁରୀ, ବଲାଙ୍ଗୀର, ଝାରସୁଗୁଡ଼ା, ମୟୂରଭଞ୍ଜ, ରାୟଗଡ଼ା, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ ସଂଗ୍ରହ କରାଯିବାର କାର୍ଯ୍ୟକ୍ରମ ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo